# କାର୍ଯ୍ୟକ୍ରମ ନିର୍ଦ୍ଦେଶାବଳୀ

## ଅଣତାଲିମ ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନଙ୍କ ପାଇଁ ଦୁଇବର୍ଷିଆ ପ୍ରାରମ୍ଭିକ ଶିକ୍ଷା ଡିପ୍ଲୋମା କାର୍ଯ୍ୟକ୍ରମ (ଡି.ଇଏଲ୍.ଇଡ଼ି)

ଶୈକ୍ଷିକ ବିଭାଗ


ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ

(ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ଏକ ସ୍ୱୟଂଶାସିତ ସଂସ୍ଥା)

ଏ-୨୪/୨୫, ଇନ୍ଷ୍ଟିଚ୍ୟୁସନାଲ୍ ଏରିଆ,ସେକ୍ଟର-୬୨, ଗୌତମ ବୁଦ୍ଧ ନଗର, ନୋଇଡ଼ା-୨୦୧୩୦୯

# NIOSକୁ ସ୍ୱାଗତ



ପ୍ରିୟ ଶିକ୍ଷାର୍ଥୀ,

**ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (*NIOS*),** ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ( *MHRD*) ର ଏକ ସ୍ୱୟଂ ଶାସିତ ଅନୁଷ୍ଠାନ । ଏହା ପୃଥିବୀର ସବୁଠାରୁ ବୃହତ୍ତମ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ, ଯେଉଁଠି ବର୍ତ୍ତମାନ ପାଖାପାଖି ୨୦.୨ ଲକ୍ଷ ଶିକ୍ଷାର୍ଥୀ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଅଛନ୍ତି । NIOSରେ ଜାତୀୟ ଓ ଆନ୍ତର୍ଜାତୀୟ ନେଟୱାର୍କ ଅଛି, ଦେଶ ଭିତରେ ଓ ବାହାରେ ଶୈକ୍ଷିକ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମ ପାଇଁ ୨୨ଟି ଆଞ୍ଚଳିକ କେନ୍ଦ୍ର, ୨ଟି ଉପକେନ୍ଦ୍ର ଓ ପାଖାପାଖି ୫୦୦୦ ଶୈକ୍ଷିକ କେନ୍ଦ୍ର ଅଛି । ମୁକ୍ତ ଓ ଦୂର ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଏହା ଶିକ୍ଷାର୍ଥୀ କେନ୍ଦ୍ରିକ ଗୁଣାତ୍ମକ ଶିକ୍ଷା, କୌଶଳର ବିକାଶ ଓ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହି କାର୍ଯ୍ୟକ୍ରମ ମୁଦ୍ରିତ ପାଠ୍ୟ ସାମଗ୍ରୀ ଓ ବ୍ୟକ୍ତିଗତ ସମ୍ପର୍କ କାର୍ଯ୍ୟକ୍ରମ(*Personal Contact programme*) ମାଧ୍ୟମରେ ସଂପାଦିତ ହୋଇଥାଏ । ଏଥିସହିତ ସୂଚନା ଓ ଯୋଗାଯୋଗ ଓ ପ୍ରଯୁକ୍ତି ବିଦ୍ୟା, ଦୃଶ୍ୟ- ଶ୍ରାବ୍ୟ କ୍ୟାସେଟ୍, ରେଡିଓ କାର୍ଯ୍ୟକ୍ରମ ଓ ଟେଲିକାଷ୍ଟ, *SWAYAM, MOOC* ଇତ୍ୟାଦି ମାଧ୍ୟମରେ ମଧ୍ୟ ସଂପାଦିତ ହୋଇଥାଏ ।

ପ୍ରାରମ୍ଭିକ ସ୍ତରରେ ଅଣତାଲିମ ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାର ଦାୟିତ୍ୱ NIOSକୁ ପ୍ରଦାନ କରାଯାଇଛି । NIOS, ଶିକ୍ଷା ସହିତ ଜଡ଼ିତ କେତେକ ଅନୁଷ୍ଠାନର ସହାୟତାରେ ଡି.ଏଲ୍. ଇଡି କାର୍ଯ୍ୟକ୍ରମର ପ୍ରଶିକ୍ଷଣ ପେଟିକା ପ୍ରସ୍ତୁତ କରିଛି । ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁସାରେ ଭାରତର ବିଭିନ୍ନ ରାଜ୍ୟର ଅଣତାଲିମପ୍ରାପ୍ତ ଶିକ୍ଷକମାନଙ୍କ ପାଇଁ NIOS, ଏହି ଅଭିନବ ଓ ଆହ୍ୱାନ ମୂଳକ ଦୁଇ ବର୍ଷିଆ ପ୍ରାରମ୍ଭିକ ଶିକ୍ଷାରେ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରଣୟନ କରୁଛି ।

ମୁଁ ଆପଣମାନଙ୍କୁ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (NIOS)ର ପ୍ରାରମ୍ଭିକ ଶିକ୍ଷାରେ ଡିପ୍ଲୋମା କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛି । ମୁଁ ଆପଣଙ୍କ ରାଜ୍ୟରେ ପ୍ରାରମ୍ଭିକ ବିଦ୍ୟାଳୟରେ ପିଲାମାନଙ୍କ ଶିକ୍ଷା ପାଇଁ ଆପଣଙ୍କ ଅବଦାନକୁ ପ୍ରଶଂସା କରୁଛି । ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁସାରେ, ସମସ୍ତ ବିଦ୍ୟାଳୟର ଶିକ୍ଷକମାନେ ବୃତ୍ତିଗତ ପ୍ରଶିକ୍ଷଣ ନେବା ଆବଶ୍ୟକ । ଆମେ ବୁଝୁଛୁ, ଶିକ୍ଷକ ଭାବରେ ଆପଣଙ୍କର ଅନେକ ଅଭିଜ୍ଞତା ଅଛି । ଭଲ ଶିକ୍ଷକ ପାଇଁ ଆବଶ୍ୟକୀୟ କୌଶଳ ମଧ୍ୟ ଆପଣଙ୍କ ପାଖରେ ଅଛି । ଯେହେତୁ ଏହା ଆଇନ୍‌ର ପରିଷରଭୁକ୍ତ ହୋଇସାରିଛି, ତେଣୁ ଆପଣଙ୍କୁ ଏହି କୋର୍ସକୁ ସମାପ୍ତି କରିବାକୁ ପଡ଼ିବ । ମୁଁ ନିଶ୍ଚିତ ଯେ, ଆପଣଙ୍କ ଜ୍ଞାନ ଓ ଅନୁଭୂତି, ଆପଣଙ୍କୁ ଏହି କାର୍ଯ୍ୟକ୍ରମ ସମାପ୍ତି କରିବାରେ ସାହାଯ୍ୟ କରିବ ।

ଏହି ଡି.ଇଏଲ୍.ଇଡି କାର୍ଯ୍ୟକ୍ରମ ମୁକ୍ତ ଓ ଦୂର ଶିକ୍ଷତା ମାଧ୍ୟମରେ ସଂପାଦିତ ହେବ । ଶିକ୍ଷକ ଭାବରେ ଆପଣଙ୍କ ନିୟମିତ କାର୍ଯ୍ୟାବଳୀକୁ ବାଧା ନଦେଇ ଏହା ଆପଣଙ୍କୁ ବୃତ୍ତିଗତ ଭାବରେ ପ୍ରଶିକ୍ଷିତ କରିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରିବ । ଆପଣ ବ୍ୟବହାର କରିବା ପାଇଁ ବିଶେଷ ଭାବରେ ସ୍ୱଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଛି, ଯାହା ଆପଣଙ୍କୁ କେବଳ ବୃତ୍ତିଗତ ଯୋଗ୍ୟତା ହାସଲ କରିବାରେ ସାହାଯ୍ୟ କରିବ ନାହିଁ ବରଂ ଆପଣଙ୍କୁ ଏକ ଉତ୍ତମ ଶିକ୍ଷକ ଭାବରେ ଗଢ଼ିତୋଳିବାର ସାହାଯ୍ୟ କରିବ ।

ଏହି ମହାନ ପ୍ରୟାସ ପାଇଁ ଅନେକ ଶୁଭେଚ୍ଛା ।

ଅଧ୍ୟକ୍ଷ

ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ

# ସୂଚୀପତ୍ର


| | | ପୃଷ୍ଠା ସଂଖ୍ୟା |
|---|---|---|
| ୧. | ଉପକ୍ରମ | ୪ |
| ୨. | କାର୍ଯ୍ୟକ୍ରମର ଉଦ୍ଦେଶ୍ୟ | ୫ |
| ୩. | ଉଦ୍ଦିଷ୍ଟ ସମୂହ ଏବଂ ଯୋଗ୍ୟତା ସର୍ତ୍ତାବଳୀ | ୫ |
| ୪. | ଅବଧି | ୫ |
| ୫. | କାର୍ଯ୍ୟକ୍ରମ ଗଠନ | ୫ |
| ୬. | ପାଠ୍ୟକ୍ରମ ଗଠନ | ୯ |
| ୭. | ବିସ୍ତୃତ ଏକକ ଗଠନ | ୧୫ |
| ୮. | ପାଠ୍ୟ ପ୍ରସ୍ତୁତି | ୫୦ |
| ୯. | କ୍ରେଡିଟ୍ ବ୍ୟବସ୍ଥା | ୫୦ |
| ୧୦. | ସହାୟତା ବ୍ୟବସ୍ଥା | ୫୧ |
| ୧୧. | କାର୍ଯ୍ୟକ୍ରମ ବିତରଣ ବ୍ୟବସ୍ଥା | ୫୧ |
| ୧୨. | ମୁଦ୍ରିତ ସାମଗ୍ରୀ | ୫୧ |
| ୧୩. | ଶିକ୍ଷାଦାନ ଅଧିବେଶନ | ୫୧ |
| ୧୪. | ପ୍ରାକ୍ଟିକାଲ ପରିଚାଳନା | ୫୨ |
| ୧୫. | କୋର୍ସ ଭିତ୍ତିକ ଆକଳନ | ୫୩ |
| ୧୬. | କାର୍ଯ୍ୟକ୍ରମ ଦେୟ | ୫୫ |
| ୧୭. | ଶିକ୍ଷାର୍ଥୀ ମୂଲ୍ୟାୟନ ଓ ପ୍ରମାଣପତ୍ର ପ୍ରଦାନ | ୫୫ |
| ୧୮. | ପରୀକ୍ଷା ନିମନ୍ତେ ପୁନଃ ଆବେଦନ | ୬୧ |
| ୧୯. | ପ୍ରମାଣପତ୍ରର ନକଲ ଓ ପରୀକ୍ଷା ପାଇଁ ଦେୟ | ୬୨ |
| ୨୦. | କାହାକୁ କେଉଁଥି ପାଇଁ ଯୋଗାଯୋଗ କରିବା | ୬୨ |
| ୨୧. | ପରିଶିଷ୍ଟ | ୬୪ |


□□□

## ୧. ଉପକ୍ରମ

ଶିକ୍ଷକ ଗୁଣାତ୍ମକ ନିର୍ଦ୍ଧାରଣ କରିବା ପାଇଁ ଶିକ୍ଷକ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଅଣ ତାଲିମ ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନେ ଜଣେ ଉତ୍ତମ ଗୁଣାବଳୀ ବିଷୟରେ ସଚେତନ ହେବାରୁ ବଂଚିତ ହୋଇଥାନ୍ତି । ଶିକ୍ଷକତା ଏକ ବୃତ୍ତି, ଯାହା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉତ୍ତମ ଗୁଣାବଳୀ, କୌଶଳର ବିକାଶ କରାଯାଇଥାଏ ।

ସମସ୍ତ ଅଣତାଲିମ ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନେ ଆବଶ୍ୟକୀୟ ଯୋଗ୍ୟତା ହାସଲକୁ ନିଶ୍ଚିତ କରିବା ପାଇଁ, ସର୍ବଶିକ୍ଷା ଅଭିଯାନ ୬୦ ଦିବସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । କିନ୍ତୁ ଏହି ପ୍ରଶିକ୍ଷଣ NCTE ସ୍ଥିରୀକୃତ କରିଥିବା ପ୍ରଶିକ୍ଷଣ ଯୋଗ୍ୟତା ସହିତ ସମତୁଲ୍ୟ ନୁହେଁ, କିନ୍ତୁ ଶିକ୍ଷା ଅଧିକାର ଅଧିନିୟମ ୨୦୦୯, ୧ ଏପ୍ରିଲ ୨୦୧୦ରେ କାର୍ଯ୍ୟକ୍ରମ ହେବା ପରେ, ଏହା ଆବଶ୍ୟକ ହେଲା ଯେ ଯେଉଁ ପ୍ରାରମ୍ଭିକ ସ୍ତରର ଶିକ୍ଷକମାନେ ତାଲିମ୍ ପାଇନାହାନ୍ତି, ସେମାନଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ଯୋଗ୍ୟତା ହାସଲ କରିବାକୁ ପଡ଼ିବ ।

ଏହି ପୃଷ୍ଠଭୂମିରେ, ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମସ୍ତ ଅଣତାଲିମପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନଙ୍କୁ ମୁକ୍ତ ଓ ଦୂର ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପାଦନ କରିବାକୁ ନିଷ୍ପତ୍ତି ନିଆଗଲା । ଅଣତାଲିମ ପ୍ରାପ୍ତ କାର୍ଯ୍ୟରତ ଶିକ୍ଷକମାନଙ୍କର ପ୍ରଶିକ୍ଷଣ କୌଶଳ ନିମ୍ନଲିଖିତ ନିୟମ ଉପରେ ଆଧାରିତ ଥିବା ଆବଶ୍ୟକ ।

୧. ସମସ୍ତ ପିଲାଙ୍କ ପାଇଁ ଶିଶୁ ସୁଲଭ ଓ ପ୍ରତିବନ୍ଧ ମୁକ୍ତ ଶିକ୍ଷା ଯୋଗାଇ ଦେବା ।

୨. ଶିଶୁ କେନ୍ଦ୍ରିକ ଶିକ୍ଷତାକୁ ଉତ୍ସାହିତ କରିବା, ଯେଉଁଠି ପିଲାମାନଙ୍କ ଅନୁଭୂତି ଭିତ୍ତିକ ଶିକ୍ଷତା, ଅନୁସନ୍ଧାନ, ଆବିଷ୍କାର ଇତ୍ୟାଦି କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବ ।

୩. ବିଭିନ୍ନ ବିଷୟରେ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ରେ ବର୍ଣ୍ଣିତ ମାର୍ଗଦର୍ଶୀ ନୀତିକୁ ଗୁରୁତ୍ୱ ଦିଆଯାଇଛି ।

   - ବିଦ୍ୟାଳୟ ବାହାର ଜୀବନ ସହିତ ଜ୍ଞାନକୁ ଯୋଡ଼ିବା
   - ଘୋଷା ପଦ୍ଧତିରୁ ଶିକ୍ଷାକୁ ମୁକ୍ତ କରିବା
   - ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରହି ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପାଠ୍ୟକ୍ରମକୁ ସମୃଦ୍ଧ କରିବା
   - ପରୀକ୍ଷାକୁ ଅଧିକ ନମନୀୟ କରିବା ଓ ଶ୍ରେଣୀଗୃହ ଜୀବନ ସହିତ ସମନ୍ୱିତ କରିବା
   - ଦେଶର ଗଣତାନ୍ତ୍ରିକ, ରାଜନୈତିକ ବ୍ୟବସ୍ଥା ମଧ୍ୟରେ ସଂପୃକ୍ତ ଆଗ୍ରହୀ ତତ୍ତ୍ୱର ସୂଚନା ଅନୁଯାୟୀ ସ୍ୱଷ୍ଟ, ପରିଚୟର ପୁଷ୍ଟିସାଧନ କରିବା

୪. ନିରନ୍ତର ଭାବରେ ଭୟଶୂନ୍ୟ ଆକଳନ ବ୍ୟବସ୍ଥା ପ୍ରଣୟନ କରିବା । ଶିକ୍ଷକମାନଙ୍କ ପାଇଁ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।

୫. ଶିକ୍ଷା ଅଧିକାର ଆଇନ ୨୦୦୯ରେ ଶାରୀରିକ ଦଣ୍ଡକୁ ନିଷିଦ୍ଧ କରାଯାଇଛି ଏଥି ସହିତ ଶିକ୍ଷକମାନଙ୍କ ଘରୋଇ ଶିକ୍ଷାଦାନକୁ ମଧ୍ୟ । ଶିକ୍ଷକ ପ୍ରସ୍ତୁତ ଯୋଜନାରେ ଶ୍ରେଣୀଗୃହକୁ କିପରି ଶିଶୁ ସୁଲଭ କରିବା ଫଳରେ ଆଇନ୍ ଅନୁଯାୟୀ ପ୍ରତ୍ୟେକ ପିଲା ଭଲରେ ଶିକ୍ଷା ପାଇବେ, ଏହି ବିଷୟରେ ଗୁରୁତ୍ୱ ଦିଆଯାଇଛି ।

## ୨. କାର୍ଯ୍ୟକ୍ରମର ଉଦ୍ଦେଶ୍ୟ

କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକ ହେଉଛି

- ଶିକ୍ଷକମାନଙ୍କୁ ସେମାନଙ୍କ ପରିସ୍ଥିତିରେ ଥିବା ବିଭିନ୍ନତାକୁ ବୁଝାଇବା ଓ ସେଗୁଡ଼ିକୁ ମୁକାବିଲା କରିବା;
- ଶ୍ରେଣୀ କକ୍ଷ ଶିକ୍ଷା ପ୍ରକ୍ରିୟାରେ ଗୁଣାତ୍ମକତାକୁ ବିକାଶ କରିବାରେ ସଶକ୍ତିକରଣ କରିବା;
- ବିଦ୍ୟାଳୟରେ ଶିଶୁ ସୁଲଭ, ଶିଶୁକେନ୍ଦ୍ରିକ ଶିକ୍ଷାଦାନକୁ ପ୍ରଣୟନ କରିବାର ଦକ୍ଷତାକୁ ବିକାଶ କରାଇବା;
- ଉପଯୁକ୍ତ ଶିକ୍ଷାଦାନ- ଶିକ୍ଷକ ପ୍ରକ୍ରିୟା ସହିତ ପରିଚିତ କରାଇବା
- ପିଲାମାନଙ୍କ ମଧ୍ୟରେ ନେତୃତ୍ୱ ଓ ସମସ୍ୟା ସମାଧାନ କୌଶଳର ବିକାଶ କରାଇବା ପାଇଁ ସହାୟତା ଦେବା
- ଶିଶୁ ଅଧିକାରର ସୁରକ୍ଷା ପାଇଁ ସଚେତନ କରାଇବା ।

## ୩. ଉଦ୍ଦିଷ୍ଟ ସମୂହ ଓ ଯୋଗ୍ୟତା ସର୍ତ୍ତାବଳୀ

ପ୍ରାଥମିକ ସ୍ତରରେ (ପ୍ରଥମରୁ ପଞ୍ଚମ) କାର୍ଯ୍ୟ କରୁଥିବା ଅଣତାଲିମ ପ୍ରାପ୍ତ ଶିକ୍ଷକମାନେ +୨ ସ୍ତରରେ ୫୦% ନିମ୍ନ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ (SC/ST/OBC/PH ପିଲାମାନଙ୍କ ପାଇଁ ୪୫%) ଏବଂ ଉଚ୍ଚପ୍ରାଥମିକ ସ୍ତର (୬ଷ୍ଠ ରୁ ୮ମ ଶ୍ରେଣୀ)ରେ କାର୍ଯ୍ୟ କରୁଥିବା ଅଣତାଲିମ ପ୍ରାପ୍ତ ଶିକ୍ଷକମାନେ ସ୍ନାତକୋତ୍ତର (BA/BSc)ପାସ୍ କରିଥିବେ । ଏହି ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବନ ବାଧ୍ୟତାମୂଳକ ।

## ୪. ଅବଧି

କାର୍ଯ୍ୟକ୍ରମର ଅବଧି ହେଉଛି ଦୁଇ ବର୍ଷ ।

## ୫. କାର୍ଯ୍ୟକ୍ରମ ଗଠନ

ଏହି କାର୍ଯ୍ୟକ୍ରମଟି ଶିକ୍ଷକମାନେ ବିଦ୍ୟାଳୟରେ ଯେଉଁସବୁ କାର୍ଯ୍ୟ କରିବାକୁ ଆଶା କରାଯାଏ, ସେହି ସବୁ ଗୁଣାବଳୀ ଉପରେ ଆଧାରିତ, ଯେପରି ଶ୍ରେଣୀ କାର୍ଯ୍ୟରେ ନିୟୋଜିତ ହେବା, ଗୋଷ୍ଠୀ ସଂଚାଳନ, ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀରେ ଅଂଶଗ୍ରହଣ କରିବା, କିମ୍ବା ନିମ୍ନ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତ କରିବା । କାର୍ଯ୍ୟକ୍ରମ ଗଠନଟି ନିମ୍ନରେ ଉପସ୍ଥାପନା କରାଯାଇଛି ।

| କ୍ରମିକ ସଂଖ୍ୟା | ପାଠ୍ୟକ୍ରମ ବିଭାଗ ଓ ଶିରୋନାମା | କ୍ରେଡିଟ୍ ଗୁରୁତ୍ୱ | | ମନ୍ତବ୍ୟ |
|---|---|---|---|---|
| | | ତତ୍ତ୍ୱ | ପ୍ରାକ୍ଟିକାଲ | |
| ୧. | ବିଭାଗ (ପ୍ରାସଙ୍ଗିକ ବିଷୟ)<br>୧. ଭାରତରେ ପ୍ରାରମ୍ଭିକ ଶିକ୍ଷା: ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣ<br>୨. ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାଙ୍କୁ ବୁଝିବା<br>୩. ପ୍ରାରମ୍ଭିକ ବିଦ୍ୟାଳୟରେ ଶୈକ୍ଷିକ ପ୍ରକ୍ରିୟା<br>୪. ଗୋଷ୍ଠୀ ଓ ପ୍ରାରମ୍ଭିକ ଶିକ୍ଷା । | ୧୮<br>୦୩<br>୦୬<br>୦୬<br>୦୩ | ୦୬<br>୦୧<br>୦୨<br>୦୨<br>୦୧ | ସମସ୍ତ ପାଠ ବାଧ୍ୟତାମୂଳକ |
| ୨. | ବିଭାଗ -୨ (ପ୍ରାରମ୍ଭିକ ସ୍ତରରେ ଶିକ୍ଷାଦାନ -ଶିକ୍ଷକ)<br>୧. ଭାଷା<br>୨. ଗଣିତ<br>୩. ପରିବେଶ ଅଧ୍ୟୟନ<br>୪. କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | ୧୨<br>୩<br>୩<br>୩<br>୩ | ୪<br>୧<br>୧<br>୧<br>୧ | ସମସ୍ତ ପାଠ ବାଧ୍ୟତାମୂଳକ |
| ୩. | ବିଭାଗ -୩ (ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷାଦାନ-ଶିକ୍ଷଣ)<br>୧. ସାମାଜିକ ବିଜ୍ଞାନ<br>୨. ବିଜ୍ଞାନ | ୩<br>୩<br>୩ | ୧<br>୧<br>୧ | ଏହି ବିଭାଗରୁ ଗୋଟିଏ ବିଷୟ ଚୟନ କରାଯିବ । |
| ୪. | ବିଭାଗ -୪ (ବିଦ୍ୟାଳୟରେ କାର୍ଯ୍ୟକ୍ରମ)<br>୧. ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟାବଳୀ<br>୨. କର୍ମଶାଳା, ଭିତ୍ତିକ କାର୍ଯ୍ୟାବଳୀ<br>୩. ଅଭ୍ୟାସ ଶିକ୍ଷାଦାନ | -<br>-<br>-<br>- | ୨୦<br>୪<br>୮<br>୮ | ସମସ୍ତ କୋର୍ସ ବାଧ୍ୟତାମୂଳକ । କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀର ଗୁରୁତ୍ୱ ସମଭାବରେ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ମଧ୍ୟରେ ଭାଗ କରାଯିବ । |
| | **ମୋଟ** | **୩୩** | **୩୧** | |

ମୋଟ କ୍ରେଡ଼ିଟ ଗୁରୁତ୍ୱ ୬୪. ଯେହେତୁ ବିଭାଗ ୩ ରେ ଚୟନ କରିବାର ବ୍ୟବସ୍ଥା ଅଛି, ମୋଟ ଏହି କାର୍ଯ୍ୟକ୍ରମ ପାଇଁ ୬୮ କ୍ରେଡ଼ିଟ ଅଛି ।

## ପ୍ରଥମ ଓ ଦ୍ୱିତୀୟ ବର୍ଷରେ ପାଠ୍ୟକ୍ରମର ବିଭାଗୀକରଣ ନିମ୍ନରେ ଦିଆଯାଇଛି ।

### ପ୍ରଥମ ବର୍ଷ (୩୨)

### କେନ୍ଦ୍ରୀୟ ବିଷୟ (ବିଭାଗ -୧)

| କ୍ରମିକ ସଂଖ୍ୟା | ବିଷୟର ନାମ | ବ୍ଲକ | ଗୁରୁତ୍ୱ T+ P = ମୋଟ |
|---|---|---|---|
| ୧. | ଭାରତରେ ପ୍ରାରମ୍ଭିକ ଶିକ୍ଷା ; ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣ | ୩ | ୩+୧=୪ |
| ୨. | ପ୍ରାରମ୍ଭିକ ବିଦ୍ୟାଳୟର ଶୈକ୍ଷିକ ପ୍ରକ୍ରିୟା | ୪ | ୬+୨=୮ |
| | **ଶିକ୍ଷାଦାନ ବିଷୟ(ବିଭାଗ-୨)** | | |
| ୩. | ଭାଷା | ୩ | ୩+୧=୪ |
| ୪. | ଗଣିତ | ୩ | ୩+୧=୪ |
| ୫. | ପରିବେଶ ଅଧ୍ୟୟନ | ୩ | ୩+୧=୪ |
| | **ପ୍ରାକ୍ଟିକାଲ (ବିଭାଗ-୪)** | | |
| ୬. | ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟାବଳୀ | | ୪ |
| ୭. | କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ | | ୪ |

T = ତତ୍ତ୍ୱ

P = ପ୍ରାକ୍ଟିକାଲ

## ଦ୍ୱିତୀୟ-ବର୍ଷ (୩୨)

## କେନ୍ଦ୍ରୀୟ ବିଷୟ (ବିଭାଗ -୧)

| କ୍ରମିକ ସଂଖ୍ୟା | ବିଷୟର ନାମ | ବ୍ଲକ | ଗୁରୁତ୍ୱ T+ P = ମୋଟ |
|---|---|---|---|
| ୧. | ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାଙ୍କୁ ବୁଝିବା | ୪ | ୬+୨=୮ |
| ୨. | ଗୋଷ୍ଠୀ ଓ ପ୍ରାରମ୍ଭିକ ଶିକ୍ଷା | ୩ | ୩+୧=୪ |
| | **ଶିକ୍ଷାଦାନ ବିଷୟ (ବିଭାଗ-୨)** | | |
| ୩. | କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଓ କର୍ମ ଶିକ୍ଷା | ୩ | ୩+୧=୪ |
| | **ଶିକ୍ଷାଦାନ ବିଭାଗ (ବିଭାଗ-୩)** | | |
| ୪. | ସାମାଜିକ ବିଜ୍ଞାନ | ୩ | ୩+୧=୪ |
| ୫. | ବିଜ୍ଞାନ | ୨ | ୩+୧=୪ |
| | **ପ୍ରାକ୍ଟିକାଲ ବିଷୟ (ବିଭାଗ-୪)** | | |
| ୬. | କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ | | ୪ |
| ୭. | ଅଭ୍ୟାସ ଶିକ୍ଷାଦାନ | | ୮ |

T = ତତ୍ତ୍ୱ

P = ପ୍ରାକ୍ଟିକାଲ

୭. ପାଠ୍ୟକ୍ରମ ଗଠନ

| କୋଡ୍ | ବିଷୟର ନାମ | ବ୍ଲକର ନାମ | ଏକକର ନାମ | କ୍ରେଡ଼ିଟ |
|---|---|---|---|---|
| ୫୦୧ | ଭାରତରେ ପ୍ରାରମ୍ଭିକ ଶିକ୍ଷା : ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣ | ବ୍ଲକ-୧: ଭାରତରେ ପ୍ରାରମ୍ଭିକ ଶିକ୍ଷା : ଅତୀତକୁ ଅନୁଧ୍ୟାନ<br>ବ୍ଲକ୍ -୨ : ସାଂପ୍ରତିକ ପରିସ୍ଥିତିରେ ଭାରତରେ ପ୍ରାରମ୍ଭିକ ଶିକ୍ଷା-୧<br>ବ୍ଲକ୍ -୩: ସାଂପ୍ରତିକ ପରିସ୍ଥିତିରେ ଭାରତରେ ପ୍ରାରମ୍ଭିକ ଶିକ୍ଷା-୨ | ଏକକ ୧ : ଭାରତୀୟ ଶିକ୍ଷା ବ୍ୟବସ୍ଥା - ୧<br>ଏକକ ୨ : ଭାରତୀୟ ଶିକ୍ଷା ବ୍ୟବସ୍ଥା - ୨<br>ଏକକ ୩ : ଶିକ୍ଷା ଏକ ମୌଳିକ ଅଧିକାର<br>ଏକକ ୪ : ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ କରଣ (UEE)ର ସାଂଗଠନିକ ରୂପ<br>ଏକକ ୫ : UEE- I ର କୌଶଳ<br>ଏକକ ୬ : UEE- II ର କୌଶଳ : ସର୍ବଶିକ୍ଷା ଅଭିଯାନ (SSA)<br>ଏକକ ୭ : UEE ର ଯୋଜନା ଓ ପରିଚାଳନା<br>ଏକକ ୮ : ପ୍ରାରମ୍ଭିକ ଶିକ୍ଷା ପାଇଁ ଶିକ୍ଷକ ପ୍ରସ୍ତୁତି<br>ଏକକ ୯ : ଅନଗ୍ରସର ପିଲାଙ୍କ ପାଇଁ ଶିକ୍ଷକ ପ୍ରସ୍ତୁତି<br>ଏକକ ୧୦ : ପ୍ରାରମ୍ଭିକ ଶିକ୍ଷାରେ ଆନ୍ତର୍ଜାତିକ ସ୍ଥିତି | ୩+୧=୪ |
| ୫୦୬ | ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାଙ୍କୁ ବୁଝିବା | ବ୍ଲକ-୧ : ପିଲାଙ୍କ ବୃଦ୍ଧି ଓ ବିକାଶ ଓ ମୂଳତତ୍ତ୍ୱ<br>ବ୍ଲକ୍ -୨ : ପିଲାମାନଙ୍କ ବ୍ୟକ୍ତିତ୍ୱର ବିକାଶ<br>ବ୍ଲକ୍ -୩: ଅନ୍ତର୍ନିବେଶୀ ଶିକ୍ଷା<br>ବ୍ଲକ୍ -୪ : ବାଳିକା ଓ ଶିଶୁ ଅଧିକାର | ଏକକ ୧ : ପିଲାଙ୍କୁ ବୁଝିବା<br>ଏକକ ୨ : ବଂଶ ଓ ପରିବେଶର ଭୂମିକା<br>ଏକକ ୩ : ବ୍ୟକ୍ତିତ୍ୱର ବିକାଶ ଓ ଏହାର ଆକଳନ<br>ଏକକ ୪ : ଚିନ୍ତନ କୌଶଳର ବିକାଶ<br>ଏକକ ୫ : ଆତ୍ମବିକାଶ<br>ଏକକ ୬ : ପିଲାମାନଙ୍କର ସୃଜନଶୀଳତାର ବିକାଶ<br>ଏକକ ୭ : ଅନ୍ତର୍ନିବେଶୀ ଶିକ୍ଷାର ଧାରଣା<br>ଏକକ ୮ : ସ୍ୱତନ୍ତ୍ର ଆବଶ୍ୟକ ଥିବା ଶିକ୍ଷାର୍ଥୀ (CWSN) ଙ୍କ ବିଷୟରେ ଧାରଣା<br>ଏକକ ୯ : CWSN ଶିକ୍ଷା<br>ଏକକ ୧୦: ସମଯୋଜନ କୌଶଳର ବିକାଶ (DAS), ସହାୟକ ଯନ୍ତ୍ର (AS) , ସ୍ୱତନ୍ତ୍ର ଥେରାପି (ST) ର ବିକାଶ<br>ଏକକ ୧୧ : ଲିଙ୍ଗଗତ ବିଭେଦତା<br>ଏକକ ୧୨ : ବାଳିକାମାନଙ୍କ ସଶକ୍ତୀକରଣ<br>ଏକକ ୧୩ : ଶିଶୁ ଅଧିକାର ଓ ପ୍ରାପ୍ୟ | ୩+୧=୪ |

| କୋଡ୍ | ବିଷୟର ନାମ | ବ୍ଲକର ନାମ | ଏକକର ନାମ | କ୍ରେଡ଼ିଟ T+P=ମୋଟ |
|---|---|---|---|---|
| ୫୦୨ | ପ୍ରାରମ୍ଭିକ ବିଦ୍ୟାଳୟର ଶୈକ୍ଷିକ ପ୍ରକ୍ରିୟା | ବ୍ଲକ-୧: ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା<br>ବ୍ଲକ୍ -୨: ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାର ପରିଚାଳନା<br>ବ୍ଲକ୍-୩: ଶ୍ରେଣୀ କକ୍ଷ ଶିକ୍ଷଣର ସାଂପ୍ରତିକ ପରିସ୍ଥିତିର ସମସ୍ୟା<br>ବ୍ଲକ୍-୪: ଶିକ୍ଷଣର ଆକଳନ | ଏକକ ୧ : ଆଦ୍ୟ ବିଦ୍ୟାଳୟ ସ୍ତରରେ ଶିକ୍ଷଣ ଓ ଶିକ୍ଷାଦାନ<br>ଏକକ ୨ : ଶିକ୍ଷଣ ଓ ଶିକ୍ଷାଦାନ ପନ୍ଥା<br>ଏକକ ୩ : ଶିକ୍ଷଣ ଓ ଶିକ୍ଷାଦାନ ପଦ୍ଧତି<br>ଏକକ ୪ : ଶିକ୍ଷଣ ଓ ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ଓ ପଦ୍ଧତି<br>ଏକକ ୫ : ଶ୍ରେଣୀକକ୍ଷ ପ୍ରକ୍ରିୟାର ପରିଚାଳନା<br>ଏକକ ୬ : ଶିକ୍ଷାଦାନ ଏବଂ ଶିକ୍ଷଣ ସାମଗ୍ରୀ<br>ଏକକ ୭ : ବହୁ ଶ୍ରେଣୀ ଓ ବହୁସ୍ତର ପରିସ୍ଥିତିର ପରିଚାଳନା<br>ଏକକ ୮ : ଶିକ୍ଷଣ କାର୍ଯ୍ୟର ଯୋଜନା<br>ଏକକ ୯ : ସମନ୍ୱିତ ଶିକ୍ଷଣ - ଶିକ୍ଷାଦାନ ପ୍ରକ୍ରିୟା<br>ଏକକ ୧୦: ଶିକ୍ଷଣ ପ୍ରକ୍ରିୟାର ପ୍ରାସଙ୍ଗିକତା ଓ ସାମଗ୍ରୀ<br>ଏକକ ୧୧: ଶିକ୍ଷଣରେ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତି ବିଦ୍ୟା<br>ଏକକ ୧୨ : କମ୍ପ୍ୟୁଟର ସହାୟତା ଶିକ୍ଷଣ<br>ଏକକ ୧୩ : ଆକଳନ ଓ ମୂଲ୍ୟାୟନର ମୌଳିକ ଧାରଣା<br>ଏକକ ୧୪ : ଆକଳନର ସାଧନ ଓ କୌଶଳ<br>ଏକକ ୧୫ : ଶିକ୍ଷଣର ଉନ୍ନତି ପାଇଁ ଆକଳନର ଫଳାଫଳକୁ ବ୍ୟବହାର କରିବା<br>ଏକକ ୧୬ : ଶିକ୍ଷଣ ଓ ଆକଳନ | ୩+୧=୪ |
| ୫୦୭ | ଗୋଷ୍ଠୀ ଓ ପ୍ରାରମ୍ଭିକ ଶିକ୍ଷା | ବ୍ଲକ-୧ : ସମାଜ, ଗୋଷ୍ଠୀ ଓ ବିଦ୍ୟାଳୟ<br>ବ୍ଲକ୍ -୨ : ବିଦ୍ୟାଳୟ ବ୍ୟବସ୍ଥା<br>ବ୍ଲକ୍ -୩: ବିଦ୍ୟାଳୟ ଗୋଷ୍ଠୀର ପରିଚାଳନା | ଏକକ ୧ : ସମାଜ ଓ ଶିକ୍ଷା<br>ଏକକ ୨ : ଗୋଷ୍ଠୀ ଓ ବିଦ୍ୟାଳୟ<br>ଏକକ ୩ : ବିଦ୍ୟାଳୟ ଓ ଶିକ୍ଷାରେ ଗୋଷ୍ଠୀର ଅବଦାନ<br>ଏକକ ୪ : ASS ଓ RTE ଅନୁସାରେ ଗୋଷ୍ଠୀ ସଂପୃକ୍ତି<br>ଏକକ ୫ : ଶିଶୁ ଅଧିକାର ଓ ବିଦ୍ୟାଳୟର ସୁବିଧା<br>ଏକକ ୬ : ଶିକ୍ଷକ ଓ ବିଦ୍ୟାଳୟ<br>ଏକକ ୭ : ଶିକ୍ଷକ ନେତୃତ୍ୱ<br>ଏକକ ୮ : ଶିକ୍ଷା ସଂସ୍ଥା ସହିତ ସଂପର୍କ<br>ଏକକ ୯ : ଗୋଷ୍ଠୀ ସଂଚାଳନ (ଅଭ୍ୟାସ ଭିତିକ)<br>ଏକକ : ୧୦ ବିଦ୍ୟାଳୟ ପରିଚାଳନା<br>ଏକକ :୧୧ ବିଦ୍ୟାଳୟ ଓ ଗୋଷ୍ଠୀର ସମ୍ବଳ ପରିଚାଳନା<br>ଏକକ ୧୨ : ବିଦ୍ୟାଳୟ ଗୋଷ୍ଠୀ ଭାଗିଦାରିତାର ପରିଚାଳନା | ୩+୧=୪ |

| | | | | |
|---|---|---|---|---|
| ୫୦୩ | ପ୍ରାରମ୍ଭିକ ସ୍ତରରେ ଭାଷା ଶିକ୍ଷଣ | ବ୍ଲକ-୧ : ଭାଷାକୁ ବୁଝିବା<br><br>ବ୍ଲକ୍ -୨ : ଭାଷା ଶିକ୍ଷଣ ସଂପର୍କିତ କୌଶଳ<br><br>ବ୍ଲକ୍ -୩: ଶ୍ରେଣୀକକ୍ଷରେ ଭାଷା ଶିକ୍ଷଣ | ଏକକ ୧ : ଭାଷା ସହିତ ପରିଚିତ<br>ଏକକ ୨ : ଭାରତରେ ଭାଷା<br>ଏକକ ୩ : ଭାଷା ଶିକ୍ଷାଦାନ - ଶିକ୍ଷଣ<br>ଏକକ ୪ : ଶ୍ରବଣ-କଥନ କୌଶଳ<br>ଏକକ ୫ : ପଠନ କୌଶଳ<br>ଏକକ ୬ : ଲିଖନ କୌଶଳ<br>ଏକକ ୭ : ସାହିତ୍ୟ<br>ଏକକ ୮ : ଭାଷା ଶିକ୍ଷଣ ପାଇଁ ପାଠ ଯୋଜନା<br>ଏକକ ୯ : ଭାଷା ଶିକ୍ଷଣ ପାଇଁ ସାମଗ୍ରୀ<br>ଏକକ ୧୦: ଭାଷାରେ ଆକଳନ ଓ ମୂଲ୍ୟାୟନ | ୩+୧=୪ |
| ୫୦୪ | ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷଣ | ବ୍ଲକ୍ -୧: ପ୍ରାରମ୍ଭିକ ବିଦ୍ୟାଳୟର ଗଣିତ ଶିକ୍ଷଣର ଗୁରୁତ୍ୱ<br><br>ବ୍ଲକ ୨ : ବିଷୟବସ୍ତୁ ଓ ପଦ୍ଧତର ସମୃଦ୍ଧି କରଣ<br><br>ବ୍ଲକ୍ -୩ : ଗଣିତରେ ଶିକ୍ଷାର୍ଥୀ ଆକଳନ | ଏକକ ୧ : ପିଲାମାନେ ଗଣିତ କିପରି ଶିଖନ୍ତି<br>ଏକକ ୨ : ଗଣିତ ଓ ଗଣିତ ଶିକ୍ଷା - ଗୁରୁତ୍ୱ, ପରିସର ଓ ପ୍ରାସଙ୍ଗିକତା<br>ଏକକ ୩ : ଗଣିତ ଶିକ୍ଷାର ଲକ୍ଷ୍ୟ ଓ ଦୃଷ୍ଟିକୋଣ<br>ଏକକ ୪ : ଶିକ୍ଷାର୍ଥୀ ଓ ଶିକ୍ଷଣ କେନ୍ଦ୍ରିକ ପନ୍ଥା<br>ଏକକ ୫ : ସଂଖ୍ୟା, ସଂଖ୍ୟାର ପ୍ରକ୍ରିୟା<br>ଏକକ ୬ : ଆକୃତି ଓ ତ୍ରିମାତ୍ରିକ ଆକୃତିଗତ ସଂପର୍କ<br>ଏକକ ୭ : ମାପ<br>ଏକକ ୮ : ତଥ୍ୟ ପରିଚାଳନା<br>ଏକକ ୯ : ବୀଜଗଣିତ ହେଉଛି ପାଟୀଗଣିତର ବ୍ୟାପକୀକରଣ<br>ଏକକ ୧୦: ଗଣିତ ଶିକ୍ଷଣର ଆକଳନ<br>ଏକକ ୧୧: ଆକଳନର ସାଧନୀ ଓ ଉପାୟ<br>ଏକକ ୧୨: ଗଣିତ ଶିକ୍ଷଣର ଆକଳନର ପରବର୍ତ୍ତୀ କାର୍ଯ୍ୟକ୍ରମ | ୩+୧=୪ |
| ୫୦୫ | ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ (EVS) ଶିକ୍ଷଣ | ବ୍ଲକ୍ -୧ : ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର (EVS) ଗୁରୁତ୍ୱ<br><br>ବ୍ଲକ-୨ : EVS ର ପାଠ୍ୟକ୍ରମ ଓ ଶୈକ୍ଷିକ ଧାରା | ଏକକ ୧ : ଶିକ୍ଷଣର ପ୍ରାରମ୍ଭିକ ସ୍ତରରେ ପରିବେଶର ଗୁରୁତ୍ୱ<br>ଏକକ ୨ : ପ୍ରାଥମିକ ସ୍ତରରେ EVS ଶିକ୍ଷାଦାନ ଶିକ୍ଷଣର ଉଦ୍ଦେଶ୍ୟ ଓ ପରିସର<br>ଏକକ ୩ : ପ୍ରାଥମିକ ସ୍ତରରେ EVS ଧାରଣାର ଶୈକ୍ଷିକ ଧାରା<br>ଏକକ ୪: ପ୍ରାଥମିକ ସ୍ତରରେ EVS ପାଠ୍ୟକ୍ରମ ସଂପର୍କିତ ପ୍ରସ୍ତାବ<br>ଏକକ ୫ :EVS ର ଶିକ୍ଷାଦାନ - ଶିକ୍ଷଣ ପନ୍ଥା | |

| | | | | |
|---|---|---|---|---|
| | | ବ୍ଲକ୍ -୩ : EVS ଶିକ୍ଷଣର ମୂଲ୍ୟାୟନ | ଏକକ ୬ : EVS ଶିକ୍ଷାଦାନ - ଶିକ୍ଷଣ ପଦ୍ଧତି<br>ଏକକ ୭ : EVS ଶିକ୍ଷାଦାନ- ଶିକ୍ଷଣ ଯୋଜନା<br>ଏକକ ୮ : EVS ଶିକ୍ଷାଦାନ- ଶିକ୍ଷଣ ପାଇଁ ସମ୍ବଳ ଓ ସାମଗ୍ରୀ<br>ଏକକ ୯ : EVS ଶିକ୍ଷଣର ଆକଳନ<br>ଏକକ ୧୦: EVS ଶିକ୍ଷଣର ମୂଲ୍ୟାୟନ ପାଇଁ ଉପାୟ ଓ ସାଧନ<br>ଏକକ ୧୧: ପିଲାମାନଙ୍କର ବୋଧଗମ୍ୟତାକୁ ବୃଦ୍ଧି କରିବା ପାଇଁ ଆକଳନର ଫଳାଫଳକୁ ବ୍ୟବହାର କରିବା । | |
| ୫୦୮ | ପ୍ରାରମ୍ଭିକ ସ୍ତରରେ କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଓ କର୍ମ ଭିତ୍ତିକ ଶିକ୍ଷାର ଶିକ୍ଷଣ | ବ୍ଲକ୍ -୧ : କଳା ଶିକ୍ଷା | ଏକକ ୧ : କଳା ଓ କଳା ଶିକ୍ଷାକୁ ବୁଝିବା (ତତ୍ତ୍ୱ)<br>ଏକକ ୨ : ଦୃଶ୍ୟକଳା ଓ କାରୁକଳା (ପ୍ରାକ୍ଟିକାଲ)<br>ଏକକ ୩ : ଅଭିନୟ କଳା (ପ୍ରାକ୍ଟିକାଲ)<br>ଏକକ ୪ : ପ୍ରାରମ୍ଭିକ ଶ୍ରେଣୀରେ କଳା ଶିକ୍ଷାର ଯୋଜନା ଓ ସଂଗଠନ | ୩+୧=୪ |
| | | ବ୍ଲକ୍-୨ : ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | ଏକକ ୫ : କଳା ଶିକ୍ଷାର ମୂଲ୍ୟାୟନ<br>ଏକକ ୬ : ସ୍ୱାସ୍ଥ୍ୟର ଅର୍ଥ ଓ ଗୁରୁତ୍ୱ<br>ଏକକ ୭ : ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଦିଗ<br>ଏକକ ୮ : ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା | |
| | | ବ୍ଲକ୍ -୩ : କର୍ମଭିତ୍ତିକ ଶିକ୍ଷା | ଏକକ ୯ : ଶାରୀରିକ ଶିକ୍ଷାର ଅର୍ଥ<br>ଏକକ ୧୦ : ଶାରୀରିକ ଶିକ୍ଷାର ଯୋଜନା ଓ ସଂଗଠନ<br>ଏକକ ୧୧: କ୍ରୀଡ଼ା, ଖେଳ ଓ ଯୋଗ<br>ଏକକ ୧୨: କାର୍ଯ୍ୟ ଶିକ୍ଷାର ଧାରଣା (ତତ୍ତ୍ୱ)<br>ଏକକ ୧୩: କାର୍ଯ୍ୟ ଶିକ୍ଷାର ପ୍ରଣୟନ (ତତ୍ତ୍ୱ)<br>ଏକକ ୧୪: କାର୍ଯ୍ୟଶିକ୍ଷାର ଦକ୍ଷତା ବୃଦ୍ଧି (ପ୍ରାକ୍ଟିକାଲ)<br>ଏକକ ୧୫: ଗୋଷ୍ଠୀ ଓ କାର୍ଯ୍ୟ ଶିକ୍ଷା<br>ଏକକ ୧୬: କାର୍ଯ୍ୟ ଶିକ୍ଷାର ମୂଲ୍ୟାୟନ (ତତ୍ତ୍ୱ ଓ ପ୍ରାକ୍ଟିକାଲ) | |

# ଅତିରିକ୍ତ ଶିକ୍ଷଣ ବିଷୟ (ବିଭାଗ-୩) - ଯେକୌଣସି ଗୋଟିଏ

| | | | | |
|---|---|---|---|---|
| ୫୦୯ | ଉଚ୍ଚପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣ | ବ୍ଲକ-୧ : ସାମାଜିକ ବିଜ୍ଞାନକୁ ବୁଝିବା | ଏକକ ୧ : ସାମାଜିକ ବିଜ୍ଞାନର ପ୍ରକୃତି<br>ଏକକ ୨ : ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ<br>ଏକକ ୩ : ଇତିହାସ<br>ଏକକ ୪ : ଭୂଗୋଳ | |
| | | ବ୍ଲକ୍ -୨ : ସାମାଜିକ ବିଜ୍ଞାନ ବିଷୟ ଓ ଧାରଣା | ଏକକ ୫ : ସାମାଜିକ ଓ ରାଜନୈତିକ ଜୀବନରେ ସମନ୍ୱିତ ବିଷୟଭାବେ ରାଜନୀତି ବିଜ୍ଞାନ/ଅର୍ଥନୀତି/ ସମାଜ ଶାସ୍ତ୍ର<br>ଏକକ ୬ : ଶିକ୍ଷାର୍ଥୀର ପ୍ରକୃତି ଓ ଆଞ୍ଚଳିକ ପରିସ୍ଥିତିକୁ ବୁଝିବା | |
| | | ବ୍ଲକ୍ - ୩ : ସାମାଜିକ ବିଜ୍ଞାନ ଶୈକ୍ଷିକରେ ସମସ୍ୟା | ଏକକ ୭ : ଶିକ୍ଷାଦାନ ଓ ଶିକ୍ଷଣ କୌଶଳ<br>ଏକକ ୮ : ସାମାଜିକ ବିଜ୍ଞାନରେ ଶିକ୍ଷଣ ସମ୍ବଳ<br>ଏକକ ୯ : ସାମାଜିକ ବିଜ୍ଞାନରେ ଆକଳନ | |
| ୫୧୦ | ଉଚ୍ଚପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷଣ | ବ୍ଲକ୍-୧ : ବିଜ୍ଞାନକୁ ବୁଝିବା | ଏକକ ୧: ବିଜ୍ଞାନର ପ୍ରକୃତି<br>ଏକକ ୨: ବୈଜ୍ଞାନିକ ଅନୁସନ୍ଧାନ<br>ଏକକ ୩: ବିଜ୍ଞାନ ଶିକ୍ଷାଦାନ ପାଇଁ ବିଭିନ୍ନ ପନ୍ଥା | ୩+୧=୪ |
| | | ବ୍ଲକ୍ - ୨ ବିଜ୍ଞାନ ଶିକ୍ଷଣର ପରିଚାଳନା ଓ ଆକଳନ | ଏକକ ୪: ଅନୁଭୂତିକୁ ନେଇ କାର୍ଯ୍ୟ: ଭୂମିକା ଏବଂ ଗୁରୁତ୍ୱ<br>ଏକକ ୫: ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଯୋଜନା ଓ ପରିଚାଳନା<br>ଏକକ ୬: ଆକଳନ ଏବଂ ମୂଲ୍ୟାୟନ ସଂପର୍କିତ ସମସ୍ୟା<br>ଏକକ ୭: ବିଜ୍ଞାନ ଶିକ୍ଷାଦାନରେ ଆହ୍ୱାନ ଓ ସମସ୍ୟା | |

## ପ୍ରାକ୍ଟିକାଲ କୋର୍ସ (ବିଭାଗ-୪)

| କୋଡ୍ | ବିଷୟର ନାମ | ଏକକର ନାମ | କ୍ରେଡ଼ିଟ୍ T+P=ମୋଟ |
|---|---|---|---|
| ୫୧୧ | ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟାବଳୀ | ବିଦ୍ୟାଳୟ ଭିତ୍ତିକ କାର୍ଯ୍ୟାବଳୀକୁ ୩ଟି ଭାଗରେ ବିଭକ୍ତ କରାଯାଇଛି<br>• ବିଦ୍ୟାଳୟର ଗୋଟିଏ ପିଲାର ପରିସ୍ଥିତି ଅନୁଧ୍ୟାନ<br>• ନଥିପତ୍ର ଓ ରେଜିଷ୍ଟାରର ପ୍ରତିପାଳନ<br>• ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅବଦାନ | ୪ |

| କୋଡ୍ | ବିଷୟର ନାମ | ଏକକର ନାମ | କ୍ରେଡ଼ିଟ T+P=ମୋଟ |
|---|---|---|---|
| ୫୧୨ | କର୍ମଶାଳା ଭତ୍ତିକ କାର୍ଯ୍ୟାବଳୀ (ପ୍ରଥମ ବର୍ଷ) | ପ୍ରଥମ ବର୍ଷର କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ ୪ କ୍ରେଡ଼ିଟ୍ ବିଶିଷ୍ଟ ୧୨ ଦିନିଆ କର୍ମଶାଳାର କାର୍ଯ୍ୟାବଳୀ<br>• ଭାଷା, ଗଣିତ, ପରିବେଶ, ଅଧ୍ୟୟନ, ବିଜ୍ଞାନ, ସାମାଜିକ ବିଜ୍ଞାନର ପାଠ ଯୋଜନାର ପ୍ରସ୍ତୁତି<br>• ତିନୋଟି ବିଷୟରେ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି<br>• ବିଷୟ ଭିତ୍ତିକ ମୂଲ୍ୟାୟନ ପାଇଁ ପୋର୍ଟଫୋଲିଓ ପ୍ରସ୍ତୁତି<br>• ବ୍ଲୁ ପ୍ରିଣ୍ଟ ଆଧାରରେ ପ୍ରଶ୍ନପତ୍ର ପ୍ରସ୍ତୁତି<br>• ଡେମୋନ୍ଷ୍ଟ୍ରେସନ୍ ପାଠକୁ ପର୍ଯ୍ୟବେକ୍ଷଣ<br>• ପ୍ରକ୍ରିୟା ଭିତ୍ତିକ ମୂଲ୍ୟାୟନରେ ଅଂଶଗ୍ରହଣ | ୪ |
| ୫୧୩ | କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ ( ଦ୍ୱିତୀୟ ବର୍ଷ) | ଦ୍ୱିତୀୟ ବର୍ଷ କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ ୪ କ୍ରେଡ଼ିଟ୍ ବିଶିଷ୍ଟ ୧୨ ଦିନିଆ କର୍ମଶାଳା ବିଭିନ୍ନ ପ୍ରକାର କାର୍ଯ୍ୟକୁ ନେଇ ଗଠିତ ।<br>• ଯେକୌଣସି ଦୁଇଟି ବିଷୟରେ ପ୍ରତ୍ୟୟ ଚିତ୍ରଣ-ଭାଷା, ଗଣିତ, ପରିବେଶ ଅଧ୍ୟୟନ, ବିଜ୍ଞାନ / ସାମାଜିକ ପାଠ<br>• କଳା, ଶାରୀରିକ ଓ ସ୍ୱାସ୍ଥ୍ୟ ଓ କାର୍ଯ୍ୟଶିକ୍ଷାରେ ଅଭିନୟ<br>• ସମୟ ସାରଣୀ / ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡରର ବିଶ୍ଳେଷଣ<br>• ବିଦ୍ୟାଳୟ ଗୋଷ୍ଠୀ ସଂପର୍କ<br>• ସେମିନାର ଉପସ୍ଥାପନା<br>• ପ୍ରକ୍ରିୟା ମୂଲ୍ୟାୟନରେ ଅଂଶଗ୍ରହଣ | ୪ |
| ୫୧୪ | ଅଭ୍ୟାସ ଶିକ୍ଷାଦାନ | ଅଭ୍ୟାସ ଶିକ୍ଷାଦାନ ୮ କ୍ରେଡ଼ିଟ୍ ବିଶିଷ୍ଟ । ପ୍ରତ୍ୟେକ ଅଂଶଗ୍ରହଣକାରୀ (ଭାଷା, ଗଣିତ, ପରିବେଶ ଅଧ୍ୟୟନ ଏବଂ ବିଜ୍ଞାନ/ ସାମାଜିକ ପାଠ) ପ୍ରତ୍ୟେକ ବିଷୟରେ ୧୦ଟି ଅଭ୍ୟାସ ପାଠ ଦେବାର ଆବଶ୍ୟକତା ରହିଛି । ବିଦ୍ୟାଳୟରେ ଜଣେ ଉପଦେଷ୍ଟା (ବରିଷ୍ଠ ଶିକ୍ଷକ) ତାଙ୍କ ପାଇଁ ରହିବେ । ନିମ୍ନ ମୂଲ୍ୟାୟନ ମାନକ ଦ୍ୱାରା ତାଙ୍କୁ ମୂଲ୍ୟାୟନ କରାଯିବ ।<br>• ପାଠ ଯୋଜନା<br>• ବିଷୟବସ୍ତୁ ଦକ୍ଷତା<br>• ଶିକ୍ଷକଙ୍କ ଦିଗଦର୍ଶନ<br>• ପାଠରେ ଶିକ୍ଷାର୍ଥୀରେ ଅଂଶଗ୍ରହଣ ଓ ଏହାର ପରିଚାଳନା<br>• ଶିକ୍ଷାର୍ଥୀ ମୂଲ୍ୟାୟନ<br>• ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅଭ୍ୟାସ ଶିକ୍ଷାଦାନ ପ୍ରକ୍ରିୟାର ମୂଲ୍ୟାୟନ | ୪ |
| | | ମୋଟ କ୍ରେଡିଟ୍ | ୬୪ |

## ୭. ବିସ୍ତୃତ ଏକକ ଗଠନ

**କୋର୍ସ ୧ : ୫୦୧-** ଭାରତରେ ପ୍ରାରମ୍ଭିକ ଶିକ୍ଷା : ସାମାଜିକ - ସାଂସ୍କୃତିକ ଦୃଷ୍ଟିକୋଣ:

ଏହି କୋର୍ସ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ଏକ ସାମଗ୍ରିକ ରୂପରେଖ ଉପସ୍ଥାପନା କରୁଛି । ପ୍ରାରମ୍ଭିକ ଶିକ୍ଷାର ଐତିହାସିକ ପ୍ରଗତ ବିଷୟରେ ଏଠାରେ ବର୍ଣ୍ଣନା କରାଯାଇଛି, ଯାହା ଶିକ୍ଷକଙ୍କୁ ପ୍ରାଥମିକ ଶିକ୍ଷାର ପ୍ରକୃତି ଓ ବିକାଶକୁ ସାମଗ୍ରିକ ଭାବରେ ବୁଝିବରେ ସାହାଯ୍ୟ କରିବ । ସମାଜର ଆବଶ୍ୟକତା ଓ ବିଭିନ୍ନ ଜୀବନାନୁଭୂତିକୁ ଆଧାର କରି ଏହି କୋର୍ସ ପ୍ରସ୍ତୁତ କରାଯାଇଛି । ଏହା ସାଂପ୍ରତିକ ଭାରତୀୟ ସମାଜରେ ପ୍ରାରମ୍ଭିକ ଶିକ୍ଷାକୁ ବୁଝିବାରେ ସାହାଯ୍ୟ କରିବ । ପ୍ରତ୍ୟେକ ଏକକ ଶେଷରେ ପ୍ରସ୍ତାବିତ ପଠନ ଓ କାର୍ଯ୍ୟାବଳୀ ଦିଆଯାଇଛି । ସେଗୁଡ଼ିକ ପ୍ରାରମ୍ଭିକ ଶିକ୍ଷାକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବ ।

**ମୁଖ୍ୟ ଉଦ୍ଦେଶ୍ୟ :**

- ପ୍ରାରମ୍ଭିକ ଶିକ୍ଷାର ସମସ୍ୟା, ଆହ୍ୱାନକୁ ବୁଝିବାର ଦକ୍ଷତାକୁ ବିକାଶ କରିବା
- ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଶିକ୍ଷାର ସାର୍ବଜନୀନ କରଣର ସାମଗ୍ରିକ ରୂପକୁ ବିକାଶ କରିବା
- ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନକରଣ ପାଇଁ DPEP, SSA, RTE ଇତ୍ୟାଦିର ଭୂମିକାକୁ ଜାଣିବା
- ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ପ୍ରାରମ୍ଭିକ ଶିକ୍ଷାର ସ୍ଥିତିକୁ ବୁଝିବା ।

**ବ୍ଲକ-୧ : ଭାରତରେ ପ୍ରାରମ୍ଭିକ ଶିକ୍ଷା : ଅତୀତକୁ ଅନୁଧ୍ୟାନ**

**ଏକକ ୧: ଭାରତୀୟ ଶିକ୍ଷା ବ୍ୟବସ୍ଥା -୧**

- ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା; ଅତୀତରେ "ଗୁରୁ" ଓ ବର୍ତ୍ତମାନର ବୃତ୍ତିଗତ 'ଶିକ୍ଷକ'
- ପ୍ରାରମ୍ଭିକ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ କମିସନ୍ ଓ କମିଟିର ସୁପାରିଶ (୧୯୪୭ ମସିହା ପର୍ଯ୍ୟନ୍ତ)

**ଏକକ -୨ : ଭାରତୀୟ ଶିକ୍ଷା ବ୍ୟବସ୍ଥା - ୨**

- ସ୍ୱାଧୀନତା ପରବର୍ତ୍ତୀ ଭାରତରେ (ଶିକ୍ଷା କମିସନ ୧୯୬୪-୬୬) କମିଟି ଓ କମିସନ ଦ୍ୱାରା ପ୍ରାରମ୍ଭିକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନର ସମୀକ୍ଷା
- ଜାତୀୟ ଶିକ୍ଷା ନୀତି ୧୯୬୮ ଏବଂ ୧୯୮୬/୯୨ : ନୀତିରେ ପ୍ରାରମ୍ଭିକ ଶିକ୍ଷା ସମ୍ବନ୍ଧୀୟ ସମସ୍ୟା
- ୮ ବର୍ଷ ପ୍ରାରମ୍ଭିକ ଶିକ୍ଷାର ଗଠନ ( ୫+୩) ୫ ବର୍ଷ ପ୍ରାଥମିକ ଓ ୩ ବର୍ଷ ଉଚ୍ଚ ପ୍ରାଥମିକ
- ବିଦ୍ୟାଳୟ ପାଠ୍ୟକ୍ରମ ଆଧାରର କ୍ରମବିକାଶ ଜାତୀୟ ପାଠ୍ୟକ୍ରମ ଆଧାର (NCF) ୨୦୦୫ ର ମୁଖ୍ୟ ପାଠ୍ୟଖସଡ଼ା ।

**ଏକକ ୩: ଶିକ୍ଷା ଏକ ମୌଳିକ ଅଧିକାର**

- ସମ୍ବିଧାନର ୪୫ ଧାରାରେ ଉଲ୍ଲେଖିତ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା (UEE) ର ଲକ୍ଷ୍ୟ ହାସଲ ନହେବାର କାରଣ
- ୨୦୦୨ ରେ ୮୬ ତମ ସମ୍ବିଧାନ ସଂଶୋଧନ : ଧାରା ୨୧ କ: ଶିକ୍ଷା ଏକ ମୌଳିକ ଅଧିକାର
- ଶିଶୁମାନଙ୍କ ପାଇଁ ମାଗଣା ଓ ବାଧତାମୂଳକ ଶିକ୍ଷା ଅଧିକାର ଅଧିନିୟମ (RTE), ୨୦୦୯ ।

ଅଧିନିୟମର ବିଭାଗ

- ଶିଶୁ ଅଧିକାର
- ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ
- ବିଦ୍ୟାଳୟ ଶାସନ ଓ ପରିଚାଳନା
- ପାଠ୍ୟକ୍ରମ ଓ ମୂଲ୍ୟାୟନ

- ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ଶିକ୍ଷା ଅଧିକାର ଆଇନର ନିୟମ
- ପ୍ରଚଳିତ ତାଲିକାରେ ଶିକ୍ଷା : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକା

**ଏକକ : ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ (UEE)ର ସାଂଗଠନିକ ରୂପ**

**ପ୍ରାଥମିକ ଶିକ୍ଷାର ବିଭିନ୍ନ ସ୍ତରରେ ସାଙ୍ଗଠନିକ ଗଠନ**

- ଜାତୀୟ (NCERT)
- ରାଜ୍ୟ (SCERT, SIEMT)
- ଜିଲ୍ଲା (DIETs)
- ବ୍ଲକ (BRCs)
- କ୍ଲଷ୍ଟର (CRCs)

ପ୍ରତ୍ୟେକ ସ୍ତରରେ ଥିବା ଅନୁଷ୍ଠାନରେ ଦାୟିତ୍ୱ ଓ କାର୍ଯ୍ୟକାରିତା

**ବ୍ଲକ ୨: ସାଂପ୍ରତିକ  ପରିସ୍ଥିତିରେ ଭାରତରେ ପ୍ରାରମ୍ଭିକ ଶିକ୍ଷା-୧**

**ଏକକ ୫ : ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ପାଇଁ କୌଶଳ-୧**

- ଅଗମ୍ୟ ଅଞ୍ଚଳର ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ପାଇଁ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଶ୍ରେଣୀର ପିଲାଙ୍କ ପାଇଁ କାର୍ଯ୍ୟକ୍ରମ (ବାଧିତ ପିଲା)
- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ: ପ୍ରକଳ୍ପ ଆଧାରରେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନ କରଣ
- ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (DPEP), (DPEP) ର ଉଦ୍ଦେଶ୍ୟ, DPEP ମୁଖ୍ୟ ଉପାଦାନ,. DPEP ର କାର୍ଯ୍ୟଯୋଜନା କୌଶଳ ଓ କାର୍ଯ୍ୟବଳୀ, UEE କାର୍ଯ୍ୟାବଳୀର ପ୍ରଭାବ

**ଏକକ ୬ : ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା (UEE) ପାଇଁ କୌଶଳ-୨ : ସର୍ବଶିକ୍ଷା ଅଭିଯାନ (SSA)**

- ସର୍ବଶିକ୍ଷା ଅଭିଯାନ (SSA) କାର୍ଯ୍ୟକ୍ରମ ଏବଂ ଏହାର ବୈଶିଷ୍ଟ
- SSA ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
- SSA କାର୍ଯ୍ୟକ୍ରମର କୌଶଳ
- SSA କାର୍ଯ୍ୟକ୍ରମର ଆର୍ଥିକ ଦିଗ
- ବିଦ୍ୟାଳୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ବିକାଶ
- ମଧ୍ୟାହ୍ନ ଭୋଜନ ଓ SSA ପ୍ରତି ଏହାର ଅବଦାନ
- ଶିକ୍ଷା ଅଧିକାର ଆଇନ ୨୦୦୯ ଓ ସର୍ବଶିକ୍ଷା ଅଭିଯାନ ମଧ୍ୟରେ ସମନ୍ୱୟ ।

**ଏକକ ୭: ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା (UEE)ର ଯୋଜନା ଓ ପରିଚାଳନା**

- ଶିକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ ସମ୍ବିଧାନରେ ୭୩ତମ, ୭୪ତମ ସଂଶୋଧନ
- ଅଣୁ ଓ ବୃହତ୍ତ ଯୋଜନା
- ପ୍ରାରମ୍ଭିକ ଶିକ୍ଷାର ପରିଚାଳନା ଓ ଶାସନ ସଂପର୍କିତ ସମସ୍ୟା
- ବିଦ୍ୟାଳୟ ପରିଚାଳନା ଓ ଶିକ୍ଷା ଅଧିକାର ଆଇନ - ୨୦୦୯
- ଫଳପ୍ରଦ ପରିଚାଳନା ଓ ଦକ୍ଷତା ବୃଦ୍ଧି ପାଇଁ ଜାତୀୟ, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅନୁଷ୍ଠାନଙ୍କ ମଧ୍ୟରେ ଆଦନ ପ୍ରଦାନ

ବ୍ଲକ - ୩ : ସାଂପ୍ରତିକ ପରିସ୍ଥିତିରେ ଭାରତରେ ପ୍ରାରମ୍ଭିକ ଶିକ୍ଷା-୨

ଏକକ ୮: ପ୍ରାରମ୍ଭିକ ଶିକ୍ଷା ପାଇଁ ଶିକ୍ଷକ ପ୍ରସ୍ତୁତି

- ପ୍ରାରମ୍ଭିକ ଶିକ୍ଷକଙ୍କ ଶିକ୍ଷାର ମଡ଼େଲ, ସମନ୍ୱିତ ମଡ଼େଲ
- ପ୍ରାରମ୍ଭିକ ସ୍ତରରେ ବିଦ୍ୟାଳୟ ଶିକ୍ଷା NCF- ୨୦୦୫ର ମୁଖ୍ୟ ବିଷୟବସ୍ତୁ
- ପ୍ରାରମ୍ଭିକ ଶିକ୍ଷକ ପ୍ରସ୍ତୁତି, ଶିକ୍ଷକ ଶିକ୍ଷାର ଜାତୀୟ ପାଠ୍ୟକ୍ରମ (NCFTE) ର ମୁଖ୍ୟ ଦିଗ
- ପ୍ରାରମ୍ଭିକ ଶିକ୍ଷାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍ତର ପାଇଁ ଶୈକ୍ଷିକ ସମସ୍ୟା
- ଶିକ୍ଷକ ଜଣେ ମନନକାରୀ ଭାବେ
- ଶିକ୍ଷକ ଯୋଗ୍ୟତା ପରୀକ୍ଷଣର ପ୍ରଣୟନ(TET)

ଏକକ ୯: ଅନଗ୍ରସର ପିଲାଙ୍କ ଶିକ୍ଷା ପାଇଁ ଶିକ୍ଷକ ପ୍ରସ୍ତୁତି

- ବିଦ୍ୟାଳୟରେ ନାମଲେଖାଇବା ଓ ପାଠପଢ଼ା ଚାଲୁଥିବା ଜନିତ ସମସ୍ୟା
- ସୁବିଧା ପାଇବା ପାଇଁ ପ୍ରତିବନ୍ଧକ
- ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଶିକ୍ଷା
- ମୁସଲମାନ ସଂଖ୍ୟାଲଘୁ
- ପ୍ରବାସୀ
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ (CWSN)
- ସହରତଳି ଗରିବ ଓ ଦୁର୍ଗମ ଅଞ୍ଚଳର ପିଲା
- କାର୍ଯ୍ୟରତ ପିଲା
- ଶୈକ୍ଷିକ ସହାୟତା ବ୍ୟବସ୍ଥା ଓ ଶିକ୍ଷକ ସଶକ୍ତୀକରଣ
- ଶିକ୍ଷକମାନଙ୍କ ପାଇଁ ଅନ୍ତର୍ନିବେଶୀ ପ୍ରଶିକ୍ଷଣ
- ବିଦ୍ୟାଳୟରେ ଶିଶୁ ଅଧିକାର ସୁରକ୍ଷା ପାଇଁ ଶିକ୍ଷକ ସଶକ୍ତିକରଣ

ଏକକ ୧୦ : ପ୍ରାରମ୍ଭିକ ଶିକ୍ଷାରେ ଆନ୍ତର୍ଜାତିକ ସ୍ଥିତି

- ଜୋମେଟିନ ସମ୍ମିଳନୀ (୧୯୯୦) ର ମୁଖ୍ୟ ବିଷୟବସ୍ତୁ ଓ E-୨ ଦେଶ, ଦକ୍ଷିଣ ଏସିଆ ଅଞ୍ଚଳରେ ଏହାର ପ୍ରଭାବ ।
- ବିକଶିତ ଓ ବିକାଶଶୀଳ ଦେଶରେ ପ୍ରାରମ୍ଭିକ ଶିକ୍ଷା କାର୍ଯ୍ୟକ୍ରମ
- UEE ରେ ଆନ୍ତର୍ଜାତିକ ଅନୁଷ୍ଠାନରେ ଭୂମିକା (UNESCO, UNICEF, WORLD BANK, DFID, SIDA)
- ବିଶ୍ୱ ଶିକ୍ଷା ସମ୍ମିଳନୀ ଡ଼ାକର, ସେନେଗାଲ, ୨୦୦୯
- ସମସ୍ତଙ୍କ ପାଇଁ ଶିକ୍ଷା (EFA) କାର୍ଯ୍ୟକ୍ରମ

କୋର୍ସ ୨ : ୫୦୬ - ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାଙ୍କୁ ବୁଝିବା ।

ପିଲାମାନଙ୍କୁ ଫଳପ୍ରଦ ଭାବରେ ଶିକ୍ଷାଦାନ କରିବା ପାଇଁ ଓ ସେମାନଙ୍କର ସର୍ବାଙ୍ଗୀନ ବିକାଶରେ ସାହାଯ୍ୟ କରିବା ପାଇଁ, ଶିକ୍ଷକମାନଙ୍କୁ ପିଲାମାନଙ୍କର ପ୍ରକୃତି ଓ ଆବଶ୍ୟକତା କୁ ବୁଝିବା ଆବଶ୍ୟକ । ଏହି କୋର୍ସ ଆପଣମାନଙ୍କୁ ପିଲାମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ପାର୍ଥକ୍ୟ ବୁଝିବାରେ, ସେମାନଙ୍କୁ କିପରି ଶିଖାଇବା ସେହି ଦିଗରେ ସାହାଯ୍ୟ କରିବ । ଶିକ୍ଷକମାନେ ଏକ ସହାୟକକାରୀ ପରିବେଶ ସୃଷ୍ଟି କରିବେ ଓ ଶିଶୁ ପ୍ରିୟ ଶୈକ୍ଷିକ ପ୍ରକ୍ରିୟା ପ୍ରଣୟନ କରିବେ ଯେପରି ପ୍ରତ୍ୟେକ ପିଲା ସ୍ୱାଧୀନ ଭାବରେ ନିଜ ମତ ପ୍ରକାଶ କରିପାରିବ, ଭୟଶୂନ୍ୟ ଅନୁଭବ

କରୁଥିବ, ନିଜ ପ୍ରତି ମତ ପ୍ରକାଶ କରୁଥିବ ଓ ଅନୁଭୂତି ଆଧାରରେ ଜ୍ଞାନ ନିର୍ମାଣ କରୁଥିବା । ଶିକ୍ଷକମାନେ ଶିକ୍ଷା ଅଧିକାର ଓ ଏହାର ସୁରକ୍ଷା ଦ୍ୱାରା ପିଲାର ବିକାଶର ଧାରାକୁ ପସନ୍ଦ କରୁଥିବେ । କୋର୍ସର ଏହି ଆଲୋଚନା ଆପତୀୟ ସଚେତନତା ସୃଷ୍ଟି କରିବ ଓ ପିଲାମାନଙ୍କ ସାମାଜିକ - ସାଂସ୍କୃତିକ ପରିବେଶ ଅନ୍ତଦୃଷ୍ଟି ଯୋଗାଇବ ।

ଶିଶୁ ବିକାଶର ମୂଳ ଧାରଣା ଓ ନିୟମ ଏବଂ ଶିକ୍ଷାଦାନ ଶିକ୍ଷଣରେ ଏହାର ନିହିତାର୍ଥକୁ ବୁଝିବାରେ ଏହି କୋର୍ସ ସାହାଯ୍ୟ କରିବ । ଶିକ୍ଷକମାନେ ପିଲାମାନଙ୍କ ସାମଗ୍ରିକ ବିକାଶରେ ସାହାଯ୍ୟ କରିପାରିବେ । ବୃତ୍ତିଗତ ପାର୍ଥ୍ୟକ୍ୟ ଯେପରି ଲିଙ୍ଗଜନିତ ସମସ୍ୟା, ସାମାଜିକ - ଅର୍ଥନୈତିକ ଦିଗକୁ ବୁଝିବାରେ ଓ ସ୍ୱତନ୍ତ୍ର ଆବଶ୍ୟକ ଥିବା ପିଲାମାନଙ୍କ ସହାୟକ ପରିବେଶ ସୃଷ୍ଟି କରିବାରେ ଶିକ୍ଷକମାନଙ୍କୁ ଏହା ସାହାଯ୍ୟ କରିବ ।

**କୋର୍ସର ନକ୍ସା**

ନିମ୍ନ ଉଦ୍ଦେଶ୍ୟଗୁଡ଼ିକ ହାସଲ କରିବାପାଇଁ ଏହି କୋର୍ସଟି ପ୍ରସ୍ତୁତ କରାଯାଇଛି ।

- ପିଲାମାନଙ୍କୁ ବୁଝିବାରେ ଶିକ୍ଷକଙ୍କ ଭୂମିକାକୁ ବୁଝାଇବା
- ପିଲାମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ କୌଶଳ ଗୁଡ଼ିକୁ ଆଲୋଚନା କରିବା
- ଶିକ୍ଷାର୍ଥୀ ଓ ଶିକ୍ଷଣ ପ୍ରକ୍ରୀୟାକୁ ବୁଝିବା
- ପରିସ୍ଥିତି ଭିତ୍ତିକ ଧାରଣାକୁ ବୁଝିବା ପାଇଁ କ୍ଷେତ୍ର କାର୍ଯ୍ୟାବଳୀ କରିବା
- ପ୍ରତ୍ୟେକ ଏକକର ଶେଷରେ ପ୍ରସ୍ତାବିତ ଥିବା ସହାୟକ ପଠନ ତଥ୍ୟକୁ ପଢ଼ିବା, ଫଳରେ ଶିକ୍ଷକମାନେ ବିଭିନ୍ନ ଧାରଣା ସହିତ ପରିଚିତ ହେବେ ।

**ଯୁକ୍ତିଯୁକ୍ତ ଆଧାର**

ଶିକ୍ଷକମାନେ ପ୍ରାରମ୍ଭିକ ସ୍ତରରେ ଶୈଶବ ଅବସ୍ଥା ଓ ପିଲାମାନଙ୍କୁ ବୁଝିବାପାଇଁ ଏହି କୋର୍ସ ପ୍ରସ୍ତୁତ କରାଯାଇଛି । ଏହା ଏକ ମୂଳକୋର୍ସ ଯେଉଁଥିରେ ଶିକ୍ଷାଦାନ କୌଶଳ ଓ ଦକ୍ଷତା ବିଷୟରେ ଆଲୋଚନା କରାଯାଇଛି । ଏହି କୋର୍ସର ଲକ୍ଷ୍ୟ ହେଉଛି, ଆପଣଙ୍କୁ ପ୍ରାରମ୍ଭିକ ବିଦ୍ୟାଳୟର ପିଲାମାନଙ୍କୁ ଓ ସେମାନଙ୍କ ସାମାଜିକ- ସାଂସ୍କୃତିକ ପରିସ୍ଥିତିକୁ ବୁଝିବାରେ ସାହାଯ୍ୟ କରିବା । ଏହା ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ପ୍ରତି ସଚେତନତା ସୃଷ୍ଟି କରିବା ସହିତ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସୁସ୍ଥ ଓ ଫଳପ୍ରଦ ଶ୍ରେଣୀ ପରିବେଶ ବିକାଶ କରାଇବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ**

ଏହି କୋର୍ସ ନିମ୍ନଲିଖିତ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

- ପିଲାର ବିଭିନ୍ନ ଦିଗର (ଶାରୀରିକ, ସାମାଜିକ ଓ ଆବେଗିକ) ବିକାଶକୁ ବୁଝାଇବା
- ପିଲାମାନଙ୍କୁ ଶିକ୍ଷାଦାନ ପାଇଁ ବିଭିନ୍ନ ଉପଯୁକ୍ତ ପଦ୍ଧତିକୁ ଚୟନ କରିବା ଓ ବ୍ୟବହାର କରିବା ପାଇଁ ଶିକ୍ଷକମାନଙ୍କ ସଶକ୍ତିକରଣ କରିବା
- ଅନ୍ତର୍ନିବେଶୀ ପରିବେଶରେ ପିଲାମାନଙ୍କୁ ବ୍ୟକ୍ତିତ୍ୱର ବିକାଶକୁ ବୁଝାଇବା
- ଏହି କୋର୍ସରେ ୪ଟି ବ୍ଲକ ଅଛି ଓ ୧୩ଟି ଏକକ ଅଛି । ମୁଖ୍ୟ ଧାରଣାଗୁଡ଼ିକ ପ୍ରତି ଏକକରେ ବିନ୍ଦୁ ଦ୍ୱାରା ଦର୍ଶାଯାଇଛି ।

**ବ୍ଲକ-୧ : ପିଲାଙ୍କ ବୃଦ୍ଧି ଓ ବିକାଶର ମୂଳତତ୍ତ୍ୱ**

**ଏକକ: ୧ ପିଲାଙ୍କୁ ବୁଝିବା**

- ପିଲାର ବୃଦ୍ଧି ଓ ବିକାଶକୁ ବୁଝିବା
- ବୃଦ୍ଧି ଓ ବିକାଶର ନିୟମ, ବିଶେଷତ୍ୱ
- ବୃଦ୍ଧି ଓ ବିକାଶ ମଧ୍ୟରେ ସଂପର୍କ

- ବୃଦ୍ଧିର ସ୍ତର- ଶୈଶବରୁ ବାଲ୍ୟାବସ୍ଥା ଓ ନିହିତାର୍ଥ
- ବିକାଶର ସ୍ତର (ସାମାଜିକ, ଶାରୀରିକ, ଆବେଗିକ, ମାଂସପେଶୀୟ, ବୌଦ୍ଧିକ ଓ ନୈତିକ ଏବଂ ଶିକ୍ଷାଦାନ- ଶିକ୍ଷକ ପ୍ରକ୍ରିୟାରେ ବିକାଶର ସ୍ତରର ପ୍ରଭାବ ।
- ବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କାରକ
- ପିଲାମାନଙ୍କ ବୃଦ୍ଧି ଓ ବିକାଶରେ ଶିକ୍ଷକଙ୍କ ଭୂମିକା

**ଏକକ ୨ : ବଂଶ ଓ ପରିବେଶର ଭୂମିକା**

- ବଂଶ ଓ ପରିବେଶର ଧାରଣା
- ବଂଶଗୁଣର କାରକ ଓ ପରିବେଶର ଗୁରୁତ୍ୱ
- ପିଲାକୁ ବୁଝିବାରେ ବଂଶ ଓ ପରିବେଶର ଆପେକ୍ଷିକ ବିଶେଷତ୍ୱ
- ପିଲାର ବିକାଶ ପାଇଁ ବଂଶ ଓ ପରିବେଶର ନିହିତାର୍ଥ

**ବ୍ଲକ୍ - ୨ : ପିଲାମାନଙ୍କ ବ୍ୟକ୍ତିତ୍ୱର ବିକାଶ**

**ଏକକ-୩ : ବ୍ୟକ୍ତିତ୍ୱର ବିକାଶ ଓ ଏହାର ଆକଳନ**

- ବ୍ୟକ୍ତିତ୍ୱର ପ୍ରକୃତି ଓ ଧାରଣା
- ବ୍ୟକ୍ତିତ୍ୱର ବିଶେଷତ୍ୱ ଓ ଦିଗ
- ବ୍ୟକ୍ତିତ୍ୱର ତତ୍ତ୍ୱ : ଆତ୍ମ ପ୍ରତ୍ୟୟ, ମୂଲ୍ୟବୋଧ, ମନୋବୃତ୍ତି, ଦୃଷ୍ଟିଭଙ୍ଗୀ ଓ ଅଭିପ୍ରେରଣା, ନେତୃତ୍ୱର ଗୁଣର ବିକାଶ
- ବ୍ୟକ୍ତିତ୍ୱକୁ ପ୍ରଭାବିତ କରୁଥିବା କାରକର ଆକଳନ
- ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷକଙ୍କ ଭୂମିକା

**ଏକକ ୪: ଚିନ୍ତନ କୌଶଳର ବିକାଶ**

- ଚିନ୍ତନକୁ ତ୍ୱରାନିତ କରିବା ପାଇଁ ସ୍ତର, ପ୍ରକାର ଓ ସାଧନ
- ଏକାଭିମୁଖୀ ଓ ବିକ୍ଷିପ୍ତ ଚିନ୍ତନର ବିକାଶ
- ଯୁକ୍ତିଯୁକ୍ତ, ନିଷ୍ପତ୍ତିମୂଳକ ଚିନ୍ତନ ପାଇଁ ପିଲାଙ୍କୁ ସଶକ୍ତିକରଣ କରବା
- ଶ୍ରେଣୀରେ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନ ପଚାରିବା କୌଶଳର ବିକାଶ କରିବା ।
- ଚିନ୍ତନ କୌଶଳର ବିକାଶରେ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା

**ଏକକ ୫: ଆତ୍ମ ବିକାଶ**

- ପିଲାମାନଙ୍କ ମଧ୍ୟରେ ଆତ୍ମ ପ୍ରତ୍ୟୟର ବିକାଶ
- ପିଲାମାନଙ୍କ ମଧ୍ୟରେ ଆତ୍ମ ପ୍ରତ୍ୟୟ ବିକାଶ କରିବାପାଇଁ ସାହାର୍ଯ୍ୟକାରୀ ଉପାଦାନ
- ପିଲାମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟକୁ ପ୍ରଭାବିତ କରୁଥିବା ଉପାଦାନ
  - ପିଲାମାନଙ୍କ ମଧ୍ୟରେ ମୂଲ୍ୟବୋଧ ଓ ନୈତିକ ବିକାଶ
  - ମୂଲ୍ୟବୋଧ ବିକାଶରେ ଶୃଙ୍ଖଳାରେ ଭୂମିକା
  - ମନୋବୃତ୍ତିର ବିକାଶ ଓ ପିଲାମାନଙ୍କ ମଧ୍ୟରେ ଉତ୍ତମ ମନୋବୃତ୍ତିର ବିକାଶ ପାଇଁ ଶିକ୍ଷକଙ୍କ ଭୂମିକା
  - ପିଲାମାନଙ୍କ ମଧ୍ୟରେ ଅଭିପ୍ରେରଣା ସୃଷ୍ଟି କରିବା
  - ଅନ୍ତଃ ଅଭିପ୍ରେରଣା, ଜିଦ୍, ଆହ୍ୱାନ, ନିର୍ଭରଶୀଳତା
  - ଅଭିପ୍ରେରଣା କୁ ବୃଦ୍ଧି କରିବା

**ଏକକ ୬ : ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ**

- ସୃଜନଶୀଳତାର ଧାରଣା, ପ୍ରକୃତି ଓ ପ୍ରକାର
- ସୃଜନଶୀଳତାର ଆକଳନ
- ସୃଜନଶୀଳତାକୁ ପ୍ରଭାବିତ କରୁଥିବା ଉପାଦାନ
- କାର୍ଯ୍ୟାବଳୀ ମାଧ୍ୟମରେ ସୃଜନଶୀଳତା ବିକାଶ କରିବାର କୌଶଳ

  କ) ଶୈକ୍ଷିକ

  ଖ) ସହ ଶୈକ୍ଷିକ

- ସୃଜନଶୀଳତା ବିକାଶ କରିବା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା

**ବିଭାଗ -୩ : ଅନ୍ତର୍ନିବେଶୀ ଶିକ୍ଷା**

**ଏକକ-୭: ଅନ୍ତର୍ନିବେଶୀ ଶିକ୍ଷାର ଧାରଣା**

- ସ୍ୱତନ୍ତ୍ର ଶିକ୍ଷା, ସମନ୍ୱିତ ଶିକ୍ଷା ଏବଂ ଅନ୍ତର୍ନିବେଶୀ ଶିକ୍ଷାର ଧାରଣା ଓ ସ୍ୱରୂପ
- ଅନ୍ତର୍ନିବେଶୀ ବିଦ୍ୟାଳୟ ଏବଂ ଶ୍ରେଣୀଗୃହକୁ ପ୍ରଭାବିତ କରୁଥିବା କାରକ
- ଅନ୍ତର୍ନିବେଶୀ ଶିକ୍ଷଣ ସାମଗ୍ରୀ, ଭୌତିକ ପରିବେଶ ଏବଂ ଶ୍ରେଣୀ ପରିଚାଳନା
- ଅନ୍ତର୍ନିବେଶୀ ମୂଲ୍ୟାୟନ ବ୍ୟବସ୍ଥାର ବିକାଶ କରିବା
- ପଛୁଆ ବର୍ଗ : ଦଳିତ, ଶିଶୁ ଶ୍ରମିକ ଏବଂ ବିଭିନ୍ନ ପ୍ରକାରର ଅନ୍ତର୍ନିବେଶ

**ଏକକ-୮: ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ମାନଙ୍କ ବିଷୟରେ ଧାରଣା**

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କର ସଂଜ୍ଞା
- ବିଭିନ୍ନ ପ୍ରକାରର ବାଧକତା (ମାନସିକ, ଶାରୀରିକ, ଆବେଗିକ, ବ୍ୟାବହାରିକ, ଶୈକ୍ଷିକ ଇତ୍ୟାଦି) ଏବଂ ଶିକ୍ଷାର୍ଥୀମାନଙ୍କର ବୃଦ୍ଧିରେ ଏଗୁଡ଼ିକର ପ୍ରଭାବ
- ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କର ବିକାଶକୁ ପ୍ରଭାବିତ କରୁଥିବା କାରକ, ସେମାନଙ୍କୁ "Waiting Children" (ଅପେକ୍ଷାରତ ଶିକ୍ଷାର୍ଥୀ) ବୋଲି କୁହାଯିବାର କାରଣ
- ଆଦ୍ୟ ଚିହ୍ନଟୀକରଣ, ଆକଳନ ଏବଂ ପଦକ୍ଷେପ
- ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଅଧିନିୟମ (PWD Act) ୧୯୯୪, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭୂମିକା
- ଶ୍ରେଣୀରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କୁ ପରିଚାଳନା କରିବାରେ ଶିକ୍ଷକ କିପରି ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କର ଚିହ୍ନଟୀକରଣ ଏବଂ ସମ୍ବୋଧନ କରିବାରେ ଶିକ୍ଷକଙ୍କ ଭୂମିକା
- ପ୍ରାରମ୍ଭିକ ସ୍ତରରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କର ଶୈକ୍ଷିକ ଆବଶ୍ୟକତା

**ଏକକ-୯: ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କର ଶିକ୍ଷା**

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କର ଶୈକ୍ଷିକ ଆବଶ୍ୟକତା

- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଇଁ ପାଠ୍ୟକ୍ରମ ସମଯୋଜନ (ଗ୍ରହଣ କରାଯାଇଥିବା ସାଧାରଣ ପାଠ୍ୟକ୍ରମ), ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାମାନଙ୍କର ଶୈକ୍ଷିକ ଆବଶ୍ୟକତା ପୂରଣ ପାଇଁ ସୁଯୋଗ
- ବିଦ୍ୟାଳୟରେ ବାଧାଗ୍ରସ୍ତ ପିଲାମାନଙ୍କର ଅନ୍ତର୍ନିବେଶ
- ଶିକ୍ଷା ପ୍ରଦାନ ପାଇଁ ଶିକ୍ଷଣ ସାମଗ୍ରୀ
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀମାନଙ୍କର ଶ୍ରେଣୀଗୃହ ଉପଯୋଜନ
- ଗୃହ ଭିତ୍ତିକ ଶିକ୍ଷାର ଧାରଣା ଓ ଭୂମିକା
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଫଳପ୍ରଦ ଶିକ୍ଷା ପାଇଁ ICTର ବ୍ୟବହାର
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ ଏବଂ ଶ୍ରେଣୀ ପରିଚାଳନା

**ଏକକ-୧୦: ସମଯୋଜନ କୌଶଳର ବିକାଶ (Development of Adoptive Skill, DAS), ସହାୟକ ଉପକରଣ (Assistive device, AS), ସ୍ୱତନ୍ତ୍ର ଚିକିତ୍ସା(Special Therapies, ST)**

- ମାନସିକ ଅନଗ୍ରସର, ଶ୍ରବଣ ବାଧିତ, ଚଳନ ଜନିତ ଅକ୍ଷମତା, ମସ୍ତିଷ୍କ ପକ୍ଷାଘାତ, କଥନ ବାଧିତ, ଶୈକ୍ଷିକ ଅକ୍ଷମତା ଏବଂ ବହୁବିଧ ଅକ୍ଷମତା ପିଲାଙ୍କ ପାଇଁ ସମଯୋଜନ କୌଶଳ ବିକାଶ, ସହାୟକ ଉପକରଣ ଓ ସ୍ୱତନ୍ତ୍ର ଚିକିତ୍ସା, ପ୍ରତ୍ୟେକ ଉପକରଣ ବିଷୟରେ ଏକ ସଂକ୍ଷିପ୍ତ ଆଲୋଚନା ।

**ବିଭାଗ-୪: ବାଳିକା ଓ ଶିଶୁ ଅଧିକାର**

**ଏକକ-୧୧: ଶିକ୍ଷାରେ ଲିଙ୍ଗଗତ ବିଭେଦତା**

- ଲିଙ୍ଗର ଧାରଣା, Sex ଏବଂ Gender ମଧ୍ୟରେ ପାର୍ଥକ୍ୟ
- ବାଳକ ଏବଂ ବାଳିକାମାନଙ୍କର ଜୈବିକ ଓ ଲିଙ୍ଗଗତ ବିଶେଷ ଗୁଣ
- ଲିଙ୍ଗଗତ ବୈଷମ୍ୟତାର ଅର୍ଥ
- ଆମ ସମାଜରେ ବାଳକ ଓ ବାଳିକାମାନଙ୍କର ସ୍ଥିତି
- ଲିଙ୍ଗଗତ ବୈଷମ୍ୟତାର କାରଣ
- ବିଦ୍ୟାଳୟ ଓ ଶ୍ରେଣୀଗୃହରେ ଲିଙ୍ଗଗତ ବୈଷମ୍ୟତା
- ଲିଙ୍ଗଗତ ବୈଷମ୍ୟତାର କାରଣ
- ବିଦ୍ୟାଳୟ ଓ ଶ୍ରେଣୀଗୃହରେ ଲିଙ୍ଗଗତ ବୈଷମ୍ୟତା
- ଲିଙ୍ଗଗତ ବୈଷମ୍ୟଗତ ଅଭ୍ୟାସଗୁଡ଼ିକୁ ବିରୋଧ କରିବାର ଆବଶ୍ୟକତା
- ବିଦ୍ୟାଳୟ ଏବଂ ଶିକ୍ଷକମାନଙ୍କର ଭୂମିକା

**ଏକକ-୧୨: ବାଳିକାମାନଙ୍କ ସଶକ୍ତୀକରଣ (Empowering)**

- ସଶକ୍ତିକରଣର ଅର୍ଥ ଓ ଧାରଣା
- ସଶକ୍ତିକରଣର ସୂଚକ
- ବାଳିକା ମାନଙ୍କୁ ସଶକ୍ତିକରଣର ଆବଶ୍ୟକତା

- ବାଳିକାମାନଙ୍କର ସଶକ୍ତିକରଣରେ ଶିକ୍ଷାର ଭୂମିକା, ଔପଚାରିକ ଓ ଅନୌପଚାରିକ ଶିକ୍ଷା ମାଧ୍ୟମରେ ସଶକ୍ତିକରଣ
- ବାଳିକାମାନଙ୍କୁ ସଶକ୍ତିକରଣ ପାଇଁ ଦିଆଯାଉଥିବା ପ୍ରୋତ୍ସାହନ, ସମ୍ବିଧାନର ଆଇନଗତ ବ୍ୟବସ୍ଥା
- ସରକାରୀ ନୀତି ଏବଂ ପଦକ୍ଷେପ, ପ୍ରାରମ୍ଭିକ ସ୍ତରରେ ବାଳିକା ଶିକ୍ଷା ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ (National Programme for the Education of Girls at Elementary Level, NPEGEL)
- ଗ୍ରାମାଞ୍ଚଳର ବାଳିକାମାନଙ୍କ ପାଇଁ କାର୍ଯ୍ୟକ୍ରମ, ଅନ୍ୟାନ୍ୟ ପଦକ୍ଷେପ (ମହିଳା ସମକ୍ଷ)
- ବାଳିକା ଓ ମହିଳାମାନଙ୍କୁ ସଶକ୍ତିକରଣ କରିବାରେ ବିଭିନ୍ନ ପ୍ରତିନିଧିଙ୍କ ଭୂମିକା, ସରକାର ଏବଂ ଅଣ ସରକାରୀ ସଂସ୍ଥାର (NGOs) ଏବଂ ଆଞ୍ଚଳିକ ସଂସ୍ଥାର ଭୂମିକା, ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ଭୂମିକା
- ବାଳିକାମାନଙ୍କ ପାଇଁ ଜୀବନ କୌଶଳ, ଜୀବନ କୌଶଳର ଧାରଣା, ବାଳିକାମାନଙ୍କ ପାଇଁ ଜୀବନ କୌଶଳ, ବିଦ୍ୟାଳୟ ଓ ଶିକ୍ଷକମାନଙ୍କର ଭୂମିକା

**ଏକକ-୧୩: ଶିଶୁ ଅଧିକାର ଏବଂ ପ୍ରାପ୍ୟ**

- ମାନବ ଅଧିକାର ଏବଂ ଶିଶୁ ଅଧିକାରର ଅର୍ଥ
- ଶିଶୁ ଅଧିକାର ସମ୍ପର୍କିତ ମିଳିତ ଜାତିସଂଘର ପଦକ୍ଷେପ, ମିଳିତ ଜାତିସଂଘ ଘୋଷଣାନାମାର ମୁଖ୍ୟ ଉଦ୍ଦେଶ୍ୟ ଓ ଅଭିପ୍ରାୟ
- ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁ ଅଧିକାର ଅଧିନିୟମ, ୨୦୦୯ ଏବଂ ଶିଶୁ ଅଧିକାର
- ଶିଶୁ ଅଧିକାର ସୁରକ୍ଷାର ଆବଶ୍ୟକତା
- ଶିଶୁ ଅଧିକାର ସୁରକ୍ଷା ଆୟୋଗର ପାଳନୀୟ ବ୍ୟବସ୍ଥା; ଶିଶୁ ଅଧିକାର ଉଲଘଂନ : ଶିଶୁ ଶ୍ରମିକର ଅର୍ଥ
- ଶିଶୁ ଶ୍ରମିକ ଉଚ୍ଛେଦ କରିବାର ଆବଶ୍ୟକତା
- ଶିଶୁ ଶ୍ରମିକ ଉଚ୍ଛେଦ କରିବାର ଉପାୟ
- ଭାରତରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ବନ୍ଧୀୟ ଯୋଜନା ଆୟୋଗର ଶାସନଗତ ସାରମର୍ମ
- ବିଦ୍ୟାଳୟରେ ଶିଶୁ ଅଧିକାର ଉଲଘଂନ: ବିଦ୍ୟାଳୟରେ ଶିଶୁ ଅଧିକାର ଉଲଘଂନ ସମ୍ବନ୍ଧୀୟ ଘଟଣାବଳୀ
- ଶାରୀରିକ ଦଣ୍ଡ ଏବଂ ଶିଶୁ ଅଧିକାର
- ଶାରୀରିକ ଦଣ୍ଡ ନିଷେଧ କରିବାର ଆବଶ୍ୟକତା
- ଶିଶୁ ଅଧିକାର ସୁରକ୍ଷା ରେ ଶିକ୍ଷକମାନଙ୍କର ଭୂମିକା, ଶିକ୍ଷକ ମାନଙ୍କ ପାଇଁ ଆଚରଣ ବିଧି

**କୋର୍ସ-୩: ୫୦୨ - ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷଣ ପ୍ରକ୍ରିୟା**

**କୋର୍ସର ନକ୍ସା/ଡିଜାଇନ**

- କୋର୍ସଟିରେ କ୍ଷେତ୍ର-ଭିତ୍ତିକ କାର୍ଯ୍ୟ ରହିବ
- ଶିକ୍ଷାଦାନ କୌଶଳର ବିକାଶ କରିବା
- ବିଦ୍ୟାଳୟ ବିଷୟଗୁଡ଼ିକର ଶିକ୍ଷାଦାନ ପାଇଁ ତତ୍ତ୍ୱ ଓ ଅଭ୍ୟାସ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା
- ଶିକ୍ଷଣ ପରିପ୍ରେକ୍ଷୀ ଓ ପନ୍ଥାକୁ ବୁଝିବା
- ଫଳପ୍ରଦ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ କ୍ଷମତାଶାଳୀ କରିବା

**ଯୁକ୍ତିଯୁକ୍ତ ଆଧାର**

ସମସ୍ତ ଶିକ୍ଷଣ ଉଦ୍ୟମର ମୂଳ ସମସ୍ୟା ହେଉଛି ବିଦ୍ୟାଳୟ ପରିସ୍ଥିତି ମଧ୍ୟରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅନୁଭୂତିରେ ପରିସର ଏବଂ ଗୁଣାତ୍ମକ ମାନକୁ ଅଭିବୃଦ୍ଧି କରିବା । ଏପରି ଶିକ୍ଷଣ ପରିପ୍ରେକ୍ଷୀରେ ଶିକ୍ଷକ ଏବଂ ଶିକ୍ଷାଦାନ ଯଥାକ୍ରମେ ସହାୟକ ଏବଂ ଶିକ୍ଷଣ ପ୍ରକ୍ରିୟାକୁ ସହଜ କରିବା ବିଚାର କରାଯାଏ ।

ଏହି କୋର୍ସଟି ଭାବୀ ଶିକ୍ଷକମାନଙ୍କୁ ଶିକ୍ଷଣ ପ୍ରକ୍ରିୟା ସମ୍ବନ୍ଧରେ ସ୍ୱଷ୍ଟ ଧାରଣା ସହ ପ୍ରସ୍ତୁତ କରିବା ପାଇଁ ଗୁରୁତ୍ୱ ଦେବ ଯାହା ଫଳରେ ସେମାନେ ବିଭିନ୍ନ ପରିସ୍ଥିତିରେ ଫଳପ୍ରଦ ଶିକ୍ଷାଦାନ ପାଇଁ ଉପଯୁକ୍ତ ପଦ୍ଧତି ଏବଂ କୌଶଳ ଚୟନ ଏବଂ ବ୍ୟବହାର କରିପାରିବ । ସେମାନେ ବିଭିନ୍ନ ପରିସ୍ଥିତିରେ ଶିକ୍ଷାର୍ଥୀମାନଙ୍କର ଅବଗତିକୁ ଆକଳନ କରିବେ ଏବଂ ସେହି ଆଧାରରେ ସେମାନେ ନିଜର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ପରିବର୍ତ୍ତନ କରିବେ । ବିଦ୍ୟାଳୟ ଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କର ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଏବଂ ଶିକ୍ଷଣ ପ୍ରକ୍ରିୟା ଆଧାରରେ ବୁଝିବା ପାଇଁ ଶିକ୍ଷକମାନଙ୍କୁ ଶିକ୍ଷଣ ପ୍ରକ୍ରିୟା ସମ୍ବନ୍ଧୀୟ ଅଧ୍ୟୟନ ସମର୍ଥ୍ୟ କରାଇବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ:**

- ଶିକ୍ଷାର୍ଥୀମାନଙ୍କର ପ୍ରକୃତି ଏବଂ ବିଦ୍ୟାଳୟ/ଶ୍ରେଣୀଗୃହରେ ସେମାନଙ୍କର ଶିଖିବାର ଉପାୟଗୁଡ଼ିକ ବୁଝିବାରେ ଶିକ୍ଷକମାନଙ୍କୁ ସାହାଯ୍ୟ କରିବା
- ଶିକ୍ଷଣ ପ୍ରକ୍ରିୟା ଏବଂ ଶିକ୍ଷଣ ଅଭ୍ୟାସଗୁଡ଼ିକର ପ୍ରତ୍ୟୟକୁ ବୁଝିବା, ଯୁକ୍ତିଯୁକ୍ତ ଚିନ୍ତନ ତଥା ପ୍ରତିଫଳନ କରିବାରେ ଶିକ୍ଷକମାନଙ୍କର ସାମର୍ଥ୍ୟ ବଢ଼ାଇବା
- ଶିକ୍ଷାର୍ଥୀମାନଙ୍କର ଫଳପ୍ରଦ ଶିକ୍ଷଣ ପାଇଁ ଉପଯୁକ୍ତ ପଦ୍ଧତି, କୌଶଳକୁ ଚୟନ କରିବା, ସମନ୍ୱିତ କରିବା ଏବଂ ବ୍ୟବହାର କରିବାରେ ଶିକ୍ଷକମାନଙ୍କୁ ପ୍ରଭାବଶାଳୀ କରିବା ।
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ମୂଲ୍ୟାୟନ ପାଇଁ ବିଭିନ୍ନ ଉପାୟ ବିଷୟରେ ଶିକ୍ଷକମାନଙ୍କୁ ଜଣାଇବା ଏବଂ ସେଗୁଡ଼ିକୁ ଶ୍ରେଣୀର ଶିକ୍ଷଣ ପ୍ରକ୍ରିୟାର ଉନ୍ନତି କରିବା ପାଇଁ ଫଳପ୍ରଦ ଭାବରେ ବ୍ୟବହାର କରିବାକୁ ସମର୍ଥ କରାଇବା ।
- ଶ୍ରେଣୀଗୃହ ଭିତରେ ଓ ବାହାରେ ଶିକ୍ଷଣ ପ୍ରକ୍ରିୟାକୁ ସମୃଦ୍ଧ କରିବା ପାଇଁ ଉପଲବ୍ଧ ICTର ବିଭିନ୍ନ କୌଶଳ ଓ ସାଧନ ସହ ଶିକ୍ଷକମାନଙ୍କୁ ପରିଚିତ କରିବା ।

**ବିଭାଗ ୧: ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା**

**ଏକକ ୧: ଆଦ୍ୟ ବିଦ୍ୟାଳୟ ସ୍ତରରେ ଶିକ୍ଷଣ ଏବଂ ଶିକ୍ଷାଦାନ**

- ଶିକ୍ଷଣ: ଧାରଣା ଏବଂ ପ୍ରକ୍ରିୟା, ଅର୍ଥ ପ୍ରସ୍ତୁତି ଭାବେ ଶିକ୍ଷଣ, ଶିକ୍ଷଣକୁ ପ୍ରଭାବିତ କରୁଥିବା କାରକ, ପରିପକ୍ୱନ, ଅଭିପ୍ରେରଣା, ପରିସ୍ଥିତି/ପରିବେଶ
- ପିଲାମାନେ ଶିଖନ୍ତି କିପରି – ଅଭିଜ୍ଞତା ମାଧ୍ୟମରେ, ଅଂଶଗ୍ରହଣ / କାର୍ଯ୍ୟକରି, ପର୍ଯ୍ୟବେକ୍ଷଣ, ଅନୁକରଣ, ପ୍ରଯତ୍ନ ଏବଂ ପ୍ରମାଦ, ଅର୍ନ୍ତଦୃଷ୍ଟି / ପ୍ରତିଫଳନ, ଅଭିଜ୍ଞତା ନିର୍ମାଣ ମାଧ୍ୟମରେ ଶିକ୍ଷଣ
- ଶିକ୍ଷାଦାନ: ପାରମ୍ପରିକ ଦୃଷ୍ଟିଭଙ୍ଗୀ, ଶିକ୍ଷଣର ପରିଚାଳନା / ଶିକ୍ଷଣକୁ ସୁଗମ୍ୟ କରିବା ଅର୍ଥରେ ଶିକ୍ଷାଦାନ

**ଏକକ ୨: ଶିକ୍ଷଣ ଏବଂ ଶିକ୍ଷାଦାନ ପନ୍ଥା**

- ପାରମ୍ପରିକ ଶିକ୍ଷକ – କେନ୍ଦ୍ରିକ ଏବଂ ବିଷୟ – କେନ୍ଦ୍ରିକ ପନ୍ଥା: ବୈଶିଷ୍ଟ୍ୟ, ଉପଯୋଗିତା ଏବଂ ସୀମିତତା
- ଦକ୍ଷତା ଭିତ୍ତିକ ପନ୍ଥା: ବୈଶିଷ୍ଟ୍ୟ, ଉପଯୋଗୀତା ଏବଂ ସୀମିତତା
- ଜ୍ଞାନ ସଙ୍ଗଠନ ପନ୍ଥା: ବୈଶିଷ୍ଟ୍ୟ, ଉପଯୋଗୀତା ଏବଂ ସୀମିତତା
- ଜ୍ଞାନ ସଙ୍ଗଠନ ପନ୍ଥା: ମୌଳିକ ସଙ୍ଗଠନବାଦ ଏବଂ ସାମାଜିକ ସଙ୍ଗଠନବାଦ, ବୈଶିଷ୍ଟ୍ୟ, ପ୍ରାସଙ୍ଗିକତା ଏବଂ ସୀମିତତା
- ଶିକ୍ଷାର୍ଥୀ-କେନ୍ଦ୍ରିକ ପନ୍ଥା: ବୈଶିଷ୍ଟ୍ୟ, ଉପଯୋଗିତା ଏବଂ ସୀମିତତା

**ଏକକ ୩: ଶିକ୍ଷଣ ଏବଂ ଶିକ୍ଷାଦାନ ପଦ୍ଧତି**

- ଫଳପ୍ରଦ ଶିକ୍ଷାଦାନ ଶିକ୍ଷଣ ପଦ୍ଧତିର ବୈଶିଷ୍ଟ୍ୟ
- ପ୍ରଧାନ ଶିକ୍ଷାଦାନ ସମ୍ବନ୍ଧୀୟ ପଦ୍ଧତି: ପ୍ରଦର୍ଶନ - ଆଲୋଚନା, ଆରୋହ ଏବଂ ଅବରୋହ
- ଅଧିକ ଶିକ୍ଷାର୍ଥୀ - ପ୍ରିୟ ପଦ୍ଧତି: ଅନ୍ୱେଷଣ, ଆବିଷ୍କାର, ଅନୁସନ୍ଧାନ
- ଅଧିକ ପ୍ରାସଙ୍ଗିକ ପଦ୍ଧତି: କ୍ରୀଡ଼ା, ସମସ୍ୟା ସମାଧାନ, ସହଯୋଗୀ ଏବଂ ସମ୍ମିଳୀତ ଶିକ୍ଷଣ
- ଜ୍ଞାନ ସଂଗଠନ ଶିକ୍ଷାଦାନ: ଶିକ୍ଷଣ ପ୍ରକ୍ରିୟାରେ ବ୍ୟବହୃତ ସାମୂହିକ ପଦ୍ଧତି

**ଏକକ ୪: ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା ଏବଂ ପଦ୍ଧତି**

- ଶିକ୍ଷଣ-କୈନ୍ଦ୍ରିକ ଓ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାର ଉଦାହରଣ ସହ ଧାରଣା ଓ ବୈଶିଷ୍ଟ୍ୟ
- ଶିକ୍ଷକ କୈନ୍ଦ୍ରିକ, ଶିକ୍ଷାର୍ଥୀ କୈନ୍ଦ୍ରିକ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥାର ତୁଳନା
- ଶିକ୍ଷଣ ଓ ଶିକ୍ଷାର୍ଥୀପ୍ରିୟ ପନ୍ଥା ଭାବରେ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥା
  - ଶିକ୍ଷଣ କାର୍ଯ୍ୟ ଏବଂ ଏହାର ଉପାଦାନ
  - ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥାର ବୈଶିଷ୍ଟ୍ୟ
  - ପନ୍ଥାରେ ବ୍ୟବହୃତ ପଦ୍ଧତି ସମୂହ
  - ଅର୍ଥପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ ଶିକ୍ଷଣ ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣ କାର୍ଯ୍ୟର ସମାହାର (ଉଭୟ ଶୈକ୍ଷିକ ଓ ଅନ୍ୟାନ୍ୟ ଶୈକ୍ଷିକ)
  - ଅନ୍ୟାନ୍ୟ ପନ୍ଥା ତୁଳନାରେ ସୁବିଧା
  - ଶ୍ରେଣୀକାର୍ଯ୍ୟ ପରିଚାଳନାରେ ଏହି ପନ୍ଥା ସମ୍ବନ୍ଧୀୟ ସମସ୍ୟା

**ବିଭାଗ ୨: ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ପରିଚାଳନା**

**ଏକକ ୫: ଶ୍ରେଣୀକାର୍ଯ୍ୟର ପରିଚାଳନା**

- ଦଳଗତ ଓ ବ୍ୟକ୍ତିଗତ ଶିକ୍ଷଣ ପରିସ୍ଥିତିର ପରିଚାଳନା
- ଶ୍ରେଣୀ ଶିକ୍ଷାଦାନ ଏବଂ ଶିକ୍ଷଣ ପାଇଁ ସମୟ ଓ ସ୍ଥାନର ପରିଚାଳନା
- ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷାଦାନ ଶିକ୍ଷଣ ପଦ୍ଧତି ପାଇଁ ବସିବା ଶୈଳୀ
- ଶ୍ରେଣୀରେ ଅଭିପ୍ରେରଣା ଏବଂ ଶୃଙ୍ଖଳା ପାଇଁ ପରିଚାଳନା

**ଏକକ ୬: ଶିକ୍ଷାଦାନ ଏବଂ ଶିକ୍ଷଣ ସାମଗ୍ରୀ**

- ଶିକ୍ଷଣ ସାମଗ୍ରୀର ଶ୍ରେଣୀବିଭାବ
- ବିନାମୂଲ୍ୟ ଏବଂ ଅଳ୍ପ ମୂଲ୍ୟର ପ୍ରାସଙ୍ଗିକ ଶିକ୍ଷଣ ସାମଗ୍ରୀ
- ଶିକ୍ଷଣ ସାମଗ୍ରୀ ସଂଗ୍ରହ, ପ୍ରସ୍ତୁତି, ବ୍ୟବହାର ଓ ସଂରକ୍ଷଣରେ ଶିକ୍ଷାର୍ଥୀମାନଙ୍କର ସଂପୃକ୍ତି ଏବଂ ସେମାନଙ୍କର ଶିକ୍ଷଣ ପାଇଁ ଏହାର ଉପଯୋଗୀତା
- ଶିକ୍ଷଣ ସାମଗ୍ରୀଭାବେ ପୁସ୍ତକ: ଶିକ୍ଷଣ ପାଇଁ ପାଠ୍ୟପୁସ୍ତକର ଉପଯୁକ୍ତ ବ୍ୟବହାର
- ପାଠ୍ୟପୁସ୍ତକ ବାହାରେ ଶିକ୍ଷଣ: ବିଦ୍ୟାଳୟ ଶିକ୍ଷଣ ପରିସ୍ଥିତିରେ ଶିକ୍ଷଣର ଅନ୍ୟାନ୍ୟ ଉତ୍ସଗୁଡ଼ିକ ପାଇଁ ସନ୍ଧାନ କରିବା

**ଏକକ ୭: ବହୁଶ୍ରେଣୀୟ ଏବଂ ବହୁସ୍ତରୀୟ ପରିସ୍ଥିତିର ପରିଚାଳନା**

- ବିଭିନ୍ନ ପ୍ରକାର ବହୁଶ୍ରେଣୀୟ ପରିସ୍ଥିତି ଏବଂ ପ୍ରତ୍ୟେକ ପ୍ରକାର ପରିସ୍ଥିତିରେ ଶିକ୍ଷଣ ପରିଚାଳନାର ସମସ୍ୟା
- ବହୁଶ୍ରେଣୀ ପରିସ୍ଥିତିରେ ସ୍ଥାନ, ଗ୍ରେଡ଼, ଏବଂ ପାଠ୍ୟକ୍ରମ ପରିଚାଳନା

- ବହୁସ୍ତରୀୟ ଶ୍ରେଣୀ: ଧାରଣା ଏବଂ ସମସ୍ୟା
- ବହୁସ୍ତରୀୟ /ଭିନ୍ନ ଦକ୍ଷତା ସମ୍ପନ୍ନ ଶ୍ରେଣୀରେ ଶିକ୍ଷଣର ସୁବିଧା ଯୋଗାଇବ
- ଶ୍ରେଣୀରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ବିଭିନ୍ନତା (ଶିକ୍ଷାର୍ଥୀମାନଙ୍କର ଲିଙ୍ଗ, ସଂସ୍କୃତି, ଭିନ୍ନକ୍ଷମ, ଭାଷାଗତ, ଜାତିଗତ ବୈଶିଷ୍ଟ୍ୟ) ଏବଂ ଫଳପ୍ରଦ ଶିକ୍ଷଣ ପାଇଁ ସେଗୁଡ଼ିକର ପରିଚାଳନା

**ଏକକ ୮: ଶିକ୍ଷଣ କାର୍ଯ୍ୟର ଯୋଜନା**

- ଶୈକ୍ଷିକ ଏବଂ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମର ବାର୍ଷିକ ଯୋଜନା (ବିଦ୍ୟାଳୟ ପାଇଁ ଏବଂ ପ୍ରତି ଶ୍ରେଣୀ ପାଇଁ)
- ବାର୍ଷିକ ପାଠ୍ୟ ଖସଡ଼ା ପ୍ରସ୍ତୁତି (ଶ୍ରେଣୀ-ୱାରୀ, ବିଷୟ-ୱାରୀ ଏବଂ ମୁଖ୍ୟ ଦକ୍ଷତା-ୱାରୀ): ଏହାର ଆବଶ୍ୟକତା ଓ ପ୍ରସ୍ତୁତି ପ୍ରଣାଳୀ
- ପ୍ରତ୍ୟେକ ପ୍ରସଙ୍ଗ, ଏକକ / ଦକ୍ଷତା ପାଇଁ ପାଠ ଯୋଜନ
- ପାଠଟୀକା (Lesson Note)/ ଡାଏରୀ: ଏହାର ଆବଶ୍ୟକତା, ପ୍ରସ୍ତୁତି ପ୍ରଣାଳୀ

**ବିଭାଗ ୩: ସାଂପ୍ରତିକ ପରିସ୍ଥିତିରେ ଶ୍ରେଣୀ ଶିକ୍ଷଣର ସମସ୍ୟା**

**ଏକକ ୯: ସମନ୍ୱିତ / ଏକକୀକୃତ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା**

- ଏକକୀକରଣର ଧାରଣା, ପ୍ରାରମ୍ଭିକ ସ୍ତରରେ ଏହାର ଆବଶ୍ୟକତା, ପ୍ରାସଙ୍ଗିକତା
- ଏକକୀ କରଣର ପ୍ରକାରଭେଦ ଏବଂ ପ୍ରକ୍ରିୟା
- ସମନ୍ୱିତ ଶିକ୍ଷଣ ଅଭିଜ୍ଞତା ଯୋଜନା କରିବା ଏବଂ ସଂଗଠିତ କରିବା
- ସମନ୍ୱିତ ପାଠ୍ୟ ସାମଗ୍ରୀ (ସମନ୍ୱିତ ପାଠ୍ୟପୁସ୍ତକ, ସାମଗ୍ରୀ ଏବଂ ଶିକ୍ଷଣକାର୍ଯ୍ୟ)

**ଏକକ ୧୦: ଶିକ୍ଷଣ ପ୍ରକ୍ରିୟାର ପ୍ରାସଙ୍ଗିକତା ଓ ସାମଗ୍ରୀ**

- ଅର୍ଥପୂର୍ଣ୍ଣ ଶିକ୍ଷଣରେ ଶିକ୍ଷାର୍ଥୀର ପରିଚିତ, ଆଞ୍ଚଳିକ ପ୍ରସଙ୍ଗ/ପୃଷ୍ଠଭୂମି
- ଶିକ୍ଷଣ ଏବଂ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି
- ଆଦ୍ୟ ବିଦ୍ୟାଳୟ ସମୟରେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ଆଞ୍ଚଳିକ ସମାଗ୍ରୀର ବ୍ୟବହାର
- ଶ୍ରେଣୀରେ ଶିକ୍ଷଣକାର୍ଯ୍ୟର ଯୋଜନାରେ ସାମାଜିକ-ସାଂସ୍କୃତିକ ଉପାଦାନର ବ୍ୟବହାର କରିବା
- ଆଦିବାସୀ ଶିକ୍ଷାର୍ଥୀମାନଙ୍କର ପ୍ରାକ୍ ଶିକ୍ଷା ପାଇଁ ସେମାନଙ୍କର ସାମାଜିକ - ସାଂସ୍କୃତିକ ପୃଷ୍ଠଭୂମି ଏବଂ ସାମଗ୍ରୀର ବ୍ୟବହାର କରିବା

**ଏକକ ୧୧: ଶିକ୍ଷଣରେ ICT**

- ICT: ଧାରଣା, ବିଦ୍ୟାଳୟ ଶିକ୍ଷଣରେ ICTର ପ୍ରାସଙ୍ଗିକତା
- ICTର ଉପକରଣ: Hardware(ବିଭିନ୍ନ ଶ୍ରାବ୍ୟ, ଦୃଶ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ଉପକରଣ), Software (Internet, Websites, Social Networks ଇତ୍ୟାଦି), ଶ୍ରେଣୀ ଶିକ୍ଷଣରେ ସେଗୁଡ଼ିକର ବ୍ୟବହାର
- ଶ୍ରେଣୀ ପରିଚାଳନାରେ ICTକୁ ସମନ୍ୱିତ କରିବା ପାଇଁ ଯୋଜନା

**ଏକକ ୧୨ : କମ୍ପ୍ୟୁଟର ସାହାଯ୍ୟରେ ଶିକ୍ଷଣ**

- କମ୍ପ୍ୟୁଟର, ଏହାର ମୁଖ୍ୟ ଉପାଦାନ (କମ୍ପ୍ୟୁଟର କାର୍ଯ୍ୟ ସମ୍ପାଦନର ମୌଳିକ ଜ୍ଞାନ)
- ଶିକ୍ଷଣର ଉପସାଧନ ଭାବେ କମ୍ପ୍ୟୁଟର ବ୍ୟବହାର (ପାଠ୍ୟକ୍ରମ ବିଷୟବସ୍ତୁ ରେ କମ୍ପ୍ୟୁଟର ମାଧ୍ୟମରେ Software Package ର ବ୍ୟବହାର ବିଭିନ୍ନ ପ୍ରକାରର ପ୍ୟାକେଜ୍ ସମ୍ବନ୍ଧରେ ଜ୍ଞାନ) ।

- ଶିକ୍ଷଣର ଉତ୍ସ ଭାବରେ କମ୍ପ୍ୟୁଟର ବ୍ୟବହାର କରିବା (ବିଷୟ ସମ୍ବନ୍ଧୀୟ ଜ୍ଞାନର ସମୃଦ୍ଧ କରିବା ପାଇଁ Internet Websites ର ଉପଯୋଗ କରିବା, ଜ୍ଞାନ ଏବଂ ଅଭିଜ୍ଞତା ବିନିମୟ ପାଇଁ ସୋସିଆଲ ନେଟୱାର୍କ ର ବ୍ୟବହାର କରିବା) ।
- ଉପଲବ୍ଧ ଏବଂ ପ୍ରସ୍ତୁତ Software ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ସ୍ତରର ଆକଳନ ଏବଂ ସ୍ୱ - ମୂଲ୍ୟାୟନ କରିବା ।

**ବିଭାଗ ୪ : ଶିକ୍ଷଣ ଆକଳନ**

**ଏକକ ୧୩ : ଆକଳନ ଏବଂ ମୂଲ୍ୟାୟନର ମୌଳିକ ଧାରଣା**

- ଶିକ୍ଷାର୍ଥୀ ର ପ୍ରଗତି ର ଆକଳନ : ଧାରଣା, ମୂଲ୍ୟାଙ୍କନ, ମୂଲ୍ୟାୟନ, ଆକଳନ ମଧ୍ୟରେ ପାର୍ଥକ୍ୟ
- ପ୍ରତ୍ୟାଶିତ ଫଳାଫଳ ଏବଂ ଶ୍ରେଣୀ ର ଶିକ୍ଷଣ ପ୍ରକ୍ରିୟା ସହ ଆକଳନର ସମ୍ପର୍କ, ଗଠନମୂଳକ ଓ ସମାପ୍ତିସୂଚକ ଆକଳନ ଏବଂ ସେମାନଙ୍କର ଉପଯୋଗୀତା ।
- ନିରନ୍ତର ଏବଂ ସାମଗ୍ରୀକ ମୂଲ୍ୟାୟନ (CCE) : ଧାରଣା, ପ୍ରକ୍ରିୟା ଏବଂ ଆବଶ୍ୟକତା
- ଫଳପ୍ରଦ ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ ପାଇଁ ପରିମାଣତ୍ମକ ଏବଂ ଗୁଣାତ୍ମକ ତଥ୍ୟର ବ୍ୟବହାର ।

**ଏକକ ୧୪: ମୂଲ୍ୟାୟନ / ଆକଳନର କୌଶଳ ଏବଂ ସାଧନ**

ଶିକ୍ଷଣର ମୂଲ୍ୟାୟନ, ଶିକ୍ଷଣ ପାଇଁ ମୂଲ୍ୟାୟନ, ଶିକ୍ଷଣ ଭାବେ ମୂଲ୍ୟାୟନ ଧାରଣା ଏବଂ ପ୍ରାସଙ୍ଗିକତା, ଉଦ୍ଦେଶ୍ୟ ଆଧାରରେ ବୈଶିଷ୍ଟ୍ୟ, ସମୟ ନିର୍ଦ୍ଦିଷ୍ଟ ଏବଂ କୌଶଳ ।

**ଏକକ ୧୫: ଶିକ୍ଷଣର ଅଗ୍ରଗତି ପାଇଁ ଆକଳନ / ମୂଲ୍ୟାୟନ ଫଳାଫଳର ବ୍ୟବହାର କରିବା ।**

- ଆକଳନର ପ୍ରକାର ଅନୁସାରେ କୌଶଳ ଏବଂ ସାଧନ
- ବିଭିନ୍ନ ପ୍ରକାର ପ୍ରଶ୍ନ ବ୍ୟବହାର କରି ଉପଲବ୍ଧି ପରୀକ୍ଷଣ ପ୍ରସ୍ତୁତ ଏବଂ ବ୍ୟବହାର ମୌଳିକ ଜ୍ଞାନ, ଏକକ ପରୀକ୍ଷଣର ପ୍ରସ୍ତୁତି ଓ ପରିଚାଳନ ।
- ଦିଆଯାଇଥିବା କୌଶଳ ଓ ସାଧନର ମୌଳିକ ଧାରଣା ରେଟିଂ ସ୍କେଲ, ଚେକ ଲିଷ୍ଟ (ତନଖି ତାଲିକା), ପ୍ରଶ୍ନାବଳୀ, ପର୍ଯ୍ୟବେକ୍ଷଣ ସାକ୍ଷାତକାର, କୃତୀ ମୂଲ୍ୟାୟନ ।
- ବିଭିନ୍ନ ପ୍ରକାର ପ୍ରଶ୍ନ ପ୍ରସ୍ତୁତି ସମ୍ବନ୍ଧୀୟ ଜ୍ଞାନ (ଉଦ୍ଦେଶ୍ୟ ଭିତ୍ତିକ) ଦୀର୍ଘ ଉତ୍ତରମୂଳକ, ନିର୍ଦ୍ଦିଷ୍ଟ ଉତ୍ତର ମୂଳକ, ବସ୍ତୁନିଷ୍ଠ, ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ ଏବଂ ସେଗୁଡ଼ିକର ଉପଯୋଗୀତା ।

**ଏକକ ୧୬: ଶିକ୍ଷଣ ଏବଂ ମୂଲ୍ୟାୟନ**

- ମୂଲ୍ୟାୟନ ଫଳାଫଳର ଲିପିବଦ୍ଧ କରିବା ଏବଂ ଲିଖିତ ବିବରଣୀ ଦେବା ।
- ମୂଲ୍ୟାୟନ ଫଳାଫଳକୁ ଶିକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ,ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କ ସହ (ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷ) ସହ ଆଲୋଚନା କରିବା ।
- ମୂଲ୍ୟାୟନ ଫଳାଫଳରୁ ଶିକ୍ଷାର୍ଥୀମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତା ର ପରିସର ଚିହ୍ନଟ ଏବଂ ଶିକ୍ଷଣ ସ୍ତର ଏବଂ ମାନର ଅଭିବୃଦ୍ଧି ପାଇଁ ପରବର୍ତ୍ତୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବା ।

**କୋର୍ସ ୪: ୫୦୭: ଗୋଷ୍ଠୀ ଏବଂ ପ୍ରାରମ୍ଭିକ ଶିକ୍ଷା**

**କୋର୍ସର ନକ୍ସା**

- ଶିକ୍ଷା ଅଧିକାର ପରିପ୍ରେକ୍ଷୀରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି / ବିକାଶକୁ ବୁଝିବା ।

- ଶିକ୍ଷକ, ଅଭିଭାବକ ଏବଂ ଗୋଷ୍ଠୀ ମଧ୍ୟରେ ସଂପର୍କ ବୃଦ୍ଧି କରିବା
- ଶୈକ୍ଷିକ ପରିବର୍ତ୍ତନ ସମ୍ବନ୍ଧରେ ଶିକ୍ଷକମାନଙ୍କୁ ଜଣାଇବା
- ଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣର କୌଶଳଗୁଡ଼ିକୁ ବିକାଶ କରିବା ।

**ଯୁକ୍ତିଯୁକ୍ତ ଓ ଲକ୍ଷ୍ୟ**

ଏହି ପାଠଟି ଭାରତର ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରରେ ଶିକ୍ଷା ଓ ସମାଜ ମଧ୍ୟରେ ଥିବା ସମ୍ପର୍କକୁ ଶିକ୍ଷକ ମାନଙ୍କୁ ବୁଝିବା ପାଇଁ ସାହାଯ୍ୟ କରିବ । ଏହା ବିଦ୍ୟାଳୟ ବିକାଶ ପାଇଁ ଶିକ୍ଷକ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରେ । ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ର ଆବଶ୍ୟକତା ଅନୁଯାୟୀ ପ୍ରାରମ୍ଭିକ ସ୍ତରରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ଗୋଷ୍ଠୀ ସମାଜ ଭିତରେ ସହଭାଗୀତାକୁ ଗୁରୁତ୍ୱ ଦେବ । ବିଦ୍ୟାଳୟ ଏପରି ଏକ ସ୍ଥାନରେ ରହିବା ଉଚିତ୍ ଯେଉଁଠି ପିଲାମାନେ ସହଜରେ ପହଞ୍ଚିପାରୁଥିବେ । ଏହି ଆଲୋଚନା ଶିକ୍ଷକ ମାନଙ୍କୁ ଛାତ୍ରଛାତ୍ରୀ ତଥା ଗୋଷ୍ଠୀ ସହ ଭାବ ଆଦାନପ୍ରଦାନ କିପରି କରିବା ତାହା ଜଣାଇବା ସହ, ନାମଲେଖା, ବ୍ୟବଧାରଣ ଏବଂ ଉତ୍ତମ ଶିକ୍ଷଣ ଉପଲବ୍ଧକୁ ସୁନିଶ୍ଚିତ କରିବାର ବାଟ ଦେଖାଇବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ :**

- ବିଦ୍ୟାଳୟ ବିକାଶରେ ଗୋଷ୍ଠୀର ଭୂମିକାମାନ ବୁଝିବା
- ବିଦ୍ୟାଳୟର କାର୍ଯ୍ୟଧାରାକୁ ଏକ ଉତ୍ତମ ଧାରାରେ ସମନ୍ୱିତ କରିବା ।
- ବିଦ୍ୟାଳୟ ସୁବିଧା ସୁଯୋଗ ଓ କାର୍ଯ୍ୟସାଧନକର୍ମୀ ମାନଙ୍କ ବିଦ୍ୟାଳୟ ବିକାଶ ରେ ପ୍ରଭାବ ଗୁଡ଼ିକୁ ମୂଲ୍ୟାୟନ କରିବା ।
- ଗୋଷ୍ଠୀ ସମୂହ ଗୁଡ଼ିକୁ ଚିହ୍ନଟ କରିବା ସହ ବିଦ୍ୟାଳୟ ପରିବେଶ ଉନ୍ନତି ପାଇଁ ତାହାର ଉପଯୋଗ
- ବିଦ୍ୟାଳୟ ଗୋଷ୍ଠୀ ସହଭାଗୀ ପରିଚାଳନା ପ୍ରକ୍ରିୟାକୁ ପସନ୍ଦ କରିବା

**ଭାବ - ୧ : ସମାଜ ଓ ଶିକ୍ଷା**

ଭାରତରେ ସମାଜ ଓ ସମାଜିକ ସମ୍ପର୍କ: ସମାଜ, ଭାରତୀୟ ସମାଜ ଏବଂ ଭାରତର ଜାତୀୟ ଏକତା, ସମାଜ ଓ ଶିକ୍ଷା ମଧରେ ସମନ୍ୱୟ, ବିଦ୍ୟାଳୟ ସମାଜ ଏବଂ ଉତ୍ସ (ବିଦ୍ୟାଳୟ ଯାହା ସମାଜିକ ବ୍ୟବସ୍ଥା ର ଉର୍ଦ୍ଧରେ ) (୧୦୦୦ ଶବ୍ଦ - ପାଠ ୧ ସହ ସମନ୍ୱିତ)

**ଏକକ - ୨: ଗୋଷ୍ଠୀ ଓ ବିଦ୍ୟାଳୟ**

ଗୋଷ୍ଠୀଙ୍କୁ ବୁଝିବା (ସମାଜ ତଥା ଗୋଷ୍ଠୀ), ଗୋଷ୍ଠୀ ପରିପ୍ରେକ୍ଷୀରେ ପ୍ରାରମ୍ଭିକ ଶିକ୍ଷାକୁ ବୁଝିବା, ଗୋଷ୍ଠୀ ଓ ବିଦ୍ୟାଳୟ ସମ୍ପର୍କ, ଭାଷା ବିକାଶ, ସଂସ୍କୃତି ବିକାଶ, ଜୀବନ ଶୈଳୀ (ବିଭିନ୍ନ ପ୍ରକାର ଉତ୍ସବ ସହିତ) ଏବଂ ଜୀବନ ଶୈଳୀର ବିକାଶ କ୍ଷେତ୍ରରେ ଏହାର ପ୍ରଭାବ ।

**ଏକକ - ୩: ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀର ଅବଦାନ**

ଅଭିଭାବକଙ୍କ ଅବଦାନ, ସାମଗ୍ରୀକ ଭାବେ ଗୋଷ୍ଠୀଙ୍କ (ସପକ୍ଷ ଯୁକ୍ତି : ଗୋଷ୍ଠୀ ବିଦ୍ୟାଳୟ ପାଇଁ ଏକ ସକରାତ୍ମକ ଶିକ୍ଷଣ ପ୍ରସ୍ତୁତିରେ ଗୋଷ୍ଠୀ) ଅଭିଜ୍ଞତା ଓ ଗବେଷଣା ।

**ଏକକ - ୪: ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିକାର ନିୟମ ଅନୁଯାୟୀ ଗୋଷ୍ଠୀ ସଂପୃକ୍ତି**

(ଭାରତର ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସହ ସମନ୍ୱିତ, ପାଠ ୧ଭାଗ ୨) ନିୟମ ବ୍ୟବସ୍ଥା, ଅଭିଭାବକ ଶିକ୍ଷକ / ମାତୃ ଶିକ୍ଷକ ମଣ୍ଡଳୀ ର ଭୂମିକା, ବିଦ୍ୟାଳୟ ପରିଚାଳନା କମିଟି, ସ୍ୱୟଂ ସହାୟିକା ଗୋଷ୍ଠୀ, ପଞ୍ଚାୟତି ରାଜ୍ୟ ବ୍ୟବସ୍ଥାର ପ୍ରାରମ୍ଭିକ ଶିକ୍ଷା ଓ ଗୋଷ୍ଠି ସହ ସହଭାଗୀତା (ବ୍ୟବସ୍ଥା ଓ ସମ୍ପର୍କ) ଅଭିଜ୍ଞତା ଓ ଗବେଷଣା ତଥ୍ୟ ।

**ଭାଗ-୨ : ବିଦ୍ୟାଳୟ ବ୍ୟବସ୍ଥା**

**ଏକକ- ୫: ଶିଶୁର ଅଧିକାର ଓ ବିଦ୍ୟାଳୟର ବ୍ୟବସ୍ଥାମାନ**

ଅଧିକାର ଭିତ୍ତିକ ଶିକ୍ଷା (ବିଦ୍ୟାଳୟ ଓ ଶିଶୁ ସମ୍ପର୍କିତ ମାନବୀୟ ଅଧିକାର), ଶିକ୍ଷା ଅଧିକାର ଏବଂ ମାନବୀୟ ଅଧିକାର, ମାଗଣା ଓ ବାଧ୍ୟତା

ମୂଳକ ଶିକ୍ଷା ବ୍ୟବସ୍ଥା ନିୟମ ୨୦୦୯ ର ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ର ମୁଖ୍ୟ ଦିଗ (ଅର୍ଥ ଓ ପ୍ରକୃତି), ବିଦ୍ୟାଳୟରେ ପିଲାମାନଙ୍କ ପ୍ରବେଶ ଉପାୟ (ପ୍ରତିବନ୍ଧକ ରହିତ ପ୍ରବେଶ), ବିଦ୍ୟାଳୟ ପରିବେଶରେ ପିଲାଙ୍କ ଅନୁଭୂତି (ଶିଶୁ ସୁଲଭ ଉପାଦାନ, ସହିତ ସାଇକେଲ, ଯାନ ରଖିବା ସ୍ଥାନ), ଶ୍ରେଣୀ ଗୃହ ଭିତରେ ପିଲାମାନଙ୍କ ଅନୁଭୂତି (ସ୍ଥାନ, ବସିବା ବ୍ୟବସ୍ଥା, ଆଲୋକ, ବାୟୁ ଚଳାଚଳ ବ୍ୟବସ୍ଥା, ବାରଣ୍ଡା) ବିଦ୍ୟାଳୟରେ ପିଲାଙ୍କର ସୁରକ୍ଷା ବ୍ୟବସ୍ଥା (ନିଆଁ, ପାଣି, ବାୟୁ ଓ ଅନ୍ୟାନ୍ୟ ବିପଦସଂକୁଳ ପରିସ୍ଥିତି) ସମ୍ପର୍କରେ ଶିକ୍ଷଣ ପାଇଁ ବିଦ୍ୟାଳୟରେ ଥିବା ସୁବିଧା (ଆଭ୍ୟନ୍ତରିଣ ଓ ବାହ୍ୟ ବିଦ୍ୟାଳୟ ପରିବେଶ ଶିକ୍ଷଣ ପାଇଁ ବ୍ୟବହାର) ମଧ୍ୟାହ୍ନ ଭୋଜନ ପାଇଁ ସୁବିଧା, ପ୍ରତ୍ୟେକ ପିଲାପାଇଁ ପିଇବାପାଣି ଓ ଶୌଚାଳୟର ବ୍ୟବସ୍ଥା (ଶୁଦ୍ଧ ପାନୀୟଜଳ ଓ ପରିଷ୍କାର ପରିଚ୍ଛନତା) କ୍ରୀଡ଼ା ଓ ଖେଳ ପାଇଁ ସୁବିଧା ସୁଯୋଗ, ବଗିଚା କର୍ମ ପାଇଁ ସୁବିଧା, ଶିଶୁ ପ୍ରିୟ ତଥା ଶିଶୁ କୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାର ସମୃଦ୍ଧି ସହିତ ଅନୁଭୂତି ଆବିଷ୍କାର, ଅନୁସନ୍ଧାନ ଇତ୍ୟାଦି ଭିତ୍ତିକ କାର୍ଯ୍ୟ । (ପ୍ରାରମ୍ଭିକ ଶିକ୍ଷାର ଶିକ୍ଷଣ ପ୍ରକ୍ରିୟା ସହିତ ସମନ୍ୱିତ ପାଠ - ୩, ଭାଗ -୧ ।

**ଏକକ - ୬ : ଶିକ୍ଷକ ଓ ବିଦ୍ୟାଳୟ**

ବିଦ୍ୟାଳୟରେ ଶିକ୍ଷକ: ବିଦ୍ୟାଳୟ ବିକାଶରେ ସର୍ବଶିକ୍ଷା ଅଭିଯାନର ପ୍ରଚେଷ୍ଟା, ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତାର ବିକାଶ, (ବିଦ୍ୟାଳୟ ପରିବେଶରେ ବୃତ୍ତିଗତ ଦକ୍ଷତା ବିକାଶର ଚିହ୍ନଟ - ବୃତ୍ତିଗତ ବିକାଶ ପାଇଁ ସର୍ବଶିକ୍ଷା ଅଭିଯାନ ମଧ୍ୟରେ ଗୋଷ୍ଠୀ ସହଭାଗିତାରେ ବିଭିନ୍ନ କାର୍ଯ୍ୟ) ଶିକ୍ଷକ ନେତୃତ୍ୱ ବିକାଶ ।

**ଏକକ - ୭: ଶିକ୍ଷକ ନେତୃତ୍ୱ**

ନେତୃତ୍ୱ ସମ୍ପର୍କରେ ଧାରଣା, ନେତୃତ୍ୱର ପ୍ରକାରଭେଦ (ଗଣତାନ୍ତ୍ରିକ ଓ ନିରଙ୍କୁଶ) ନେତା ଓ ପ୍ରତ୍ୟାଖାନ କରୁଥିବା ବ୍ୟକ୍ତି, ନେତୃତ୍ୱ କୌଶଳ, ଶିକ୍ଷକ ଦକ୍ଷତା, ଜ୍ଞାନ, ଶିକ୍ଷା ପରିବର୍ତ୍ତନ ପରିପ୍ରେକ୍ଷୀରେ ପ୍ରତିଶ୍ରୁତି ଓ ସଫଳତା, ବିଶ୍ୱାସ ଜନ୍ମାଇବା ପରି ଭାବ ଆଦାନ ପ୍ରଦାନ, ନିଷ୍ପତ୍ତି ଗ୍ରହଣ ଓ ସମସ୍ୟା ସମାଧାନ ।

**ଏକକ -୮: ଶୈକ୍ଷିକ ସଂସ୍ଥା ମାନଙ୍କ ସହ ସମ୍ପର୍କ**

ଶୈକ୍ଷିକ ସଂସ୍ଥା ମାନଙ୍କ ଭୂମିକା, ସର୍ବଶିକ୍ଷା ଅଭିଯାନର ଗଠନ ପ୍ରଣାଳୀ/ଗ୍ରହଣ (ରାଜ୍ୟ ସାଧନ କେନ୍ଦ୍ର, ମଣ୍ଡଳ ସାଧନ କେନ୍ଦ୍ର, ଆଞ୍ଚଳିକ ସାଧନ କେନ୍ଦ୍ର) ପ୍ରଶିକ୍ଷଣ ଓ ପାଠ୍ୟକ୍ରମ (ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା, ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ (SCERT), ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ପ୍ରାରମ୍ଭିକସ୍ତରର ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶୈକ୍ଷିକ ଅନୁଷ୍ଠାନ ମାନଙ୍କ ସମ୍ବନ୍ଧରେ ଧାରଣା, ବିଭିନ୍ନ ପ୍ରକାରର ଶୈକ୍ଷିକ ଅନୁଷ୍ଠାନ, ପ୍ରଧାନ ଶିକ୍ଷକ ମାନଙ୍କର ଭୂମିକା vis-a-vis ସମାଜ ।

**ଭାଗ - ୩ : ବିଦ୍ୟାଳୟ ଗୋଷ୍ଠୀ ପରିଚାଳନା**

**ଏକକ -୯ : ଗୋଷ୍ଠୀ ସଂଗଠନ**

ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ସଂଗଠନର ବିଭିନ୍ନ ପଥ ଓ ପନ୍ଥା, ନିର୍ଦ୍ଦିଷ୍ଟ ଘଟଣାବଳୀ ବିବରଣୀ, ରାଜ୍ୟରେ ଘଟୁଥିବା ଅଭିନବ କାର୍ଯ୍ୟ (ଗୋଷ୍ଠୀ ପର୍ଯ୍ୟବେକ୍ଷିତ ପ୍ରକଳ୍ପ ଭାବରେ ଆଧାରିତ 'ଶିକ୍ଷକ ନେତୃତ୍ୱ, ଗୋଷ୍ଠୀ ସଞ୍ଚାଳନ')

**ଏକକ -୧୦: ବିଦ୍ୟାଳୟ ପରିଚାଳନା**

ବିଦ୍ୟାଳୟ ପରିଚାଳନା ର ଅର୍ଥ ଓ ପ୍ରକୃତି ପରିଚାଳନା ଉପାଦାନ ଓ ତାର ନିୟମ (ଯୋଜନା, ବଜେଟ ପ୍ରସ୍ତୁତି, ସଂଗଠନ, ନିର୍ଦ୍ଦେଶ ଦେବା, ନିୟନ୍ତ୍ରଣ କରିବା, ନିଷ୍ପତି ଗ୍ରହଣ, ମୂଲ୍ୟାୟନ କାର୍ଯ୍ୟ ଓ କାର୍ଯ୍ୟକ୍ରମ) ପରିଚାଳନା ପ୍ରକାର ଭେଦ, ଅଂଶଗ୍ରହଣାତ୍ମକ ପରିଚାଳନାର ଅଂଶଗ୍ରହଣାତ୍ମକ ଓ ଅଣ - ଅଂଶଗ୍ରହଣାତ୍ମକ ପ୍ରକ୍ରିୟା ।

**ଏକକ -୨: ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ବଳ ପରିଚାଳନା**

**ସମ୍ବଳ ଗୁଡ଼ିକର ପ୍ରକାର ଭେଦ :** ମାନବ, ଉପକରଣ ଓ ଆର୍ଥିକ ରୋଜଗାର ଉତ୍ସ - ସରକାରୀ ସଂସ୍ଥା, ଅନ୍ୟାନ୍ୟ ସଂସ୍ଥା, ସ୍ଥାନୀୟ ସଂସ୍ଥା, ସମାଜରୁ ସ୍ୱେଚ୍ଛାକୃତ ଅନୁଦାନ ବୃତ୍ତି, ପରୀକ୍ଷା ଫି ସଞ୍ଚୟ ।

**ଏକକ ୧୨: ବିଦ୍ୟାଳୟ ଗୋଷ୍ଠୀ ସହଭାଗୀତା ପାଇଁ ପରିଚାଳନା ଉପକାର / ପଦ୍ଧତି ପ୍ରକାରଭେଦ, ବ୍ୟକ୍ତି କ୍ଷମତା**

- ଲାଭକ୍ଷତି ହିସାବ
- ସାମାଜିକ ଦାବି
- ସାମାଜିକ ନ୍ୟାୟ

ପ୍ରତ୍ୟେକ ଉପାୟ ପଦ୍ଧତିର ପ୍ରାସଙ୍ଗିକତା ହେଉଛି ବିଦ୍ୟାଳୟ ଯେପରି ବିଦ୍ୟାଳୟ ଓ ଗୋଷ୍ଠୀର ସହଭାଗୀତାକୁ ସମୃଦ୍ଧ କରିବା ।

ବିଦ୍ୟାଳୟ - ଗୋଷ୍ଠୀ ସହଭାଗୀ ପରିଚାଳନା ଓ ଅନୁଷ୍ଠାନ ପାର୍ଥକ୍ୟ ଏବଂ ଦୁଇ ସଂସ୍ଥା (ଅନୁଷ୍ଠାନ)ର ସମ୍ପର୍କ ପ୍ରକ୍ରିୟାକୁ ସମୃଦ୍ଧି କରିବା ।

**ପରିଶିଷ୍ଟ ଉପକରଣ:** ରାଜ୍ୟରେ ଘଟିଥିବା ଗୋଷ୍ଠୀ ସଂଚାଳନ ଉପରେ ଭିଡ଼ିଓ (Video) ପ୍ରଦର୍ଶନ

**ଦଳ -୨: ପ୍ରାରମ୍ଭିକ ସ୍ତରରେ ବିଦ୍ୟାଳୟ ବିଷୟ ଉପରେ ଶିକ୍ଷା ଓ ଶିକ୍ଷଣ**

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ପ୍ରକ୍ରିୟା ପାଇଁ ଯୋଜନାକୁ ମାର୍ଗ ଦେଖାଉଛି ।
ଏହାର ମୁଖ୍ୟତଃ ଭାବେ ୫ ଟି ମାର୍ଗଦର୍ଶୀ ନୀତି ରହିଛି ।

- ବିଦ୍ୟାଳୟ ବାହାରର ଜ୍ଞାନ ସହିତ ଜୀବନକୁ ଯୋଡ଼ିବା ।
- ଶିକ୍ଷଣ ଯେପରି ଘୋଷା ପଦ୍ଧତିରୁ ଦୂରେଇ ରହିବ ନିଶ୍ଚିତ କରିବା ।
- ପାଠ୍ୟକ୍ରମକୁ ଅଧିକ ସମୃଦ୍ଧ କରିବା ଯାହାଦ୍ୱାରା ଏହା ପାଠ୍ୟପୁସ୍ତକ ବାହାରକୁ ଯାଇପାରିବ ।
- ପରୀକ୍ଷା / ମୂଲ୍ୟାୟନ ବ୍ୟବସ୍ଥାକୁ ଅଧିକ ନମନୀୟ କରିବା ତଥା ଶ୍ରେଣୀ ଗୃହ ଜୀବନ ସହ ସମନ୍ୱିତ କରିବା ।
- ଦେଶର ଗଣତାନ୍ତ୍ରିକ ସଂରଚିତ ସମାଜ ମଧ୍ୟରେ ଯତ୍ନର ସହ ସୂଚନା ପ୍ରଦାନ କରି ଶ୍ରେଷ୍ଠତା କୁ ବିଦାୟ ରଖି ଶ୍ରେଷ୍ଠତା କୁ ବଜାୟ ରଖି ପରିଚୟ ଘୋଷଣା କରିବା ।

**ପାଠ - ୫: ୫୦୩: ପ୍ରାରମ୍ଭିକ ସ୍ତରରେ ଭାଷା ଶିକ୍ଷଣ**

**ପାଠ ଯୋଜନା**

- ଭାଷା କୌଶଳ ର ବିକାଶ କରାଇବା
- ଛୋଟ ପିଲାମାନଙ୍କର ଶିକ୍ଷଣ ପରିସ୍ଥିତି କୁ ବୁଝିବା ।
- କାର୍ଯ୍ୟ ଭିତ୍ତିକ ଏକକ

**ବିଚାର ଓ ଲକ୍ଷ୍ୟ**

ପ୍ରାରମ୍ଭିକ ସ୍ତରରେ ଶିକ୍ଷାର୍ଥୀ ମାନଙ୍କର ଭାଷା ଶିକ୍ଷଣ ହେଉଛି ଏହି ପାଠର ମୁଖ୍ୟ ଉଦ୍ଦେଶ୍ୟ । ଏହାର ପ୍ରଧାନ ଲକ୍ଷ୍ୟ ହେଲା ଛାତ୍ରଛାତ୍ରୀ - ଶିକ୍ଷକ ମାନଙ୍କୁ ବର୍ତ୍ତମାନ ପ୍ରଚଳିତ ଭାଷାଶିକ୍ଷଣ ଉପରେ ଜଣାଇବା । ଏହି ପାଠଟି ଭାଷା ଶିକ୍ଷଣ ରେ ଜ୍ଞାନ ସଂରଚନା ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ । ଶିକ୍ଷକ ଏକ ପ୍ରଭାବଶାଳୀ ପରିବେଶ ତିଆରି କରିବାରେ ସମର୍ଥ ହେବେ, ଯାହାକି ଶିକ୍ଷାର୍ଥୀମାନଙ୍କୁ ଭାଷାଶିକ୍ଷଣ ଉପରେ ପରୀକ୍ଷଣ କରିବା ପାଇଁ ଉତ୍ସାହିତ କରିବ ।

**ମୁଖ୍ୟ ଉଦ୍ଦେଶ୍ୟ**

- ଭାଷା ଶିକ୍ଷା ଓ ଶିକ୍ଷଣ ସମ୍ବନ୍ଧୀୟ ସାଧାରଣ ନିୟମ ଗୁଡ଼ିକୁ ଜାଣିବାରେ ଶିକ୍ଷକ ମାନଙ୍କୁ ସାମର୍ଥ୍ୟ ବୃଦ୍ଧି କରିବା ।
- ଶ୍ରେଣୀ ଗୃହ ପରିଚାଳନା ଗତ କୌଶଳ ଏବଂ ଭାଷା ଶିକ୍ଷଣ କୌଶଳର ବିକାଶ କରିବା ।
- ଭାଷା ମୂଲ୍ୟାୟନ ସମ୍ପର୍କୀତ ସମସ୍ୟା ଓ ଶ୍ରେଣୀ ଶିକ୍ଷକରେ ପ୍ରଭାବ ପରୀକ୍ଷା କରିବା ।
- ପ୍ରାରମ୍ଭିକ ସ୍ତରରେ ଭାଷାଶିକ୍ଷଣ ଦକ୍ଷତା ବିକାଶ କରାଇବା ।
- ଭାଷାକୁ ବୁଝିବା ସହ ଏହାର ଧାରଣା, ପ୍ରକୃତି, ଗଠନ, କାର୍ଯ୍ୟଧାରା, ପ୍ରାଧାନ୍ୟକୁ ବୁଝିବା ।
- ଭାଷା ଗ୍ରହଣର ପ୍ରକ୍ରିୟାକୁ ସୂକ୍ଷ୍ମବିଚାର କରିବା ଦକ୍ଷତା ବିକାଶ କରିବା ।

- ଭାଷା ଶିକ୍ଷଣର ଅନେକ ପଦ୍ଧତି, କୌଶଳ ତଥା ବିଶେଷ ଜ୍ଞାନର ବିକାଶ ସହ ପରିଚିତ କରାଇବା ।
- ଏକ ପ୍ରଭାବୀ ଭାଷା ଶିକ୍ଷକ ହେବା ପାଇଁ ଆବଶ୍ୟକ କୌଶଳ ଗୁଡ଼ିକୁ ବତାଇବା ।

**ଭାଗ -୧- ଭାଷାକୁ ବୁଝିବା**

**ଏକକ ୧ - ଭାଷା ଶିକ୍ଷଣ ଉପକ୍ରମ**

- ଭାଷା - ଧାରଣା, କାର୍ଯ୍ୟଧାରା, ପ୍ରାଧାନ୍ୟ
- ଭାଷା ସମ୍ବନ୍ଧୀୟ ଜ୍ଞାନ ଓ ବ୍ୟାକରଣ - ଆଦର୍ଶ ଭାଷାର ଧାରଣା,
- ଭାଷାର ସାମାଜିକ ଭିତ୍ତି ଭୂମି - ଭାଷା ମନସ୍ତତ୍ତ୍ୱ
- ଭାଷାଗତ କୌଶଳ - ଶ୍ରବଣ, କଥନ, ଗଠନ, ଲିଖନ
- ଭାଷା ଓ ସାହିତ୍ୟ

**ଏକକ -୨ ଭାରତରେ ଭାଷା**

- ଭାରତରେ ଭାଷା - ତାଲିକାଭୁକ୍ତ ଭାଷା, ମାତୃଭାଷା ଓ ଆଞ୍ଚଳିକ ଭାଷା ମାର୍ଜିତ ଭାଷା (ସଂସ୍କୃତ, ଆରବିକ, ପାର୍ସିଆନ୍) କାର୍ଯ୍ୟାଳୟରେ ବ୍ୟବହୃତ ଭାଷା
- ଭାରତରେ ହିନ୍ଦୀର ସ୍ଥାନ
- ଭାରତରେ ଇଂରାଜୀର ସ୍ଥାନ
- ଭାରତରେ ଭାଷାଗତ ନୀତି - ତ୍ରିଭାଷିକ ନୀତି, ଜାତୀୟ ପାଠ୍ୟକ୍ରମ ଆଧାର - ୨୦୦୫

**ଏକକ -୩ : ଭାଷା ଶିକ୍ଷା - ଶିକ୍ଷଣ**

- ଭାଷା ଆହରଣ ଓ ଭାଷା ଶିକ୍ଷଣ
- ଭାଷା ଶିକ୍ଷଣର ସାମାଜିକ ଭାଷା ଓ ମନସ୍ତତ୍ତ୍ୱଭାଷା
- ଭାଷା ଶିକ୍ଷଣରେ ବ୍ୟାକରଣର ଭୂମିକା ।
- ଭାଷା ଶିକ୍ଷଣରେ ବିଭିନ୍ନ ପ୍ରକାରର ପଦ୍ଧତି ଓ ଉପାୟ - ବ୍ୟାକରଣ, ଅନୁବାଦ, ଗଠନାତ୍ମକ ପଦ୍ଧତି, ଆଦାନ ପ୍ରଦାନ ମାଧ୍ୟମ
- ଭାଷା ଶିକ୍ଷଣ ମାଧ୍ୟମରେ ଭାଷା ଓ ସାହିତ୍ୟ ଦ୍ୱାରା ଜୀବନ କୌଶଳ ତଥା ମୂଲ୍ୟବୋଧ ବିଷୟରେ ମନରେ ଦୃଢ଼ୀକରଣ କରିବା ।
- ଭାଷା ଶିକ୍ଷଣରେ ଅକ୍ଷମତା - ଡ଼ିସଲେକ୍‌ସିଆ ଓ ଡ଼ିସଲେକସିସ୍ ।

**ଭାଗ -୨ : କୌଶକ ଭିତ୍ତିକ ଭାଷା ଶିକ୍ଷଣ**

**ଏକକ -୪ : ଶ୍ରବଣ - କଥନ କୌଶଳ**

**ଭାଷା ଶିକ୍ଷାଦାନରେ**

- ବାଚନିକ - ଶ୍ରବଣ ପନ୍ଥା
- ଶ୍ରେଣୀ ଶିକ୍ଷାଦାନ ପାଇଁ ଶ୍ରବଣ ଏବଂ କଥନର କୌଶଳ : ପ୍ରାକ୍ - ପ୍ରାଥମିକ ପଦ୍ୟ, ଆବୃତ୍ତି, ଅଭିନୟ ଏବଂ ନାଟକ, କଥୋପକଥନ; ଗଳ୍ପ କଥନ; ଯୋଡ଼ିରେ ଏବଂ ଦଳରେ ଆଲୋଚନା, ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟାବଳୀ - ପ୍ରତିଯୋଗିତା: ତର୍କ, ଭାଷଣ, ପଦ୍ୟ ଆବୃତ୍ତି ତତକ୍ଷଣାତ୍ ଭାଷଣ ଇତ୍ୟାଦି ।
- ଉପକରଣ - ଶ୍ରାବ୍ୟ/ ଦୃଶ୍ୟ କାର୍ଯ୍ୟକ୍ରମ ; ଭାଷା - ଗାର
- ଶ୍ରବଣକ ବୋଧଗମ୍ୟତା ଓ ସଠିକ ବନାନ ପରୀକ୍ଷା କରିବା ପାଇଁ ଶ୍ରୁତଲିଖନ ଏକ କୌଶଳ (ଶ୍ରବଣ ଦ୍ୱାରା ଜଣେ ଉତ୍ତମ ଶିକ୍ଷାର୍ଥୀ ସଠିକ୍ ବନାନ ଲେଖିବାକୁ ସମର୍ଥ ହେବା ଉଚିତ୍)
- ସଠିକତା ଏବଂ ବାକ୍‌ପଟୁତା

**ଏକକ ୫ : ପଠନ କୌଶଳ**

- ଭାଷାରେ ପଠନ ଗୁରୁତ୍ୱ ; ନୀରବ ଏବଂ ସରବ ପଠନ ମଧ୍ୟରେ ପାର୍ଥକ୍ୟ
- ପଠନର ଶିକ୍ଷାଦାନ ଶିକ୍ଷଣ ପାଇଁ ବିଭିନ୍ନ ପଦ୍ଧତି/ ପନ୍ଥା : ଧ୍ୱନି, ଅକ୍ଷର, ଶବ୍ଦ, ବାକ୍ୟ, କଥୋପକଥନ ପଦ୍ଧତି, (Psycholinguistic) ପନ୍ଥା : - ଅର୍ଥ ଏବଂ ପଠନରେ ଚିତ୍ରକଳା
- ଶିକ୍ଷାର୍ଥୀଙ୍କ ମଧ୍ୟରେ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା: ଆନନ୍ଦ ପାଇବା ପାଇଁ ପଠନ ଏବଂ ଜ୍ଞାନ ପାଇଁ ପଠନ, ପାଠାଗାର, ଶ୍ରେଣୀ ପାଠାଗାର, ସାଙ୍ଗମାନଙ୍କ ମଧ୍ୟରେ ପୁସ୍ତକର ଆଦାନ ପ୍ରଦାନ, ଉପନ୍ୟାସ, ଗପବହି, ସମ୍ବାଦପତ୍ର ଇତ୍ୟାଦିର ବ୍ୟବହାର ।
- ବ୍ୟକ୍ତିତ୍ୱର ବିକାଶ ଏବଂ ଆରୋଗ୍ୟ ପାଇଁ ପୁସ୍ତକ ଚିକିତ୍ସା : ପୁସ୍ତକ ପଢ଼ିବା ଏବଂ ଆଲୋଚନା କରିବା ।
- ପଠନ ସହ ଲିଖନକୁ ସଂଯୋଗ କରିବା : ବୋଧଗମ୍ୟତାର ପରୀକ୍ଷଣ ପାଇଁ ପଠନ ବୋଧଗମ୍ୟତା ପରିଚିତ ବିଷୟ ଏବଂ ଦେଖି ନଥିବା ଅନୁଚ୍ଛେଦ ପଢ଼ିବା, ଭାବାନୁବାଦ କରିବା ସାରମର୍ମ କହିବା ।
- ଶବ୍ଦ ଭଣ୍ଡାର ସୃଷ୍ଟି – ସକ୍ରିୟ ଏବଂ ନିଷ୍କ୍ରିୟ ଶବ୍ଦଭଣ୍ଡାର

**ଏକକ -୬: ଲିଖନ କୌଶଳ**

- ଲିଖନର ପ୍ରାରମ୍ଭ – ଅକ୍ଷର, ଶବ୍ଦ ଏବଂ ବାକ୍ୟର ଅଭ୍ୟାସ କରିବା; ସୁନ୍ଦର ହସ୍ତାକ୍ଷରର ଉପାଦନ ଏବଂ ଗୁରୁତ୍ୱ –ସୂକ୍ଷ୍ମ ସୁନ୍ଦର ଲେଖା; ସୁନ୍ଦର ହସ୍ତାକ୍ଷରର ବିକାଶ ପାଇଁ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବା; ହସ୍ତାକ୍ଷର ଏବଂ ବ୍ୟକ୍ତିତ୍ୱ; ହସ୍ତାକ୍ଷର ହେଉଛି ପଢ଼ିବା ଓ ଭୁଲ ବନାନ କରିବାର ଅସୁବିଧା (dyslexia) ର ସୂଚକ ।
- ଉତ୍ତମ ଲିଖନର ଗୁଣାବଳୀ : ବ୍ୟାକରଣ ଗତ ସଠିକତା, ଭାବବିନିମୟ ଗତ ସାବଲୀଳତା ଏବଂ ସ୍ୱଚ୍ଛତା; ସରଳ ଏବଂ ଆଳଙ୍କାରିକ ବାକ୍ୟାଂଶ ପରିପୂର୍ଣ୍ଣ ଭାଷା
- ନିମ୍ନ ଶ୍ରେଣୀରେ ଲିଖନ କୌଶଳ ଶିକ୍ଷାଦାନ ପାଇଁ କୌଶଳ : ଚିତ୍ର ବର୍ଣ୍ଣନା / ରଚନା, ଦିଆଯାଇଥିବା ପ୍ରାଥମିକ ଚିଠା / ଶବ୍ଦରୁ ଗଳ୍ପ ପ୍ରସ୍ତୁତ କରିବା ଇତ୍ୟାଦି ।
- ଉଚ୍ଚସ୍ତରୀୟ ଲିଖନ କାର୍ଯ୍ୟ; ଅନୁଚ୍ଛେଦ ଏବଂ ରଚନା ଲିଖନ ପତ୍ରଲିଖନ , ଗଳ୍ପ ଲିଖନ, ପଦ୍ୟ ଲିଖନ.

**ବିଭାଗ ୩: ଶ୍ରେଣୀରେ ଭାଷା ଶିକ୍ଷଣ**

**ଏକକ -୭ : ସାହିତ୍ୟ**

- ଭାଷା ଶିକ୍ଷଣରେ ସାହିତ୍ୟର ଭୂମିକା
- ସାହିତ୍ୟ ଶିକ୍ଷାଦାନର ଉଦ୍ଦେଶ୍ୟ – ସମ୍ବେଦନଶୀଳତା ଏବଂ ଅନୁଭବକ୍ଷମତା ; ସୃଜନଶୀଳତା ଏବଂ କଳ୍ପନା, ଜୀବନ ଏବଂ ମଣିଷଙ୍କୁ ବୁଝିବା
- ସାହିତ୍ୟର ବିଭିନ୍ନ ରୂପ ଏବଂ ବିଶେଷ ଶୈଳୀର କଳା ଶିକ୍ଷା କିପରି ଦିଆଯିବ: ପଦ୍ୟ, ନାଟକ, ଗଦ୍ୟ – ରଚନା, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଅବାସ୍ତବ ସାହିତ୍ୟ ଏବଂ ବାସ୍ତବ ସାହିତ୍ୟ, ବୈଜ୍ଞାନିକ ଲିଖନ
- ସାହିତ୍ୟ ମାଧ୍ୟମରେ ମୂଲ୍ୟବୋଧର ବିକାଶ
- ଶ୍ରେଣୀ ଶିକ୍ଷାଦାନ ପାଇଁ ଏକକ ପାଠ ଯୋଜନା ପ୍ରସ୍ତୁତ କରିବା ।

**ଏକକ ୮: ଭାଷା ଶ୍ରେଣୀ ପାଇଁ ପାଠ ଯୋଜନା**

- ପାଠ ଯୋଜନାର ଧାରଣା ଏବଂ ଗୁରୁତ୍ୱ
- ଶ୍ରବଣ-କଥନ ଶ୍ରେଣୀ
- ପଠନ ଶ୍ରେଣୀ
- ଲିଖନ ଶ୍ରେଣୀ
- ଗଦ୍ୟ
- ପଦ୍ୟ

**ଏକକ ୯: ଭାଷା ଶିକ୍ଷାଦାନରେ ଉପକରଣ ଓ ସାମଗ୍ରୀ**

- ମୁଦ୍ରିତ ସାମଗ୍ରୀ
- ବହୁ-ମାଧ୍ୟମ-ଶ୍ରାବ୍ୟ, ଦୃଶ୍ୟ
- ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଅଳ୍ପ ମୂଲ୍ୟର ଉପକରଣ
- ବୈଷୟିକ ଜ୍ଞାନର ବ୍ୟବହାର-ଭାଷାଗାର, Web- ଭିତ୍ତିକ ଶିକ୍ଷାଦାନ-ଶିକ୍ଷଣ

**ଏକକ ୧୦: ଭାଷାରେ ମୂଲ୍ୟାୟନ ଓ ଆକଳନ.**

- ୪ଟି କୌଶଳରେ ଦକ୍ଷତା ଆକଳନର କୌଶଳ-ଶ୍ରବଣ, କଥନ, ପଠନ ଓ ଲିଖନ
- ପାଠ୍ୟ ପୁସ୍ତକ ଆଧାରିତ ଆକଳନ- ଗଦ୍ୟ, ପଦ୍ୟ, ନାଟକ

**କୋର୍ସ ୬: ୫୦୪-ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷଣ**

**(କ) ଉପକ୍ରମ:**

ଜାତୀୟ ପାଠ୍ୟକ୍ରମ ଆଧାର- ୨୦୦୫ ଆଧାରରେ ପ୍ରାରମ୍ଭିକ ସ୍ତର ପାଇଁ ପ୍ରସ୍ତୁତ ଗଣିତର ସଂଶୋଧିତ ପାଠ୍ୟ ଖସଡ଼ାରେ ଗଣିତ ଶିକ୍ଷାରେ ସାମ୍ପ୍ରତିକ ବିକାଶ ଓ ଧାରା ପ୍ରତିଫଳିତ ହୋଇଛି । ଏହା ଗଣିତ ଶିକ୍ଷାଦାନ-ଶିକ୍ଷଣର ବୋଧଗମ୍ୟତା, ପାରଦର୍ଶିତା କୌଶଳ ଏବଂ ଚିନ୍ତନ କୌଶଳ ଉପରେ ଗୁରୁତ୍ୱ ଦିଏ । ଗଣିତର ସମସ୍ୟା ସମାଧାନ ସାମର୍ଥ୍ୟର ବିକାଶ ପାଇଁ ଉପରୋକ୍ତ କୌଶଳଗୁଡ଼ିକ ନିତ୍ୟାନ୍ତ ଆବଶ୍ୟକ । ଯୁକ୍ତିଯୁକ୍ତ ଚିନ୍ତନ, ପ୍ରୟୋଗ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦେବାର ମଧ ଆବଶ୍ୟକତା ରହିଛି । ଆମେ ଗଣିତ ଶିକ୍ଷାଦାନ କରିବାର ଏବଂ ଗଣିତର ପ୍ରଯୁକ୍ତି ବିଦ୍ୟା ଶିଖିବାର ଉପାୟ ପ୍ରଯୁକ୍ତି ବିଦ୍ୟାର ପ୍ରଗତି ଦ୍ୱାରା ପରିବର୍ତ୍ତନ ହୋଇଛି ।

ଶିକ୍ଷାର୍ଥୀମାନଙ୍କୁ ଗଣିତରେ କାରଣ ଖୋଜିବାକୁ ସୁଯୋଗ ଦେବାର ଆବଶ୍ୟତା ରହିଛି । ଯେଉଁଠାରେ ସେମାନେ ସମ୍ଭାବନାଗୁଡ଼ିକୁ ଅନୁସନ୍ଧାନ କରିପାରିବେ ଓ ସେଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିପାରିବେ ସେହିଭଳି କାର୍ଯ୍ୟ ଏବଂ ଆଗ୍ରହପୂର୍ଣ୍ଣ ଆଲୋଚନାରେ ସେମାନେ ନିୟୋଜିତ ହେବାର ଆବଶ୍ୟକତା ରହିଛି । ଶିକ୍ଷାଦାନ ଶିକ୍ଷଣ ପନ୍ଥାରେ ଶିକ୍ଷଣକାର୍ଯ୍ୟ ଭିତ୍ତିକ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାକୁ ଅନ୍ତର୍ଭୁକ୍ତ କରି ଏହି ଗୁଣାତ୍ମକ ପରିବର୍ତ୍ତନ ଅଣାଯାଇପାରିବ ।

**(ଖ) ଉଦ୍ଦେଶ୍ୟ:**

ଭବିଷ୍ୟତର ଶିକ୍ଷକମାନଙ୍କୁ ଏହି କୋର୍ସ ସକ୍ଷମ କରିବ

- ପ୍ରାରମ୍ଭିକ ଗଣିତ ଶିକ୍ଷାର ସ୍ଥିତି ଏବଂ ଗଣିତ ଶିକ୍ଷା ସମ୍ପର୍କିତ ସମସ୍ୟାକୁ ଚିନ୍ତାକରିବାକୁ
- ପ୍ରାରମ୍ଭିକ ଗଣିତର ମୌଳିକ ଧାରଣା ଉପରେ ଦକ୍ଷତା ହାସଲ କରିବାକୁ
- ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷାଦାନ ଶିକ୍ଷଣ କୌଶଳ- ଗୁଡ଼ିକୁ ଆୟତ୍ତ କରିବାକୁ
- ଗଣିତ ଶିକ୍ଷାଦାନ-ଶିକ୍ଷଣରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହ ବିଭିନ୍ନ ପ୍ରକାରର ଗାଣିତିକ ଉପକରଣର ଫଳପ୍ରଦ ବ୍ୟବହାର କରିବାକୁ
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଏବ ଗାଣିତିକ ଧାରଣଗୁଡ଼ିରେ କାର୍ଯ୍ୟ ସମ୍ପାଦନ ଦକ୍ଷତାକୁ ଆକଳନ କରି ସେହି ଅଧାରରେ ସେମାନଙ୍କ ବୋଧଗମ୍ୟତା ଓ କାର୍ଯ୍ୟ ସମ୍ପାଦନ ଦକ୍ଷତାର ଅଭିବୃଦ୍ଧି କରବା କୌଶଳ ହାସଲ କରିବା

**ବିଭାଗ-୧: ପ୍ରାରମ୍ଭିକ ବିଦ୍ୟାଳୟ ସ୍ତରରେ ଗଣିତ ଶିକ୍ଷଣର ଗୁରୁତ୍ୱ**

**ଏକକ ୧: ପିଲାମାନେ ଗଣିତ ଶିଖନ୍ତି କିପରି**

- ଶିକ୍ଷାର୍ଥୀ ଚିନ୍ତା କରିବା ଶୈଳୀ
- ବୌଦ୍ଧିକ ବିକାଶର ସୋପାନ/ ପର୍ଯ୍ୟାୟ
- ଗାଣିତିକ ଧାରଣାଗୁଡ଼ିକର ବିକାଶ
- ପ୍ରାକ୍ ଶୈଶବ ଅବସ୍ଥାରେ ଗଣିତ ଶିକ୍ଷଣ

- ଗଣିତ ଶିକ୍ଷଣର ବିଭିନ୍ନ ଉପାୟ
- ଗଣିତ ପ୍ରତି ଭୟ
- ଗଣିତ ଶିକ୍ଷଣକୁ ଆନନ୍ଦ ଦାୟୀ କରିବାର ଉପାୟ

**ଏକକ ୨: ଗଣିତ ଏବଂ ଗଣିତ ଶିକ୍ଷା- ଗୁରୁତ୍ୱ, ପରିସର ଏବଂ ପ୍ରାସଙ୍ଗିକତା**

- ଗଣିତର ସ୍ୱରୂପ: ଯୁକ୍ତିଯୁକ୍ତତା, ଭ୍ରମଶୂନ୍ୟତା, କ୍ରମିକତା, ଅମୂର୍ତ୍ତଚିନ୍ତନ ପାଇଁ ଲକ୍ଷ୍ୟ
- ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷାର ଗୁରୁତ୍ୱ ଏବଂ ପରିସର: ଦୈନନ୍ଦିନ ଜୀବନର ପ୍ରକୃତ ଅଭିଜ୍ଞତାରୁ ଉତ୍ପନ୍ନ ହୁଏ । ଜ୍ଞାନର ସମସ୍ତ ଶାଖା/ବିଭାଗ ସହ ସମ୍ପର୍କିତ, ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ସମାଧାନରେ ଗଣିତର ଜ୍ଞାନ ଆବଶ୍ୟକ ହୁଏ ।

**ଏକକ-୩: ଗଣିତ ଶିକ୍ଷାର ଲକ୍ଷ୍ୟ ଏବଂ ଦୂରଦୃଷ୍ଟି:**

- ଗଣିତ ଶିକ୍ଷାର ଲକ୍ଷ୍ୟ: ବିଦ୍ୟାଳୟ ସ୍ତରରେ ଗଣିତ ଶିକ୍ଷାର ସଂକୀର୍ଣ୍ଣ ଓ ପ୍ରଶସ୍ତ ଲକ୍ଷ୍ୟ, ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ
- ବିଦ୍ୟାଳୟ ଗଣିତ ପାଇଁ ଦୂରଦୃଷ୍ଟି: ବିଦ୍ୟାଳୟରେ ଶିକ୍ଷାର୍ଥୀ ଏବଂ ଗଣିତ ଶିକ୍ଷା, ଶ୍ରେଣୀ ଏବଂ ପାଠ୍ୟପୁସ୍ତକ ବାହାରକୁ ଯାଇ ଗଣିତ ଶିକ୍ଷାକୁ ପ୍ରସାରିତ / ସମୃଦ୍ଧ କରିବ । ବିଦ୍ୟାଳୟ ଗଣିତ ଶିକ୍ଷାରେ ସମସ୍ୟା । ଗଣିତ ଶିକ୍ଷାକୁ ଆନନ୍ଦଦାୟକ ଅନୁଭୂତିରେ ପରିଣତ କରିବା ।

**ଏକକ ୪: ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା:**

- ଗାଣିତିକ ଧାରଣା ଶିକ୍ଷଣରେ ସାମ୍ପ୍ରତିକ ଧାରା: ପ୍ରାକ୍ ବିଦ୍ୟାଳୟ ସ୍ତରରେ ଗଣିତ ଶିକ୍ଷଣର ପନ୍ଥା-ବୌଦ୍ଧିକ, ଜ୍ଞାନ ସଂଗଠନ, ଅଭିଜ୍ଞତା-ଭିତ୍ତିକ ଏବଂ ଶିକ୍ଷଣ କାର୍ଯ୍ୟ ଭିତ୍ତିକ
- ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷାଦାନ - ଶିକ୍ଷାର ପଦ୍ଧତି: ଆରୋହ ଏବଂ ଅବରୋହ, ପ୍ରକଳ୍ପ, ସମସ୍ୟା ଚିନ୍ତା କରିବା ଓ ସମାଧାନ କରିବା ICON ନକ୍ସା ମଡ଼େଲ, 5-E ମଡ଼େଲ, ପ୍ରତ୍ୟୟ ଚିତ୍ରଣ
- ଗଣିତ ଶିକ୍ଷଣକୁ ଅଧିକ ଆହ୍ୱାନ ଯୁକ୍ତ ଏବଂ ସନ୍ତୋଷଜନକ କରିବା: ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନଶୀଳତା ବିକାଶ କରିବା ପାଇଁ କାର୍ଯ୍ୟାବଳୀ (ଗଣିତ କ୍ଲବ , କ୍ଷେତ୍ର ଅଧ୍ୟୟନ, ଆଲୋଚନା ଚକ୍ର, ଗଣିତ ମେଳା, ପାଠଚକ୍ର ଇତ୍ୟାଦିର ଆୟୋଜନ) ସୃଜନାତ୍ମକ ଚିନ୍ତନ ପାଇଁ ଗଣିତ ପାଠାଗାର ଓ ପରୀକ୍ଷାଗାରର ବ୍ୟବହାର କରିବା ।
- ଗଣିତରେ ଭାବ ବିନିମୟ କରିବା: ଗଣିତ ପାଠ୍ୟକ୍ରମ ଓ ଶ୍ରେଣୀଗୃହ କାର୍ଯ୍ୟ, ଗଣିତ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ପାଠ୍ୟ ପୁସ୍ତକର ଭୂମିକା, ଗଣିତ ସମ୍ବଳ ଗୃହ (Resource room) / ପରୀକ୍ଷାଗାର ଗଣିତ ପ୍ରତି ଥିବା ଅସ୍ୱାଭାବିକ ଭୟ ଦୂରକରିବା, ଅକୃତକାର୍ଯ୍ୟ ସହ ସମଯୋଜନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା । ପ୍ରାରମ୍ଭିକ ସ୍ତରର ଗଣିତ ପାଠ୍ୟକ୍ରମର ପ୍ରତ୍ୟେକ ପନ୍ଥା ଓ ପଦ୍ଧତି ଗୁଡ଼ିକୁ ଉପଯୁକ୍ତ ଉଦାହରଣ ସହ ଆଲୋଚନା କରାଯିବା ଉଚିତ୍ । କୌଣସି ଗାଣିତିକ ସମସ୍ୟାର ସମାଧାନ ପାଇଁ ସିଧାସଳଖ ଠିକ୍ ଫଳାଫଳକୁ ନ ଜଣାଇ ସମସ୍ତ ସାମ୍ଭାବ୍ୟ ବିକଳ୍ପ ପଦ୍ଧତି/ ପ୍ରକ୍ରିୟାକୁ ଖୋଜିବା ପାଇଁ ଉତ୍ସାହିତ କରାଯିବା ଆବଶ୍ୟକ ।

**ବିଭାଗ ୨: ବିଷୟବସ୍ତୁ ଏବଂ ପଦ୍ଧତିକୁ ସମୃଦ୍ଧ କରିବା**

**ଏକକ ୫: ସଂଖ୍ୟା ଓ ସଂଖ୍ୟାଗୁଡ଼ିକ ସହ ବିଭିନ୍ନ ପ୍ରକ୍ରିୟା**

- ସଂଖ୍ୟା ଏବଂ ସଂଖ୍ୟାଙ୍କ, ସଂଖ୍ୟା ପଦ୍ଧତି/ ପ୍ରଣାଳୀ (ସ୍ୱାଭାବିକ/ଗଣନ ସଂଖ୍ୟା ପୂର୍ଣ୍ଣ ସଂଖ୍ୟା, ଅଖଣ୍ଡ ସଂଖ୍ୟା, ପରିମେୟ ସଂଖ୍ୟା, ଭଗ୍ନସଂଖ୍ୟା ଏବଂ ଦଶମିକ ସଂଖ୍ୟା)

- ସଂଖ୍ୟାରେ ଋରିଗାଣିତିକ ପ୍ରକ୍ରିୟାର କାର୍ଯ୍ୟ, ଅନୁମାନ କରିବା କୌଶଳ ଓ ମାନସିକ ହିସାବ କରିବାର ଦକ୍ଷତାର ବିକାଶ କରିବା, ଉତ୍ପାଦକ/ଗୁଣନୀୟକ, ଗୁଣିତକ, ଗ.ସା.ଗୁ ଏବଂ ଲ.ସା.ଗୁ
- ଦୈନନ୍ଦିନ ଜୀବନ ପରିସ୍ଥିତିରେ ଗଣିତର ପ୍ରୟୋଗ (ପୂର୍ଣ୍ଣ ସଂଖ୍ୟା, ଅଖଣ୍ଡ ସଂଖ୍ୟା, ପରିମେୟ ସଂଖ୍ୟା ଏବଂ ଦଶମିକ ସଂଖ୍ୟା), ଶତକଡ଼ା ସୁଧ, ଲାଭ ଓ କ୍ଷତି, କାର୍ଯ୍ୟ ଓ ସମୟ

**ଏକକ-୬: ଆକୃତି ଏବଂ ସ୍ଥାନ ସମ୍ବନ୍ଧୀୟ ସମ୍ପର୍କ**

- ମୌଳିକ ଜ୍ୟାମିତିକ ଚିତ୍ର: ସଂଜ୍ଞାବିହୀନ ପଦ- ବିନ୍ଦୁ, ରେଖା, ସମତଳ । ମୌଳିକ ଜ୍ୟାମିତିକ ଧାରଣା-ରେଖା ଖଣ୍ଡ, ରଶ୍ମି, କୋଣ, କୋଣର ପରିମାଣ, ସମାନ୍ତର ଏବଂ ଛେଦକ ରେଖା ।
- ଜ୍ୟାମିତିକ ଆକୃତି: ଦ୍ୱି ଏବଂ ତ୍ରି ମାତ୍ରିକ ଆକୃତି, ଅକୃତି ସହ ବିଭିନ୍ନ ନକ୍ସା ଏବଂ ମଡ଼େଲ, ସର୍ବ ସମତା ଏବଂ ସମାନତା Translation reflection and rotation, ପ୍ରତିସମତା, ଜ୍ୟାମିତିକ ଉପକରଣ ବ୍ୟବହାର କରି ଅଙ୍କନ, ଆକୃତିରେ ନକ୍ସା / ଢାଞ୍ଚା ।

**ଏକକ - ୭ ମାପ ଏବଂ ପରିମାଣ**

- ଦୁଇଟି ସମାନ ବସ୍ତୁର ତୁଳନା କରିବା ଭାବେ ମାପ
- ଦୈର୍ଘ୍ୟ, କ୍ଷେତ୍ରଫଳ, ଓଜନ, ଆୟତନର ମାନକ ଏବଂ ଅଣମାନକ ମାପ
- ମାପର ମ୍ୟାଟ୍ରିକ୍ ପଦ୍ଧତି
- ସମୟର ମାପ

**ଏକକ - ୮ : ତଥ୍ୟ ପରିଚାଳନା**

- ତଥ୍ୟ ସଂଗ୍ରହ, ସଂଗଠନ ଏବଂ ଉପସ୍ଥାପନା
- ତଥ୍ୟ ବିଶ୍ଳେଷଣ ଓ ବ୍ୟାଖ୍ୟା ପାଇଁ ମୌଳିକ ପରିସଂଖ୍ୟାନଗତ କୌଶଳ
- ତଥ୍ୟର ଚିତ୍ରିତ ଚିତ୍ରଣ

**ଏକକ - ୯ : ସାଧାରଣ ସଂଖ୍ୟାଶାସ୍ତ୍ରଭାବେ ବୀଜଗଣିତ**

- ବୀଜଗାଣିତିକ ପଦ ଏବଂ ପରିପ୍ରକାଶ ବୀଜଗାଣିତିକପଦର ପ୍ରକ୍ରିୟା
- ନକ୍ସା/ଢ଼ାଞ୍ଚାରୁ ମିଳିଥିବା ସାମାନ୍ୟକରଣର ପରିପ୍ରକାଶରେ ଅଜ୍ଞାତ ରାଶିର ବ୍ୟବହାର, ସମସ୍ୟାକୁ ଗାଣିତିକ ସଂଗଠନାରେ ପରିବର୍ତ୍ତନ କରିବା, ଏହା ପରେ ସେଗୁଡ଼ିକୁ ସମାଧାନ କରିବା – ବୀଜଗାଣିତିକ ସମୀକରଣ

ଯେତେବେଳେ କୌଣସି ଗାଣିତିକ ଧାରଣାକୁ ସ୍ପଷ୍ଟ କରିବାକୁ ହୁଏ, ଏହି ଶ୍ରେଣୀ ପରିଚାଳନା ସମୟରେ ଏହି ଧାରଣାଗୁଡ଼ିକର ସୃଷ୍ଟି ପାଇଁ ଉପଯୁକ୍ତ ପଦ୍ଧତି ଓ ପନ୍ଥା ଦ୍ୱାରା ସେଗୁଡ଼ିକୁ ଉପସ୍ଥାପନ କରାଯାଏ (ବିଭାଗ-୧ର ଏକକ-୪ରେ କୁହାଯାଇଛି) ।

**ବିଭାଗ - ୩ : ଗଣିତରେ ଶିକ୍ଷାର୍ଥୀର ଆକଳନ**

**ଏକକ-୧୦ : ଗଣିତ ଶିକ୍ଷଣର ଆକଳନର ବିଭିନ୍ନ ପନ୍ଥା**

- ପାରମ୍ପରିକ ଏବଂ ସାମ୍ପ୍ରତିକ ପନ୍ଥା : ପାରମ୍ପରିକ ପନ୍ଥାର ବୈଶିଷ୍ଟ୍ୟ, ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥାରେ ଆକଳନର ବୈଶିଷ୍ଟ୍ୟ, ପ୍ରାରମ୍ଭିକ ସ୍ତରରେ ଅନ୍ତର୍ଭୁକ୍ତ କରାଯାଇଥିବା ଆକଳନ ପାଇଁ ଗଣିତ ଶିକ୍ଷଣର ବିଭିନ୍ନ ଦିଗଗୁଡ଼ିକ ।
- ସମ୍ପ୍ରତିକ ଧାରାରେ ଆକଳନ : ସ୍ୱ-ଆକଳନ, ସହପାଠୀ ଆକଳନ, ସମ୍ମିଳୀତ ଆକଳନ, କୃତୀ ମୂଲ୍ୟାୟନ, ନ୍ୟସ୍ତକାର୍ଯ୍ୟ, ପ୍ରକଳ୍ପ ଏବଂ ପ୍ରତ୍ୟୟ ଚିତ୍ରଣ ମାଧ୍ୟମରେ ଆକଳନ ।

**ଏକକ-୧୧ : ଆକଳନର କୌଶଳ ଏବଂ ସାଧନ**

- ନିରନ୍ତର ଏବଂ ସାମଗ୍ରିକ ମୂଲ୍ୟାୟନ, ମୌଖିକ ଏବଂ ଲିଖିତ ପରୀକ୍ଷଣ, ପରୀକ୍ଷଣରେ ଏବଂ ଶ୍ରେଣୀ ପରିଚାଳନାରେ ଅଧିକ ସଂଖ୍ୟକ ମୁକ୍ତ ଉତ୍ତର ମୂଳକ ପ୍ରଶ୍ନର ବ୍ୟବହାର । ଦକ୍ଷତା ଭିତ୍ତିକ ପ୍ରଶ୍ନ ପ୍ରସ୍ତୁତି । ଏକକ ପରୀକ୍ଷଣ ପ୍ରସ୍ତୁତି ।
- ପର୍ଯ୍ୟବେକ୍ଷଣ, ପ୍ରଦର୍ଶନୀ, କ୍ୱିଜ୍, ପଜଲସ୍, ଖେଳରେ ଅଂଶଗ୍ରହଣ, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଇତ୍ୟାଦି ଦ୍ୱାରା ଶିକ୍ଷାର୍ଥୀମାନଙ୍କର ଆଗ୍ରହକୁ ଆକଳନ କରାଯାଇଥାଏ ।
- ପ୍ରାରମ୍ଭିକ ସ୍ତରରେ ଗଣିତରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ ପାଇଁ ମାନକ ବହୁବିଧ ବ୍ୟବହାର ଯୋଗ୍ୟ ସାମଗ୍ରୀ ବ୍ୟବହାର କରାଯାଏ ।

**ଏକକ-୧୨: ଗଣିତ ଶିକ୍ଷଣର ମୂଲ୍ୟାୟନ ପରବର୍ତ୍ତୀ କାର୍ଯ୍ୟ ଆକଳନର ତଥ୍ୟ ସଂଗ୍ରହ ଏବଂ ଲିପିବଦ୍ଧର ଉପାୟ, ଶିକ୍ଷାର୍ଥୀମାନଙ୍କୁ ପ୍ରତିପୁଷ୍ଟି (ଫିଡ୍‌ବ୍ୟାକ୍) ଯୋଗାଇବା, ସେମାନଙ୍କର ଅଭିଭାବକ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା ।**

- ଆକଳନ ପରବର୍ତ୍ତୀ କାର୍ଯ୍ୟ : ଗାଣିତିକ ଧାରଣା ଓ ପ୍ରକ୍ରିୟା ଶିକ୍ଷଣରେ ଶିକ୍ଷାର୍ଥୀମାନଙ୍କର ଦୁର୍ବଳତା ଓ ସାମର୍ଥ୍ୟ ଚିହ୍ନଟ ପାଇଁ ନିର୍ଦ୍ଦିଷ୍ଟ ଧାରଣାରେ ଦୁର୍ବଳ ଥିବା ଶିକ୍ଷାର୍ଥୀଙ୍କ ପାଇଁ ପ୍ରତିକାର ଯୋଜନା ଓ ବ୍ୟବସ୍ଥା ଏବଂ ସମର୍ଥ ଶିକ୍ଷାର୍ଥୀଙ୍କ ପାଇଁ ସମୃଦ୍ଧୀକରଣ କାର୍ଯ୍ୟ ଯୋଗାଇବା ।

**କୋର୍ସ ୭ : ୫୦୫ – ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷଣ**

**(କ) ଉପକ୍ରମ :**

ପ୍ରାଥମିକ ସ୍ତର ପାଇଁ ବର୍ତ୍ତମାନର ପରିବେଶ ଅଧ୍ୟୟନର ପାଠ୍ୟ ଖସଡ଼ା (ସିଲାବସ୍) ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶ ଶିକ୍ଷାର ମୌଳିକ ଜ୍ଞାନକୁ ସମନ୍ୱିତ କରି ପ୍ରସ୍ତୁତ କରାଯାଇଛି । ପରିବେଶ ଶିକ୍ଷା ଶିକ୍ଷାର୍ଥୀମାନଙ୍କୁ ଜଟିଳ ଚିନ୍ତନ କୌଶଳର ବିକାଶ କରିବାରେ, ପ୍ରାକୃତିକ ପରିବେଶ ପ୍ରତି ସମ୍ବେଦନଶୀଳ ହେବା ଓ ସମ୍ମାନ ଦେବା ଏବଂ ସାମାଜିକ ଓ ଅର୍ଥନୈତିକ ପରିବେଶ ପ୍ରତି ବାସ୍ତବବାଦୀ ଦୃଷ୍ଟିକୋଣ ରଖିବା ସହ ଉତ୍ତମ ନାଗରିକ ହେବାରେ ସାହାଯ୍ୟ କରିଥାଏ । ଏହି କୋର୍ସଟି ଆପଣଙ୍କର ପରିବେଶ ଓ ପରିବେଶ ଶିକ୍ଷା ସମ୍ବନ୍ଧରେ ବୋଧଗମ୍ୟତାକୁ ସମୃଦ୍ଧ କରିବାରେ ସାହାଯ୍ୟ କରିବ । ପ୍ରାଥମିକ ଶିକ୍ଷା ସ୍ତରରେ ପରିବେଶ ସମ୍ବନ୍ଧରେ ସାମଗ୍ରିକ ଦୃଷ୍ଟିକୋଣ ଏବଂ ପରିବେଶ ଅଧ୍ୟୟନର ଗୁରୁତ୍ୱ ବିଷୟରେ ଜାଣିବା ପାଇଁ ମଧ୍ୟ ଏହା ଆପଣଙ୍କୁ ସାହାଯ୍ୟ କରିବ ।

ପ୍ରଚଳିତ ଔପଚାରିକ ଶିକ୍ଷା ବ୍ୟବସ୍ଥାରେ ନୀତି ଓ କାର୍ଯ୍ୟ ମଧ୍ୟରେ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ମୁଖ୍ୟ ସଂଯୋଗ ସ୍ଥାପନ କରିଥାଏ, କିନ୍ତୁ କେବଳ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ସହାୟତାରେ କୌଣସି ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ହୁଏନାହିଁ । ଶିକ୍ଷକ ହେଉଛନ୍ତି ଔପଚାରିକ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ । ଫଳପ୍ରଦ ଶିକ୍ଷଣ-ଶିକ୍ଷାଦାନ ପାଇଁ ଶିକ୍ଷକଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ନୂତନତାର ପ୍ରବର୍ତ୍ତନ ଏକାନ୍ତ ଆବଶ୍ୟକ ।

"ପରିବେଶ" ବିଷୟ ସହ, ଏହି କୋର୍ସଟି ବିଭିନ୍ନ ଶିକ୍ଷାଦାନ ଶିକ୍ଷଣ କୌଶଳ ଅନୁସରଣ କରେ, ଯାହାକି ଆପଣଙ୍କୁ ଶିକ୍ଷାର୍ଥୀ କେନ୍ଦ୍ରିକ, ଶିକ୍ଷାର୍ଥୀଙ୍କ ଦ୍ୱାରା ପରିଚାଳିତ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ । କୋର୍ସଟି ଏପରି ପ୍ରସ୍ତୁତ କରାଯାଇଛି, ଯାହା ଆପଣଙ୍କୁ ପ୍ରାଥମିକ ଶିକ୍ଷା ସ୍ତରରେ ପରବେଶ ଅଧ୍ୟୟନର ଫଳପ୍ରଦ ଶ୍ରେଣୀକାର୍ଯ୍ୟ ପରିଚାଳନା କରିବା ପାଇଁ ନୂତନ ଚିନ୍ତା କରିବା ପାଇଁ ସମର୍ଥ କରାଇବ ।

ଔପଚାରିକ ଶିକ୍ଷା ବ୍ୟବସ୍ଥାରେ ପରିବେଶ ଅଧ୍ୟୟନ ଅନ୍ତର୍ଭୁକ୍ତ ଲକ୍ଷ୍ୟ ହାସଲ କରିବାରେ ଏହି କୋର୍ସ ଆପଣଙ୍କର ଉପଯୋଗୀ ହେବ ବୋଲି ଆମର ଆଶା ।

**କୋର୍ସର ଉଦ୍ଦେଶ୍ୟ –**

ଶିକ୍ଷକମାନଙ୍କୁ ଏହି କୋର୍ସଟି ନିମ୍ନଲିଖିତ ଦିଗରେ ସମର୍ଥ କରାଇବ :

- 'ପରିବେଶ'ର ଧାରଣା ଏବଂ ଗୁରୁତ୍ୱ ବୁଝିବାରେ
- ପରିବେଶର ସାମଗ୍ରିକ ଭାବେ ବିକାଶ କରିବାରେ

- ପ୍ରାଥମିକ ସ୍ତରରେ 'ପରିବେଶ' ସମ୍ବନ୍ଧରେ ଶିକ୍ଷଣର ଗୁରୁତ୍ୱକୁ ଉପଲବ୍ଧି କରିବାରେ
- ପରିବେଶ ଅଧ୍ୟୟନର ଶିକ୍ଷାଦାନ-ଶିକ୍ଷଣ ସମ୍ପର୍କିତ ଆଞ୍ଚଳିକ ଶିକ୍ଷଣ ସମ୍ବଳ ଏବଂ ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବାରେ
- ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ଏବଂ ଅଭିଜ୍ଞତା ଭିତ୍ତିକ ଶିକ୍ଷଣକୁ ଗୁରୁତ୍ୱ ଦେଇ ପ୍ରାଥମିକ ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବାରେ
- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିକ୍ଷଣସ୍ତର ଆକଳନ, ଶିକ୍ଷଣ ଅସୁବିଧା ଚିହ୍ନଟ ଏବଂ ଭବିଷ୍ୟତରେ ଅଗ୍ରଗତି ପାଇଁ ଉପଯୁକ୍ତ କୌଶଳ ପ୍ରସ୍ତୁତ କରିବାରେ

**(ଖ) ପଦ୍ଧତି**

ବିଦ୍ୟାଳୟରେ ପରିବେଶ ଅଧ୍ୟୟନର ଫଳପ୍ରଦ ଶିକ୍ଷାଦାନ - ଶିକ୍ଷଣକୁ ଉପଲବ୍ଧି କରିବାକୁ ହେଲେ, 'ପରିବେଶ' ବିଷୟ ସହ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନର ସମ୍ପର୍କ ବିଷୟରେ ଶିକ୍ଷକମାନଙ୍କର ବୋଧଗମ୍ୟତାର ଅଭିବୃଦ୍ଧିରେ ସେମାନଙ୍କୁ ସାହାଯ୍ୟ କରିବା ନିତ୍ୟାନ୍ତ ଆବଶ୍ୟକ । ଏହି ବୋଧଗମ୍ୟତା ଅପରିହାର୍ଯ୍ୟ, କାରଣ ଅନ୍ୟ ବିଷୟ ଭଳି ଏକକ ବିଷୟ ନହୋଇ ପରିବେଶ ଅଧ୍ୟୟନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ଶିକ୍ଷାର ଏକ ଯୌଗିକ ବିଷୟ ଅଟେ । ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣ ପାଇଁ ଏଗୁଡ଼ିକ ମଧ୍ୟରେ ସମନ୍ୱୟ ଏବଂ ସମ୍ପର୍କ ସ୍ଥାପନ ଅତ୍ୟନ୍ତ ଜରୁରୀ ଅଟେ । ପରିବେଶ ଅଧ୍ୟୟନର ଶିକ୍ଷାଦାନ - ଶିକ୍ଷଣକୁ ଏକ ବିଶିଷ୍ଟ ପରିସର ଭାବରେ ବୁଝିବାରେ ଏବଂ ଅନୁସନ୍ଧାନ କରିବାରେ ଏହି କୋର୍ସଟି ଗୁରୁଛାତ୍ରମାନଙ୍କୁ ଯଥେଷ୍ଟ ତଥ୍ୟ, ସମୟ ଓ ସୁଯୋଗ ଦେଇଥାଏ ।

ଶ୍ରେଣୀରେ ପରିବେଶ ଅଧ୍ୟୟନର ନିର୍ଯ୍ୟାସକୁ ବଜାୟ ରଖିବାକୁ ନିଶ୍ଚିତ କରିବାକୁ ହେଲେ, ଗୁରୁଛାତ୍ରମାନେ ଶ୍ରେଣୀରେ ପରିବେଶ ଅଧ୍ୟୟନ ପଢ଼ାଇବା ଉପାୟ ଚିନ୍ତା କଲାବେଳେ ପାଠ୍ୟପୁସ୍ତକଗୁଡ଼ିକୁ ସମୀକ୍ଷା, ବିଶ୍ଳେଷଣ ଓ ପ୍ରତିଫଳନ କରିବା ଗୁରୁତ୍ୱପୂର୍ଣ୍ଣ । ଏହି କୋର୍ସ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକର ସଂରଚନା ଓ ଆଧାର ପଛରେ ଥିବା ଦର୍ଶନ ଓ କାରଣ ସମ୍ବନ୍ଧରେ ଆଲୋଚନା କରେ । ପୁନଶ୍ଚ ପରିବେଶ ଅଧ୍ୟୟନର ଶିକ୍ଷଣ ପ୍ରୟୋଗାତ୍ମକ, ଅନୁସନ୍ଧାନ ଭିତ୍ତିକ ଏବଂ ବାସ୍ତବ-ଜୀବନ ଆଧାରିତ ହେବା ଦରକାର ବୋଲି ଏହା ପ୍ରତିପାଦନ କରେ ।

ବିଦ୍ୟାଳୟରେ ବାସ୍ତବ ଜୀବନ ଉପରେ ଆଧାରିତ ଓ ପ୍ରୟୋଗାତ୍ମକ କାର୍ଯ୍ୟ, ଗୋଷ୍ଠୀର କେତେକ ଚୟନ କରାଯାଇଥିବା ବ୍ୟକ୍ତିଙ୍କ ସହ ସମ୍ମିଳୀତ କାର୍ଯ୍ୟ କେବଳ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ ଯେ ପ୍ରଭାବିତ କରେ ତାହା ନୁହେଁ, ବରଂ ଏହା ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ସ୍ଥାପନ କରିଥାଏ । ଆଞ୍ଚଳିକ ଉପଲବ୍ଧ ସାମଗ୍ରୀ ବ୍ୟବହାର କରି ଅନେକଗୁଡ଼ିଏ ସରଳ ଓ ଆଗ୍ରହପୂର୍ଣ୍ଣ ଅନୁସନ୍ଧାନମୂଳକ କାର୍ଯ୍ୟ ମାଧ୍ୟମରେ ଏପ୍ରକାର ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ କରାଯାଇପାରିବ ।

ଏହି କୋର୍ସ ଗୁରୁଛାତ୍ରମାନଙ୍କୁ ଆକଳନ - ଏହାର ଉଦ୍ଦେଶ୍ୟ ଏବଂ ପ୍ରଣାଳୀକୁ ସମୀକ୍ଷା କରିବାକୁ ଉତ୍ସାହିତ କରିଥାଏ । ନୂତନ/ଅଭିନବ ଶିକ୍ଷାଦାନ-ଶିକ୍ଷଣ କୌଶଳ ବ୍ୟବହାର କର । ମୂଲ୍ୟାୟନ / ଆକଳନର ଉଦ୍ଦେଶ୍ୟ ଏବଂ ଏଥିପାଇଁ ବ୍ୟବହୃତ କୌଶଳ, ସାଧନଗୁଡ଼ିକର ପୁନଃ ବିଚାରର ଆବଶ୍ୟକତା ରହିବ ।

**ବିଷୟବସ୍ତୁ :**

**ବିଭାଗ-୧ : ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ଗୁରୁତ୍ୱ**

**ଏକକ-୧ : ଶିକ୍ଷଣର ପ୍ରାରମ୍ଭିକ (ଆଦ୍ୟ) ସ୍ତରରେ ପରିବେଶର ଗୁରୁତ୍ୱ :**

- ପରିବେଶକୁ ବୁଝିବା
- ପରିବେଶର ଗୁରୁତ୍ୱ : ପରିବେଶର ପ୍ରକାର - ପ୍ରାକୃତିକ ଓ ମନୁଷ୍ୟକୃତ ସାମାଜିକ - ସାଂସ୍କୃତିକ ଏବଂ ଅର୍ଥନୈତିକ । ପ୍ରକୃତିର ସଂରକ୍ଷଣର ଆବଶ୍ୟକତା, ପରିବାର, ପଡ଼ୋଶୀ, ସମାଜ, ଦେଶ, ବିଶ୍ୱ ସହ ସମନ୍ୱୟ ସ୍ଥାପନ ପୂର୍ବକ ଅବସ୍ଥାନ ।
- ପରିବେଶ ଓ ଶିଶୁ : ଶିଶୁର ବୃଦ୍ଧି ଓ ବିକାଶରେ ପରିବେଶର ପ୍ରଭାବ । ନିଜ ପରିବେଶ ସମ୍ପର୍କରେ ଶିଶୁର ଦୃଷ୍ଟିଭଙ୍ଗୀ ।
- ଶିକ୍ଷଣ ପାଇଁ ପରିବେଶର ମୂଲ୍ୟବୋଧକୁ ଗୁରୁତ୍ୱ ଦେବା

ଏକକ-୨ : ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ ଓ ପରିସର :

- ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ-କାହିଁକି
- ସ୍ୱତନ୍ତ୍ର ଜାତୀୟ ପାଠ୍ୟକ୍ରମ ଆଧାର - ୨୦୦୫ ଆଧାରରେ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଉଦ୍ଦେଶ୍ୟ
- ପରିବେଶ ଅଧ୍ୟୟନରେ ଅନ୍ତର୍ନିହିତ ମୂଲ୍ୟବୋଧ
- ମୂଲ୍ୟବୋଧ ଶିକ୍ଷାଦାନ : ପର୍ଯ୍ୟବେକ୍ଷଣ କୌଶଳ, ସହ ସମ୍ବନ୍ଧ, ପରୀକ୍ଷଣ, କଳନା
- ଆମ ପରିବେଶର ମୂଲ୍ୟବୋଧକୁ ବୁଝିବା : ଭାରତୀୟ ଐତିହ୍ୟ

ଏକକ-୩ : ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନରେ ଧାରଣାର ଶିକ୍ଷଣ ପ୍ରକ୍ରିୟା ସମ୍ବନ୍ଧୀୟ ବିଚାର

- ପରିବେଶ ଅଧ୍ୟୟନର ବିଶେଷତ୍ୱ : ସମନ୍ୱିତ, ପ୍ରାସଙ୍ଗିକ, ଶିକ୍ଷାର୍ଥୀକୈନ୍ଦ୍ରିକ, ଠିକ୍-ଭୁଲ୍‌ର ବିଚାର ନଥାଇ, ମୂଲ୍ୟବୋଧ ପରିବେଶ ଅଧ୍ୟୟନର ସମନ୍ୱିତ ଉପାଦାନ ।
- ପିଲାମାନେ ଶିଖନ୍ତି କିପରି ?
- ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣର ଶିକ୍ଷଣ ପ୍ରକ୍ରିୟା ସଂଗଠନ ଶିକ୍ଷାର୍ଥୀର ପରିବେଶ
  - ଶିକ୍ଷଣାଗାର
  - ଜ୍ଞାତରୁ ଅଜ୍ଞାତ ଏବଂ ବାସ୍ତବରୁ - ଅବାସ୍ତବକୁ ଅନୁସନ୍ଧାନ ପାଇଁ ସୁବିଧା କରିବା ।
  - ଶ୍ରେଣୀରେ ବାସ୍ତବ ଜୀବନ ଆଧାରିତ ଶିକ୍ଷଣ
  - ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ
  - ପ୍ରଶ୍ନ ପଚାରିବା ଓ କଥୋପକଥନ ପାଇଁ ଉତ୍ସାହିତ କରିବା
  - ଶିକ୍ଷକଙ୍କର ଭୂମିକା
- ଶିଶୁର ବିଶ୍ୱକୁ ପ୍ରସାରିତ କରିବା

ଏକକ-୪ : ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ପାଠ୍ୟକ୍ରମ ବ୍ୟବସ୍ଥା :

- ଜାତୀୟ ପାଠ୍ୟକ୍ରମ ଆଧାର - ୨୦୦୫ ଅନୁଯାୟୀ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ
- ପାଠ୍ୟକ୍ରମ ଠାରୁ ପାଠ୍ୟପୁସ୍ତକକୁ
- ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ
- ପାଠ୍ୟପୁସ୍ତକ ଓ ଶ୍ରେଣୀଗୃହ ପରିସର ବାହାରକୁ ଯିବା
- ପରିବେଶ ଅଧ୍ୟୟନର କାର୍ଯ୍ୟସମ୍ପାଦନ ସମୟରେ ଉପୁଜୁଥିବା ବାଧାବିଘ୍ନ

ବିଭାଗ -୨ : ପରିବେଶ ଅଧ୍ୟୟନର ପାଠ୍ୟକ୍ରମ ଓ ଶିକ୍ଷଣ ପ୍ରକ୍ରିୟା

ଏକକ - ୫ : ପରିବେଶ ଅଧ୍ୟୟନର ଶିକ୍ଷାଦାନ- ଶିକ୍ଷଣର ବ୍ୟବସ୍ଥା

- ପରିବେଶ ଅଧ୍ୟୟନର ଧାରଣାର ଶ୍ରେଣୀ କାର୍ଯ୍ୟ ପରିଚାଳନାରେ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥା
- ସହଯୋଗୀ ଶିକ୍ଷଣରେ ଆହ୍ୱାନ

**ଏକକ-୬ : ପରିବେଶ ଅଧ୍ୟୟନ ଶିକ୍ଷାଦାନ - ଶିକ୍ଷଣର ପଦ୍ଧତି**

- ପରିବେଶ ଅଧ୍ୟୟନର ଧାରଣାଗୁଡ଼ିକର ଶିକ୍ଷାଦାନ ଶିକ୍ଷଣର ପଦ୍ଧତି ପର୍ଯ୍ୟବେକ୍ଷଣ, ସୃଜନାତ୍ମକ ଭାବ ପ୍ରକାଶ (ଡ୍ରାମା, ନାଚ, କଣ୍ଢେଇ ନାଚ ଗୀତ, ସୃଜନାତ୍ମକ ଲିଖନ) କ୍ଷେତ୍ର ପରିଭ୍ରମଣ, ପ୍ରକଳ୍ପ, ଛୋଟ ଦଳରେ ଆଲୋଚନା, ପରୀକ୍ଷଣ, ସମସ୍ୟା-ସମାଧାନ

**ଏକକ-୭ : ପରିବେଶ ଅଧ୍ୟୟନର ଶିକ୍ଷାଦାନ - ଶିକ୍ଷଣ ପାଇଁ ଯୋଜନା**

- ଦୈନନ୍ଦିନ ପାଠଯୋଜନା ଓ ବାର୍ଷିକ ପାଠ ଯୋଜନା ପ୍ରସ୍ତୁତି
- ପରିବେଶ ଅଧ୍ୟୟନର ଧାରଣାଗୁଡ଼ିକ ସମ୍ବନ୍ଧରେ ବିଷୟ ଭିତ୍ତିକ ପାଠ ଯୋଜନା ପ୍ରସ୍ତୁତି
- ପରିବେଶ ଅଧ୍ୟୟନ ଶିକ୍ଷଣ କୋଣ ପ୍ରସ୍ତୁତି ଏବଂ ଦୈନନ୍ଦିନ ଓ ବାର୍ଷିକ ପାଠ ଯୋଜନାରେ ସେଗୁଡ଼ିକର ବ୍ୟବହାର

**ଏକକ-୮ : ପରିବେଶ ଅଧ୍ୟୟନର ଶିକ୍ଷାଦାନ - ଶିକ୍ଷଣ ପାଇଁ ସମ୍ବଳ ଓ ସାମଗ୍ରୀ**

- ପରିବେଶ ଅଧ୍ୟୟନ ପାଇଁ ଆଞ୍ଚଳିକ ଶିକ୍ଷଣ ସାମଗ୍ରୀ ଏବଂ ଆଞ୍ଚଳିକ ବିଶେଷଜ୍ଞଙ୍କୁ ଚିହ୍ନଟ କରିବା । ଉପଯୁକ୍ତ ଶିକ୍ଷାଦାନ - ଶିକ୍ଷଣ ପାଇଁ ଆଞ୍ଚଳିକ ଶିକ୍ଷଣ ସାମଗ୍ରୀର ବ୍ୟବହାର କରିବା ।
- ବିଦ୍ୟାଳୟ / ଗୃହ ବା ନିକଟ ପରିବେଶରୁ ମିଳୁଥିବା ସାମଗ୍ରୀରୁ ଅଳ୍ପ ଖର୍ଚ୍ଚ ବା ବିନା ଖର୍ଚ୍ଚର ସାମଗ୍ରୀ ଓ ଶିକ୍ଷଣ କାର୍ଯ୍ୟ ସଂଗ୍ରହ ଓ ପ୍ରସ୍ତୁତି କରିବା ।
- ସାମଗ୍ରୀର ଏକତ୍ରୀକରଣ : ଗୋଷ୍ଠୀ ସମ୍ବଳ, ଅନ୍ୟାନ୍ୟ ସମ୍ବଳର ପ୍ରସ୍ତୁତି, ସଂରକ୍ଷଣ ଏବଂ ବ୍ୟବହାର କରିବା, ସମ୍ବାଦପତ୍ରର ରିପୋର୍ଟ, ସିନେମା ଚିତ୍ର, ଫଟୋ, ସଂଗ୍ରହ - ମଞ୍ଜି, ଫୁଲ ଇତ୍ୟାଦି ସାଙ୍କେତିକ ମାନଚିତ୍ର, ଆଞ୍ଚଳିକ ମାନଚିତ୍ର
- ପରିବେଶ ଅଧ୍ୟୟନ ପାଇଁ ପ୍ରାସଙ୍ଗିକ ଶିକ୍ଷଣ ସାମଗ୍ରୀର ସଂଗ୍ରହ, ପ୍ରସ୍ତୁତି, ସଂରକ୍ଷଣ ଏବଂ ବ୍ୟବହାରରେ ଶିକ୍ଷାର୍ଥୀ ଏବଂ ଗୋଷ୍ଠୀ ସଦସ୍ୟଙ୍କର ଭୂମିକାକୁ ବୁଝିବା ।

**ବିଭାଗ-୩ : ପରିବେଶ ଅଧ୍ୟୟନରେ ଶିକ୍ଷଣର ମୂଲ୍ୟାୟନ**

**ଏକକ-୯ : ପରିବେଶ ଅଧ୍ୟୟନରେ ଶିକ୍ଷଣକୁ ମୂଲ୍ୟାୟନ କରିବା**

- ଶିକ୍ଷାଦାନର ଉଦ୍ଦେଶ୍ୟ ସମ୍ପର୍କିତ ମୂଲ୍ୟାୟନ
- ପରିବେଶ ଅଧ୍ୟୟନର ଶିକ୍ଷଣ ଉଦ୍ଦେଶ୍ୟ ଆଧାରରେ ଶିକ୍ଷଣ ମୂଲ୍ୟାୟନର ଆବଶ୍ୟକତା ଓ ଉଦ୍ଦେଶ୍ୟ
- ପରିବେଶ ଅଧ୍ୟୟନ ଶିକ୍ଷଣର ବିଭିନ୍ନ ପ୍ରକାର ମୂଲ୍ୟାୟନ ଉପାୟର ଆଲୋଚନା, ପରିବେଶ ଅଧ୍ୟୟନରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ
- ଆକଳନର ପ୍ରକାର ଭେଦ ଓ ବୈଶିଷ୍ଟ୍ୟ
- ଶିକ୍ଷଣ - କେନ୍ଦ୍ରିକ ମୂଲ୍ୟାୟନ

**ଏକକ-୧୦ : ପରିବେଶ ଅଧ୍ୟୟନରେ ଶିକ୍ଷଣ ମୂଲ୍ୟାୟନ ପାଇଁ କୌଶଳ ଓ ସାଧନୀ**

- ମୂଲ୍ୟାୟନର ବିଭିନ୍ନ କୌଶଳ ଓ ସାଧନୀର ପ୍ରସ୍ତୁତି, ଚୟନ ଏବଂ ବ୍ୟବହାର
  - ପରୀକ୍ଷଣ
  - ପର୍ଯ୍ୟବେକ୍ଷଣ ଫର୍ଦ୍ଦ
  - ରେଟିଂ ସ୍କେଲ୍
  - ଶ୍ରାବ୍ୟ - ଦୃଶ୍ୟ ଲିପିବଦ୍ଧ
- ମୂଲ୍ୟାୟନ କୌଶଳ
- ଶିକ୍ଷଣ ଉଦ୍ଦେଶ୍ୟ ମୂଲ୍ୟାୟନର ବିବେଚନା / ବିଚାର

ଏକକ - ୧୧ : ଶିକ୍ଷାର୍ଥୀଙ୍କର ବୋଧଗମ୍ୟତାର ଅଭିବୃଦ୍ଧିରେ ମୂଲ୍ୟାୟନ ଫଳାଫଳ ବ୍ୟବହାର କରିବା :

- ମୂଲ୍ୟାୟନ ଫଳାଫଳ ଲିପିବଦ୍ଧ କରିବା ଏବଂ ଶିକ୍ଷାର୍ଥୀମାନଙ୍କ ସହ ମୂଲ୍ୟାୟନ ଫଳାଫଳକୁ ଆଲୋଚନା କରିବା
- ଶିକ୍ଷାର୍ଥୀମାନଙ୍କର ଦୁର୍ବଳତା ଓ ସାମର୍ଥ୍ୟ ଚିହ୍ନଟ କରିବା ଓ ବିଶ୍ଳେଷଣ କରିବା
- ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା କରିବା ଓ ଉନ୍ନତି ଆଣିବା
- ପରିବେଶ ଅଧ୍ୟୟନରେ ଧାରଣାଗୁଡ଼ିକର ଶିକ୍ଷଣର ପୁନଃ ଅଭିବୃଦ୍ଧି ପାଇଁ ସମୃଦ୍ଧୀକରଣ କାର୍ଯ୍ୟର ଯୋଜନା କରିବା ଏବଂ କାର୍ଯ୍ୟକାରୀ କରିବା

**କୋର୍ସ-୮ : ୫୦୮ : ପ୍ରାରମ୍ଭିକ ସ୍ତରରେ କଳା, ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା ଏବଂ କାର୍ଯ୍ୟ-ଶିକ୍ଷାର ଶିକ୍ଷଣ**

**ସମୁଦାୟ କ୍ରେଡ଼ିଟ ୪(୩+୧)**

**କୋର୍ସର ନକ୍ସା**

ଏହି କୋର୍ସ ସମସ୍ତ ଶିକ୍ଷାର୍ଥୀଙ୍କୁ କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଏବଂ କାର୍ଯ୍ୟ ଶିକ୍ଷାରେ ସାମଗ୍ରିକ ଶିକ୍ଷଣ ପ୍ରଦାନ ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହି ତିନୋଟି ଉପାଦାନ ଉପରେ ପ୍ରାରମ୍ଭିକ ଶିକ୍ଷକମାନଙ୍କୁ ସେମାନଙ୍କର କର୍ମକୁଶଳତା ବୃଦ୍ଧି ପାଇଁ ଜ୍ଞାନ ଆହରଣ ନିମନ୍ତେ ଶିକ୍ଷା ଦିଆଯାଏ, ଯାହାଦ୍ୱାରା ସେମାନେ ଶିକ୍ଷାର୍ଥୀମାନଙ୍କୁ ଏହି ତିନୋଟି କ୍ଷେତ୍ରରେ ଆବଶ୍ୟକ କୌଶଳ ଶିଖାଇବାରେ ସମର୍ଥ ହୋଇପାରିବେ । ବିଭିନ୍ନ ଉପାଦାନର ଆବଶ୍ୟକ ଗୁରୁତ୍ୱ ଅନୁଯାୟୀ କୋର୍ସର ବିଷୟବସ୍ତୁ ନିମ୍ନରେ ସ୍ୱତନ୍ତ୍ର ଭାବରେ ଦିଆଯାଇଛି ।

**୧. କଳା ଶିକ୍ଷା :**

**କୋର୍ସର ଯୁକ୍ତିଯୁକ୍ତ ବିଚାର ଏବଂ ଉଦ୍ଦେଶ୍ୟ :**

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସୃଜନଶୀଳତାର ପରିପ୍ରକାଶ ପାଇଁ କଳା ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଥାଏ । ଏହା ଜୀବନ କୌଶଳର ଅଭିବୃଦ୍ଧି କରିବା, ମୂଲ୍ୟବୋଧ ସଂଚରିତ କରିବା, ଗୋଟିଏ ସମାଜର ସଂସ୍କୃତିକୁ ବୁଝିବା ଏବଂ ସମ୍ମାନ ଦେବାପାଇଁ ସମ୍ବେଦନଶୀଳ ହେବାକୁ ସାହାଯ୍ୟ କରିଥାଏ । ଦୃଶ୍ୟ କଳା ହେଉ ବା ପ୍ରଦର୍ଶିତ କଳା ହେଉ - ଏହା ହେଉଛି ଏକ ଅନ୍ତର୍ମୁଖୀ ଅନୁଭୂତି ଯାହାକି ଅନୁଭବ କରିହୁଏ, ଚିନ୍ତା କରାଯାଏ ଏବଂ ଜୀବନ ସହିତ ଜଡ଼ିତ ହୋଇଥାଏ । ଏହା ଉଭୟ କାର୍ଯ୍ୟକରିବା ଏବଂ ପରିଣତ ହେବା (becoming) ଅଟେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଳାତ୍ମକ ବିକାଶର ପ୍ରକ୍ରିୟାର ଅଗ୍ରଗତି କରିବାର ଉପାୟ, ସେମାନଙ୍କର ସୃଜନଶୀଳତାର ପରିପ୍ରକାଶର ଉପାୟ ଏବଂ ସେମାନଙ୍କ ମଧ୍ୟରେ ଅଭିଜ୍ଞତା ଭିତ୍ତିକ ଶିକ୍ଷଣ ପାଇଁ ଅନୁକୂଳ କରିବେଶ ସୃଷ୍ଟି କରିବା ଇତ୍ୟାଦିକୁ ପ୍ରାରମ୍ଭିକ ସ୍ତରର ଶିକ୍ଷକମାନେ ବୁଝିବା ଆବଶ୍ୟକ । ଏକ ଉତ୍ତମ ଭାବରେ ପ୍ରସ୍ତୁତ କଳା ଶିକ୍ଷା କୋର୍ସ ଗୁରୁ-ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୌନ୍ଦର୍ଯ୍ୟବୋଧ, ସମ୍ବେଦନଶୀଳତା, କଳାତ୍ମକ ସାମର୍ଥ୍ୟ ଏବଂ ସୃଜନାତ୍ମକ କୌଶଳଗୁଡ଼ିକୁ ବିକାଶ କରିପାରିବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ :**

**ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ନିମ୍ନଲିଖିତ ଦିଗରେ ସମର୍ଥ ହେବେ :**

- କଳା ଶିକ୍ଷାକୁ ବୁଝିବା ଏବଂ ପସନ୍ଦ କରିବା
- କଳା ଶିକ୍ଷାର ବିଭିନ୍ନ ପ୍ରକାରର କଳା ସମ୍ପର୍କରେ ଜ୍ଞାନ ହାସଲ କରିବା ।
- ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ କଳାଶିକ୍ଷାର ସର୍ବୋତ୍ତମ ବ୍ୟାବହାର କରିବା
- ମୌଳିକ ଅନୁସନ୍ଧାନ, ଅଭିଜ୍ଞତା ଏବଂ ମୁକ୍ତ ପରିପ୍ରକାଶ ମାଧ୍ୟମରେ ଓ ବିଭିନ୍ନ ପ୍ରକାର କଳାରେ ସଂଶ୍ଳିଷ୍ଟ ସୌନ୍ଦର୍ଯ୍ୟର ଉପଯୋଗ ଦ୍ୱାରା କଳାତ୍ମକ ଓ ସୌନ୍ଦର୍ଯ୍ୟ ବୋଧ ପାଇଁ ସମ୍ବେଦନଶୀଳତାର ବିକାଶ କରିବା
- ପ୍ରାରମ୍ଭିକ ବିଦ୍ୟାଳୟ ପାଠ୍ୟକ୍ରମରେ ବିଭିନ୍ନ ପ୍ରକାର କଳାକୁ ସମନ୍ୱିତ କରିବା

## ବିଭାଗ - ୧ : କଳା ଶିକ୍ଷା

### ଏକକ -୧ : କଳା ଓ କଳାଶିକ୍ଷାକୁ ବୁଝିବା (ତତ୍ତ୍ୱ)

କ) କଳା ଶିକ୍ଷାର ଅର୍ଥ ଓ ଧାରଣା; ଦୃଶ୍ୟ ଏବଂ ପ୍ରଦର୍ଶନ କଳା ଏବଂ ବିଦ୍ୟାଳୟ ଶିକ୍ଷା ସ୍ତରରେ ସେଗୁଡ଼ିକର ତାତ୍ପର୍ଯ୍ୟ ।

ଖ) ଶିଶୁ କଳାକୁ ବୁଝିବା

ଗ) ପ୍ରାରମ୍ଭିକ ବିଦ୍ୟାଳୟ ସ୍ତରରେ କଳାଶିକ୍ଷା (ଦୃଶ୍ୟ ଓ ପ୍ରଦର୍ଶନ)ର ଗୁରୁତ୍ୱ

ଘ) ଆଞ୍ଚଳିକ କଳା ଏବଂ ହସ୍ତକର୍ମ ଏବଂ ଶିକ୍ଷାରେ ସେଗୁଡ଼ିକର ପ୍ରାସଙ୍ଗିକତା

### ଏକକ - ୨ : ଦୃଶ୍ୟ କଳା ଏବଂ ଘରୁକଳା (ପ୍ରାକ୍ଟିକାଲ୍)

କ) ଦୃଶ୍ୟକଳାର ବିଭିନ୍ନ ସାମଗ୍ରୀ ସହ ପରୀକ୍ଷଣ ଯଥା ପେନ୍‌ସିଲ୍, ରଙ୍ଗ, ପୋଷ୍ଟର ରଙ୍ଗ, କାଳି ଓ କଲମ, ରଙ୍ଗୋଲୀ ସାମଗ୍ରୀ, ଚକଟା ମାଟି, ମିଶ୍ରିତ ଉପାଦାନ ଇତ୍ୟାଦି

ଖ) ଦୃଶ୍ୟକଳାର ବିଭିନ୍ନ ପଦ୍ଧତି ସହ ପରୀକ୍ଷଣ ଓ ଅନୁସନ୍ଧାନ; ଚିତ୍ରାଙ୍କନ ଏବଂ ରଙ୍ଗଦେବା, ବ୍ଲକ୍ ପ୍ରିଣ୍ଟ୍ କରିବା, କୋଲାଜ ତିଆରି, କଣ୍ଢେଇ ତିଆରି, ମୁଖା ତିଆରି, ଚକଟା ମାଟିରେ ବିଭିନ୍ନ ଆକୃତି ତିଆରି, କାଗଜ କାଟିବା ଓ ଭାଙ୍ଗିବା (ଫୋଲଡ଼ିଂ) ଇତ୍ୟାଦି

ଗ) ପ୍ରତ୍ୟେକ କଳାକୃତି ପାଇଁ ଗୋଟିଏ ଲେଖାଏଁ ଫୋଲଡ଼ର ତିଆରି କରି ସଂରକ୍ଷଣ କରି ରଖିବା

### ଏକକ-୩: ପ୍ରଦର୍ଶନ କଳା (ପ୍ରାକ୍ଟିକାଲ୍)

କ) ବିଭିନ୍ନ ପ୍ରକାର ଆଞ୍ଚଳିକ କଳା ଯଥା ଗୀତ, ନାଚ, ନାଟକ ଓ କଣ୍ଢେଇ ନାଚକୁ ଦେଖିବା, ଶୁଣିବା ଏବଂ ଅନୁସନ୍ଧାନ କରିବା

ଖ) ଯେକୌଣସି ଗୋଟିଏ ପ୍ରକାର କଳା (ଗୀତ, ନାଚ, ନାଟକ ଏବଂ କଣ୍ଢେଇ ନାଚ)କୁ ପ୍ରସ୍ତୁତ କରିବା ଏବଂ ପ୍ରଦର୍ଶନ କରିବା

ଗ) ଗୁରୁଛାତ୍ରଙ୍କଦ୍ୱାରା ପ୍ରଦର୍ଶନ / ଉପସ୍ଥାପନା ପାଇଁ ଯୋଜନା ।

ଘ) ପ୍ରାକ୍ଟିକାଲ୍ କାର୍ଯ୍ୟାବଳୀକୁ ରଖିବାପାଇଁ ଏକ ଖୋଳ ପ୍ରସ୍ତୁତ କରିବା

### ଏକକ-୪ ପ୍ରାରମ୍ଭିକ ଶ୍ରେଣୀମାନଙ୍କରେ କଳା ଶିକ୍ଷାର ଯୋଜନା ଓ ସଙ୍ଗଠନ

(କ) ପ୍ରାରମ୍ଭିକ ଶ୍ରେଣୀମାନଙ୍କରେ କଳାତ୍ମକ ଅନୁଭୂତି ସୃଷ୍ଟିକରିବାପାଇଁ କାର୍ଯ୍ୟାବଳୀ ଓ କାର୍ଯ୍ୟ ନିର୍ଘଣ୍ଟରେ ଯୋଜନା

(ଖ) କଳାତ୍ମକ ଅନୁଭୂତି ସୃଷ୍ଟିପାଇଁ ଉପକରଣ ସଙ୍ଗଠନ ।

(ଗ) ପ୍ରାରମ୍ଭିକ ସ୍ତରରେ କଳାତ୍ମକ ଅନୁଭୂତି ସୃଷ୍ଟି କରିବାପାଇଁ ସୁସଙ୍ଗଠନ ଓ ସୁଗମ ବ୍ୟବସ୍ଥା କରିବା

### ଏକକ -୫ କଳାଶିକ୍ଷାର ମୂଲ୍ୟାୟନ

(କ) କଳାଶିକ୍ଷାରେ ମୂଲ୍ୟାୟନ ।

(ଖ) କୃତି ମୂଲ୍ୟାୟନରେ ପ୍ରସ୍ତୁତି

(ଗ) ପର୍ଯ୍ୟବେକ୍ଷଣ ଫର୍ଦ୍ଦ, ପ୍ରକଳ୍ପକାର୍ଯ୍ୟ, କୃତି ମୂଲ୍ୟାୟନ, ତନଖି ତାଲିକା, ନିର୍ଦ୍ଧାରଣ ମାପକ, ବ୍ୟକ୍ତି ବିଷୟରେ ଉପାଖ୍ୟାନ, ପ୍ରଦର୍ଶନ ଇତ୍ୟାଦି ବିବିଧ ପ୍ରକାରର ସାଧନୀ ଓ କୌଶଳ ବ୍ୟବହାର କରି ମୂଲ୍ୟାୟନ କାର୍ଯ୍ୟ କରିବାପାଇଁ ଧାରଣା ସୃଷ୍ଟି କରିବେ ।

## ୨. ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା

### ପାଠ୍ୟକ୍ରମର ଉଦ୍ଦେଶ୍ୟ ଓ ମୂଳ ଆଧାର

ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରପାଇଁ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ଏକ ଅବିଚ୍ଛେଦ୍ୟ ଅଂଶ । ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା କ୍ଷେତ୍ରରେ ଗବେଷଣା ବିଦ୍ୟାଳୟ ସ୍ତରରେ ଏହି ବିଷୟରେ ଶିକ୍ଷାଦାନ ଓ ଶିକ୍ଷଣକୁ ଅଧିକ ପ୍ରଭାବୀ କରିବା ପାଇଁ ନୂଆ ନୂଆ ପଦ୍ଧତି କୌଶଳର ଉତ୍‌ଥାନ କରିଛି ।

ଏହି କ୍ଷେତ୍ରରେ ଶିକ୍ଷକ ମାନଙ୍କ ପାଇଁ ଏକ ସୁବ୍ୟବସ୍ଥିତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସେମାନଙ୍କର ଜ୍ଞାନ ଲାଭ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିକରିବା ସହିତ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କର ଦକ୍ଷତାଅର୍ଜନ ଓ ସୁସ୍ଥ ଜୀବନ ଶୈଳୀ ପାଇଁ ପ୍ରୋତ୍ସାହିତ କରିବ । ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ଫଳପ୍ରଦ ଭାବରେ କାର୍ଯ୍ୟରେ ପରିଣତ ହୋଇପାରିଲେ ଶିକ୍ଷାର୍ଥୀମାନଙ୍କୁ ଏକ ସୁସ୍ଥ ଓ କ୍ରିୟାଶୀଳ ଜୀବନଯାପନ ପାଇଁ ସମର୍ଥ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଶୈକ୍ଷିକ ଉପଲବ୍ଧି, ଆବେଗିକ ସ୍ଥିରତା ପାରସ୍ପରିକ ସଂପର୍କ ବୃଦ୍ଧି କରିବାରେ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷାର ଏକ ସକାରାତ୍ମକ ପ୍ରଭାବ ରହିଛି । ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା କ୍ଷେତ୍ରରେ ଏକ ସୁକଳ୍ପିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ମାନଙ୍କର ପ୍ରଭାବଶାଳୀ ପ୍ରଶିକ୍ଷଣଦ୍ୱାରା ଏହା ସମ୍ଭବ ହୋଇପାରିବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ**

**ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ସମର୍ଥହେବେ**

(କ) ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷାର ଧାରଣା ସଂପର୍କରେ ଏକ ସାମଗ୍ରିକ ଅବଧାରଣା ସୃଷ୍ଟି ।

(ଖ) ବିଦ୍ୟାଳୟର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହିତ ସଂପର୍କିତ ମୁଖ୍ୟ ଦୃଷ୍ଟିକୋଣ (ଦିଗ)ଗୁଡ଼ିକ ସମ୍ବନ୍ଧରେ ଜ୍ଞାନ ଓ ଅନୁଭୂତି ଅର୍ଜନ କରିବେ, ଯେପରିକି; ବିଦ୍ୟାଳୟର ସ୍ୱାସ୍ଥ୍ୟାନୁକୂଳ ପରିବେଶ, ସ୍ୱାସ୍ଥ୍ୟ ସମ୍ପର୍କୀୟ ସୂଚନା ଓ ବଦ୍ୟାଳୟ ସ୍ୱାସ୍ଥ୍ୟ ସେବା ।

(ଗ) ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ସଂପର୍କିତ ଧାରଣାକୁ ବୁଝିବେ ।

(ଘ) ଶାରୀରିକ, ଆବେଗିକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେଇ ବିଦ୍ୟାଳୟରେ ଶିକ୍ଷାର୍ଥୀର ପୂର୍ଣ୍ଣାଙ୍ଗ ବିକାଶପାଇଁ ଫଳପ୍ରଦ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମର ସଙ୍ଗଠନ ଓ ପରିଚାଳନା କରିବେ ।

(ଙ) ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଜୀବନରେ ଯୋଗର ଗୁରୁତ୍ୱକୁ ଉପଲବ୍ଧିକରି ଜ୍ଞାନ ଅର୍ଜନ କରିବା ସହିତ ବିଦ୍ୟାଳୟରେ ଯୋଗର ପ୍ରବର୍ତ୍ତନ ପାଇଁ ଦକ୍ଷତା ଅର୍ଜନ କରିବେ ।

**ବ୍ଲକ୍-୨ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା**

**ଏକକ-୬- ସ୍ୱାସ୍ଥ୍ୟର ଅର୍ଥ ଓ ତାତ୍ପର୍ଯ୍ୟ**

(କ) ସ୍ୱାସ୍ଥ୍ୟ ସଂପର୍କରେ ଧାରଣା:- ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ଆବେଗିକ ସ୍ୱାସ୍ଥ୍ୟ, ସାମାଜିକ ସ୍ୱାସ୍ଥ୍ୟ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ।

(ଖ) ବ୍ୟକ୍ତି, ପରିବାର ଓ ସମାଜପାଇଁ ସ୍ୱାସ୍ଥ୍ୟର ଗୁରୁତ୍ୱ ।

(ଗ) ସ୍ୱାସ୍ଥ୍ୟ ଓ ଶିକ୍ଷା ମଧ୍ୟରେ ସଂପର୍କ: ଶିକ୍ଷାଗ୍ରହଣ ପୂର୍ବରୁ ପ୍ରାକ୍-ଆବଶ୍ୟକତାଭାବରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଲକ୍ଷ୍ୟ ଭାବରେ ସ୍ୱାସ୍ଥ୍ୟ ।

**ଏକକ-୭ ବିଦ୍ୟାଳୟ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ଦିଗ**

(କ) ସ୍ୱାସ୍ଥ୍ୟପୂର୍ଣ୍ଣ ବିଦ୍ୟାଳୟ ପରିବେଶ: ବିଶୁଦ୍ଧ ପାନୀୟ ଜଳଯୋଗାଣ, ପରିଷ୍କାର ଶୌଚାଳୟ ଓ ପରିସ୍ରାଗାର, ନିରାପଦ ଖାଦ୍ୟ, ହାତ ଧୁଆ ବ୍ୟବସ୍ଥା, ନର୍ଦ୍ଦମା, ଆବର୍ଜନା ନିଷ୍କାସନ, ଆଲୋକ, ବାୟୁଚଳାଚଳ ଆରାମପ୍ରଦ ବସିବା ବ୍ୟବସ୍ଥା, ସକାରାତ୍ମକ ଓ ଅନୁକୂଳ ଆବେଗାତ୍ମକ ଓ ସାମାଜିକ ପରିବେଶ ।

(ଖ) ସ୍ୱାସ୍ଥ୍ୟ ସୂଚନା: ଖାଦ୍ୟ ଓ ସନ୍ତୁଳିତ ଆହାର, ସଂକ୍ରାମକ ରୋଗ ଓ ସୁସ୍ଥ ଅଭ୍ୟାସ ।

**ଏକକ ୮: ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା**

(କ) ବିଦ୍ୟାଳୟ ସ୍ୱାସ୍ଥ୍ୟ ସେବା: ସର୍ବାଧିକ ଶିକ୍ଷଣ, ସ୍ୱାସ୍ଥ୍ୟପ୍ରଦ ଜୀବନ ଯାପନ ଓ ସୁନାଗରିକ ଭାବରେ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବାକୁ ସ୍ୱାସ୍ଥ୍ୟ ସେବାର ଆୟୋଜନ ।

(ଖ) ବିଦ୍ୟାଳୟ ଓ ଗୃହରେ ସ୍ୱାସ୍ଥ୍ୟଗତ ବିପଦରୁ ସୁରକ୍ଷା

(ଗ) ଜରୁରୀ କାଳୀନ ଓ ଦୁର୍ଘଟଣା ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା

**ଏକକ ୯: ଶାରୀରିକ ଶିକ୍ଷାର ଅର୍ଥ ଓ ଧାରଣା**

(କ) ଶାରୀରିକ ଶିକ୍ଷାର ଅର୍ଥ ଓ ଗୁରୁତ୍ୱ

(ଖ) ଶାରୀରିକ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ: ବ୍ୟକ୍ତିତ୍ୱର ସମନ୍ୱିତ ବିକାଶ ସଂପର୍କରେ ଧାରଣା: ଜୈବିକ, ବୌଦ୍ଧିକ, ଆବେଗିକ, ସାମାଜିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ

(ଗ) ସମସ୍ତଙ୍କ ପାଇଁ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ: ଆଭ୍ୟନ୍ତରୀଣ ଓ ବାହ୍ୟ ପରିବେଶରେ ଗଣ ଯୋଗ୍ୟତା କାର୍ଯ୍ୟକ୍ରମ

**ଏକକ ୧୦: ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା ଓ ସଙ୍ଗଠନ**

(କ) ଶାରୀରିକ ଶିକ୍ଷା ସଂପର୍କିତ ପାଠଯୋଜନା ପ୍ରସ୍ତୁତିର ନିୟମ

(ଖ) ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି: ପ୍ରଦର୍ଶନ ପଦ୍ଧତି, ସାମଗ୍ରିକ-ଆଂଶିକ-ସାମଗ୍ରିକ ପଦ୍ଧତି, ନିର୍ଦ୍ଦେଶନ ପଦ୍ଧତି, ପ୍ରତିବିମ୍ବିତ ପଦ୍ଧତି

(ଗ) ଗଣ ଯୋଗ୍ୟତା କାର୍ଯ୍ୟକ୍ରମର ପରିଚାଳନା: ସମବେତ ସଭା, ଶୃଙ୍ଖଳିତ ଯାତ୍ରା, ଶାରୀରିକ ବ୍ୟାୟାମ, କ୍ରୀଡ଼ା ପ୍ରତିଯୋଗିତା

(ଘ) ପ୍ରାରମ୍ଭିକ ସ୍ତରରେ ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା-ସହାୟକ, ଉପଦେଷ୍ଟା, ବିପଥଗାମୀ ଶିକ୍ଷାର୍ଥୀ ମାନଙ୍କର ଚିହ୍ନଟୀକରଣ, ପ୍ରତିକାରାତ୍ମକ ତ୍ରୁଟି ସଂଶୋଧନ ପାଇଁ ଉପାୟ ନିର୍ଣ୍ଣୟକାରୀ ।

**ଏକକ ୧୧: ଖେଳ, କ୍ରୀଡ଼ା ଓ ଯୋଗ**

(କ) ଖେଳ ଓ କ୍ରୀଡ଼ା: ମୌଳିକ ନିୟମ, ମୌଳିକ ଦକ୍ଷତା, ଖେଳପଡ଼ିଆର ସୀମା ନିର୍ଦ୍ଧାରଣ ।

(ଖ) ସ୍ଥାନୀୟ ଖେଳ, କ୍ଷୁଦ୍ର ଖେଳ, ଗୃହ ମଧ୍ୟରେ ଓ ଗୃହବାହାରର ଖେଳ

(ଗ) ଯୋଗ: ୧ରୁ ୧୪ବର୍ଷ ବୟସର ଶିଶୁଙ୍କ ପାଇଁ ଏହାର ଆବଶ୍ୟକତା ଓ ଗୁରୁତ୍ୱ

(ଘ) ଯୋଗ କାର୍ଯ୍ୟକ୍ରମ: ଲୋକମାନଙ୍କର ସ୍ୱାସ୍ଥ୍ୟଗତ ଆବଶ୍ୟକତା ଓ ସର୍ବାଙ୍ଗୀନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମୌଳିକ ଆସନ ଓ ପ୍ରାଣାୟାମର ଆବଶ୍ୟକତା

**୩. କର୍ମଶିକ୍ଷା**

**ପାଠ୍ୟକ୍ରମର ଯୌକ୍ତିକତା ଓ ଲକ୍ଷ୍ୟ**

ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ବିଦ୍ୟାଳୟ ଶିକ୍ଷାର ସମନ୍ୱିତ ଅଂଶଭାବରେ କର୍ମ, ହସ୍ତଚାଳିତ କର୍ମର ଗୁରୁତ୍ୱକୁ ବୁଝିବାପାଇଁ ଏହି ପାଠ୍ୟକ୍ରମ ସୁଯୋଗ ପ୍ରଦାନ କରିଥାଏ । ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାରର ବୟସୋପଯୋଗୀ କାର୍ଯ୍ୟର ଚିହ୍ନଟ କରିବାକୁ ଏହା ଅନ୍ତର୍ଦୃଷ୍ଟି ଯୋଗାଇ ଥାଏ । କର୍ମ ସମ୍ପର୍କିତ କାର୍ଯ୍ୟାବଳୀର ନିର୍ବାହ ଓ ପ୍ରଦର୍ଶନ ପାଇଁ ବିବିଧ ପ୍ରକାରର ପଦ୍ଧତି ରହିଛି । ପ୍ରଶିକ୍ଷାର୍ଥୀମାନଙ୍କୁ ବିଷୟ ପାଇଁ ଉପଯୁକ୍ତ କାର୍ଯ୍ୟନିର୍ବାହ କୌଶଳ ନିପୁଣତାର ସହିତ ହାସଲ କରିବା ପାଇଁ ଏହି ପାଠ୍ୟକ୍ରମ ନିଶ୍ଚିତ ଭାବରେ ସାହାଯ୍ୟ କରିବ । ଭାଷା, ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ, କଳାଶିକ୍ଷଣ, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ପ୍ରଭୃତି ବିଭିନ୍ନ ଶୈକ୍ଷିକ ବିଷୟରେ କର୍ମ ସହିତ ବିଷୟକୁ ସମନ୍ୱିତ କରିବାରେ ଏହି ପାଠ୍ୟକ୍ରମ ନିଶ୍ଚିତ ଭାବରେ ପ୍ରଶିକ୍ଷାର୍ଥୀମାନଙ୍କୁ ସମର୍ଥ କରିବ । ଶିକ୍ଷାର୍ଥୀମାନଙ୍କର ବିକାଶର ଦ୍ୱାରା ଧାରାବାହିକ ଓ ସଂବ୍ୟାପକ ଆକଳନ ଓ ମୂଲ୍ୟାୟନ କରିବାରେ ଏହି ପାଠ୍ୟକ୍ରମ ପ୍ରଶିକ୍ଷାର୍ଥୀ ମାନଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବ । କର୍ମ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗୋଷ୍ଠୀ ସଞ୍ଚାଳନ ଓ ଗୋଷ୍ଠୀ ସମ୍ବଳର ବ୍ୟବହାରର ଆବଶ୍ୟକତା ସଂପର୍କରେ ଏହା ପ୍ରଶିକ୍ଷାର୍ଥୀ ମାନଙ୍କୁ ସମର୍ଥ କରିବ ।

**ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ**

**ଶିକ୍ଷକ ଶିକ୍ଷାର୍ଥୀମାନେ ସମର୍ଥ ହେବେ:**

- ପ୍ରାରମ୍ଭିକ ସ୍ତରର ଶିକ୍ଷାପାଇଁ କର୍ମଶିକ୍ଷାର ଆବଶ୍ୟକତା, ଧାରଣା ଓ ସ୍ୱରୂପକୁ ବୁଝିବା
- ବିଦ୍ୟାଳୟର ଅନ୍ୟାନ୍ୟ ବିଷୟ ସହିତ କର୍ମଶିକ୍ଷାକୁ ସମନ୍ୱିତ କରିବା
- କର୍ମ ଓ ଶ୍ରମର ମହତ୍ତ୍ୱ ସଂପର୍କରେ ସକାରାତ୍ମକ ମନୋବୃତ୍ତିର ବିକାଶ କରିବା

- ଶିଶୁର ସାମାଜିକ, ସାଂସ୍କୃତିକ, ଶାରୀରିକ, ମାନସିକ ବିକାଶ ପାଇଁ 'କର୍ମ'କୁ ଏକ ସାଧନୀଭାବରେ ବ୍ୟବହାର କରିବାର ଦକ୍ଷତା ବୃଦ୍ଧି କରିବା
- କର୍ମ ସଂପର୍କିତ କାର୍ଯ୍ୟାବଳୀର ସଙ୍ଗଠନ ଓ ରୂପାୟନ ପାଇଁ ସାମୟିକ ଯୋଜନା ପ୍ରସ୍ତୁତ କରିବା
- କର୍ମଶିକ୍ଷା ପାଇଁ ଗୋଷ୍ଠୀ ସମ୍ବଳର ଚିହ୍ନଟ ଓ ସଙ୍ଗଠନ କରିବା
- କର୍ମଶିକ୍ଷା କାର୍ଯ୍ୟାବଳୀର ମୂଲ୍ୟାୟନ କରିବେ ।

**ବ୍ଲକ୍ ୩ କର୍ମ ଶିକ୍ଷା**

**ଏକକ ୧୨- କର୍ମଶିକ୍ଷା ସଂପର୍କରେ ଧାରଣା (ତତ୍ତ୍ୱ)**

- କର୍ମ ଓ କର୍ମଶିକ୍ଷା ସଂପର୍କରେ ଧାରଣା ।
- କର୍ମଶିକ୍ଷାର ଦାର୍ଶନିକ, ସାମାଜିକ, ଐତିହାସିକ ବିଷୟବସ୍ତୁ ସଂପର୍କରେ ଆଲୋଚନା ।
- କର୍ମଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
- କର୍ମଶିକ୍ଷାର ପରିସର
- ଶୈକ୍ଷିକ ମାଧ୍ୟମ ଭାବରେ କର୍ମ – କାମକର ଓ ଶିଖ ।

**ଏକକ ୧୩ : କର୍ମ ଶିକ୍ଷାର ବାସ୍ତବ ରୂପାୟନ (ତତ୍ତ୍ୱ)**

(କ) ବିଦ୍ୟାଳୟରେ କର୍ମଶିକ୍ଷା ପାଇଁ ଯୋଜନା ଓ ସଙ୍ଗଠନ (ସମୟ, ସ୍ଥାନ ଓ ଶିକ୍ଷାର୍ଥୀମାନଙ୍କର ଦଳ ଗଠନ)

(ଖ) ବିଭିନ୍ନ ଶ୍ରେଣୀପାଇଁ କର୍ମଶିକ୍ଷା ଅଧିବେଶନର ଯୋଜନା ।

(ଗ) ପ୍ରାରମ୍ଭିକ ସ୍ତରରେ କର୍ମଶିକ୍ଷା ପାଇଁ ଉପକରଣର ଆୟୋଜନ ।

(ଘ) ଉପକରଣ, ସାଧନୀ, ସାମଗ୍ରୀର ସଂରକ୍ଷଣ ଓ ମହଜୁଦ କରିବା ।

(ଙ) ବିଭିନ୍ନ ଶୈକ୍ଷିକ ବିଷୟ (ପରିସର) ସହ କର୍ମର ସମନ୍ୱୟ: କର୍ମ ଓ ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଶିକ୍ଷାଦାନ-ଶିକ୍ଷଣ କୌଶଳର ଯୋଜନା ।

**ଏକକ ୧୪: କର୍ମଶିକ୍ଷାରେ ଦକ୍ଷତା ବୃଦ୍ଧି (ପ୍ରାକ୍ଟିକାଲ)**

ତଳେ ଦିଆଯାଇଥିବା କାର୍ଯ୍ୟାବଳୀ ତାଲିକାରୁ ଦକ୍ଷତାବୃଦ୍ଧି ପାଇଁ ଯେକୌଣସି ଦୁଇଟିର ଚୟନ କରାଯିବ ।

ଦକ୍ଷତା ବୃଦ୍ଧିପାଇଁ ପ୍ରାକ୍ଟିକାଲ ଆୟୋଜନର ଅନୁସୃତ ସୋପାନ ଗୁଡ଼ିକ:

- ନିର୍ଦ୍ଦିଷ୍ଟ କ୍ଷେତ୍ରର ତାତ୍ତ୍ୱିକ ପୃଷ୍ଠଭୂମି
- ଆବଶ୍ୟକ ଉପକରଣ
- ଅନୁସୃତ ପଦ୍ଧତି
- ଉପଯୋଗିତା
- ଖର୍ଚ୍ଚର ପରିମାଣ

**କାର୍ଯ୍ୟାବଳୀର ପ୍ରାକ୍ଟିକାଲ ଫାଇଲ ତିଆରି କରିବା ନିଶ୍ଚିତ ପାଳନୀୟ**

ପ୍ରାକ୍ଟିକାଲ କାର୍ଯ୍ୟାବଳୀ ପାଇଁ ପ୍ରସ୍ତାବିତ ତାଲିକା: ୧. ଗୁଡ଼ି ତିଆରି; ୨. ମାଟିଗୁଳି କିମ୍ବା ତୁଳାରେ ହାର ତିଆରି; ୩. ବିଞ୍ଚଣା, ପାପୋଛ, ଟେବୁଲ ଘୋଡ଼ଣୀ ତିଆରି, ଏଥିରେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା କଞ୍ଚାମାଲ ବ୍ୟବହାର କରାଯିବ । ଯେପରିକି ଖଜୁରୀ ପତ୍ର, ପୁରୁଣା ଲୁଗା, ତାଳପତ୍ର ଇତ୍ୟାଦି; ୪. ମହମବତୀ ତିଆରି; ୫. ଚକ ଖଡ଼ି ତିଆରି; ୬. ଅଳିଆଦାନୀ, କଲମଦାନୀ ପ୍ରସ୍ତୁତି (ପୁରୁଣାଟିଣ କିମ୍ବା ବାକ୍ସରେ

କରାଯିବ); ୭. କାଗଜ କଣ୍ଢେଇ (ଫିରକି, ଉଡ଼ନ୍ତା ଚଢ଼େଇ, ଦିନରାତି, ମାଛ, ନାଚକରୁଥିବା କଣ୍ଢେଇ ଇତ୍ୟାଦି; ୮. କାଗଜ ମୁଖା; ୯. ବେତରେ ଝୁଡ଼ି ତିଆରି; ୧୦. ଲଫାପା ପ୍ରସ୍ତୁତି (ପୁରୁଣା ଖବରକାଗଜ ଓ ମାଟିଆ କାଗଜରେ)

**ଦ୍ରଷ୍ଟବ୍ୟ:** ଦକ୍ଷତା ବୃଦ୍ଧି ପ୍ରାକ୍ଟିକାଲ କାର୍ଯ୍ୟପାଇଁ ଅଞ୍ଚଳ ଭିତ୍ତିକ କାର୍ଯ୍ୟକୁ ସୁପାରିଶ କରାଯିବ ।

**ଏକକ ୧୫: ଗୋଷ୍ଠୀ ଓ କର୍ମଶିକ୍ଷା**

(କ) କର୍ମଶିକ୍ଷାରେ ଗୋଷ୍ଠୀର ଭୂମିକା

(ଖ) କର୍ମଶିକ୍ଷାର ରୂପାନ୍ତର ପାଇଁ ଗୋଷ୍ଠୀ ସମ୍ବଳର ଚିହ୍ନଟ ଓ ବିନିଯୋଗ ଗୋଷ୍ଠୀ ସମ୍ବଳର ଆକଳନ ।

(ଗ) କର୍ମଶିକ୍ଷାର ଗୁରୁତ୍ୱ ପାଇଁ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କୁ ପକ୍ଷପୋଷଣ ଓ ପରାମର୍ଶ ।

**ଏକକ ୧୬: କର୍ମଶିକ୍ଷାର ମୂଲ୍ୟାୟନ (ଥିଓରୀ ଓ ପ୍ରାକ୍ଟିକାଲ)**

(କ) କର୍ମଶିକ୍ଷାରେ ମୂଲ୍ୟାୟନର ଗୁରୁତ୍ୱ

(ଖ) କର୍ମଶିକ୍ଷା କାର୍ଯ୍ୟାବଳୀର ମୂଲ୍ୟାୟନ କିପରି କରାଯିବ

(ଗ) ସୂଚକ-ଭିତ୍ତିକ ମୂଲ୍ୟାୟନ

(ଘ) ମୂଲ୍ୟାୟନ ପାଇଁ ସାଧନୀ ଓ କୌଶଳ

(ଙ) ନିଜେ, ସମବୟସ୍କ, ଶିକ୍ଷକ ଓ ଗୋଷ୍ଠୀ ଭିତ୍ତିକ ମୂଲ୍ୟାୟନ

**ପାଠ- ୯: ୫୦୯-ଉଚ୍ଚ ପ୍ରାଥମିକ ସ୍ତରରେ ସମାଜିକ ବିଜ୍ଞାନ ଶିକ୍ଷା**

**କ. ଉପକ୍ରମ**

ବିଦ୍ୟାଳୟ ସ୍ତରୀୟ ଏକ ବିଷୟଭାବେ ସାମାଜିକ ବିଜ୍ଞାନ/ସାମାଜିକ ପାଠର ବିଷୟବସ୍ତୁର ପ୍ରକୃତି ଓ ଉଦ୍ଦେଶ୍ୟ ଏକ ନିର୍ଦ୍ଦିଷ୍ଟ ଧାରଣା ଉପରେ ପର୍ଯ୍ୟବଶିତ । ଏହାକୁ ପ୍ରାକୃତିକ ଓ ପ୍ରଦତ୍ତ ପରିବର୍ତ୍ତନ ଏସବୁ ବିଷୟବସ୍ତୁମାନ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ଏକ ଭିନ୍ନ ପରିପ୍ରେକ୍ଷଣର ଧାରଣା ଦିଏ । ଏହା ମଧ୍ୟ ବିଭିନ୍ନ ପାଠ୍ୟକ୍ରମ, ପାଠ୍ୟ ସୂଚୀ ଓ ପାଠ୍ୟ ପୁସ୍ତକରେ ପ୍ରତିଫଳିତ ବିଷୟଗତ ବିଭିନ୍ନ ଦୃଷ୍ଟିଭଙ୍ଗୀ ଓ ଧାରଣାର ଦିଗକୁ ପରୀକ୍ଷା ନିରୀକ୍ଷା କରେ । ସାମାଜିକ ବିଜ୍ଞାନ କିପରି ସମୟ, ସ୍ଥାନ ଓ କ୍ଷମତା, ନିର୍ମାଣ, ପ୍ରତିଷ୍ଠାନ, ପ୍ରକ୍ରିୟା ଓ ସମ୍ପର୍କ ଭିତ୍ତିରେ ଆମ ସମାଜ ଓ ଚତୁଃପାର୍ଶ୍ୱର ସାମାଜିକ ବାସ୍ତବତାକୁ ଗୁରୁତ୍ୱର ସହ ହୃଦୟଙ୍ଗମ କରିବାର କ୍ଷମତା ବିକାଶ କରିଥାଏ ଏହା ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଥାଏ ।

**ଖ. ଉଦ୍ଦେଶ୍ୟ:**

ଏହି ପାଠ ଶିକ୍ଷାର୍ଥୀଙ୍କୁ ନିମ୍ନଲିଖିତ ପ୍ରସଙ୍ଗରେ ସହାୟତା କରେ । ସେଗୁଡ଼ିକ ହେଲା:

- ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି ଏବଂ ସମାଜ ବିଜ୍ଞାନର ଅନୁଶାସନ ଜରିଆରେ ଆମେ ବସବାସ କରୁଥିବା ସମାଜକୁ ତନ୍ନତନ୍ନ କରି ବୁଝିବା ଓ ସମୀକ୍ଷା କରିବାର ଜ୍ଞାନ ଓ ଦକ୍ଷତା ବିକାଶ
- ତଥ୍ୟ ସଂଗ୍ରହ, ବ୍ୟାଖ୍ୟାନ ଓ ସମୀକ୍ଷା ନିମନ୍ତେ ଦକ୍ଷତା ବିକାଶ
- ସାମାଜିକ ବିଜ୍ଞାନ ବିଦ୍ୟାଳୟ ପାଠ୍ୟକ୍ରମ, ପାଠ୍ୟ ସୂଚୀ ଓ ପାଠ୍ୟ ପୁସ୍ତକର ଗଠନମୂଳକ ସମୀକ୍ଷା
- ପାଠ୍ୟସୂଚୀର ବ୍ୟବହାର ପାଇଁ ବିଭିନ୍ନ ଶୈକ୍ଷିକ ବିଜ୍ଞାନ ସଂକ୍ରାନ୍ତ ଜ୍ଞାନଲାଭ ଓ ପ୍ରୟୋଗ; ଯାହା ସାମାଜିକ ଦୃଶ୍ୟପଟ ସଂକ୍ରାନ୍ତରେ ଅନୁସନ୍ଧାନ କରିବାକୁ ପିଲାମାନଙ୍କ କୌତୁହଳ ବୃଦ୍ଧି କରିବା ଏବଂ ସାମ୍ପ୍ରତିକ ସମାଜ, ଏହାର ପ୍ରତିଷ୍ଠାନ ଓ ରୀତିନୀତିରେ ଏକ ସମାଲୋଚନାମୂଳକ, ନିରପେକ୍ଷ ଏବଂ ପରିପକ୍ୱ ପ୍ରତିଫଳନ ପାଇଁ ସେମାନଙ୍କ କ୍ଷମତା ବିକାଶ କରିବା ।
- ସ୍ୱାଧୀନତା, ସମାନତା, ସୁବିଚାର, ବିଭିନ୍ନତା ଓ ବିଭେଦତା ପ୍ରତି ସମ୍ମାନ ପରି ମାନବୀୟ ଓ ସାମ୍ବିଧାନିକ ମୂଲ୍ୟବୋଧ ବଜାୟ ରଖିବା ଏବଂ ଏହି ମୂଲ୍ୟବୋଧ କ୍ଷୁଣ୍ଣକାରୀ ସାମାଜିକ ଶକ୍ତିଙ୍କ ମୁକାବିଲା କରିବା ପାଇଁ କ୍ଷମତା ବୃଦ୍ଧି କରିବା

## ଗ. କାର୍ଯ୍ୟଶୈଳୀ / ପଦ୍ଧତି

ଏହି ପାଠ୍ୟକ୍ରମର ସୃଷ୍ଟି ଭିନ୍ନ ଭିନ୍ନ ଏବଂ ଉଦ୍ଦେଶ୍ୟ ଐତିହାସିକ ଓ ସାମାଜିକ ବୈଶିଷ୍ଟ୍ୟ ଭିତ୍ତିକ ହୋଇଥିଲେ ମଧ୍ୟ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି ଏବଂ ସମାଜ ବିଜ୍ଞାନର ପ୍ରକୃତି ସଂକ୍ରାନ୍ତ ବିଭିନ୍ନ ପରିକ୍ଷେପଣ ଏହାର ଆଧାର । ପାଠ୍ୟ ପୁସ୍ତକ ଓ ପାଠ୍ୟ ସୂଚୀ ସମୀକ୍ଷା ଏହି ସବୁ ଦଲିଲ୍ ଓ ଶୈକ୍ଷିକ ବିଜ୍ଞାନ ଉପକରଣ ପ୍ରସ୍ତୁତିରେ ସମାଜ, ଶିଶୁ ଏବଂ ସାମାଜିକ ବିଜ୍ଞାନର ବିଭିନ୍ନ ପରିକ୍ଷେପଣର ପ୍ରଭାବ ଏବଂ ଶ୍ରେଣୀ ଗୃହରେ କିପରି ଏହା ବିକଳ୍ପଭାବେ ସୃଷ୍ଟ ଓ ଆଲୋଚିତ ତାହା ବୁଝିବାରେ ପିଲାମାନଙ୍କୁ ସାହାଯ୍ୟ କରେ । ସମାଜ ବିଜ୍ଞାନର ବିଭିନ୍ନ ଭାଗର ବିଷୟବସ୍ତୁ ସଂକ୍ରାନ୍ତରେ ପିଲାଙ୍କ ଧାରଣା ଓ ଅବଧାରଣା ଏବଂ ବ୍ୟକ୍ତି/ସମୂହ ପ୍ରତିଫଳନର ସାମର୍ଥ୍ୟ ବିକାଶକୁ ବିଭିନ୍ନ ପାଠ୍ୟ ପୁସ୍ତକ ଓ ଶିକ୍ଷଣ ପଦ୍ଧତିର ଗ୍ରହଣ ବା ବିରୋଧକୁ ପଠନ ସମାଜ ବିଜ୍ଞାନ ଓ ଉପଯୁକ୍ତ ଶୈକ୍ଷିକ ବିଜ୍ଞାନ ସଂକ୍ରାନ୍ତ ନିଜସ୍ୱ ବିଚାରର ବିକାଶ କରାଇବାରେ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବିକଳ୍ପ ମାଧ୍ୟମ ଯୋଗାଏ ।

### ବ୍ଲକ-୧: ସାମାଜିକ ବିଜ୍ଞାନ ଏକ ଶିକ୍ଷା - ବୁଝିବା

### ଏକକ-୧: ସାମାଜିକ ବିଜ୍ଞାନର ସ୍ୱରୂପ

- ସାମାଜିକ ବିଜ୍ଞାନ: କ୍ରମବିକାଶ ଓ ଧାରଣା
- ସାମାଜିକ ବିଜ୍ଞାନ: ଅତୀତରୁ ବର୍ତ୍ତମାନ
- ସାଂପ୍ରତିକ ସାମାଜିକ ସ୍ଥିତି
- ସାମାଜିକ ବିଜ୍ଞାନର ଉପାଦାନ: ଶାସନ ପଦ୍ଧତି, ସଂସ୍କୃତି ଓ ଅର୍ଥନୀତି
- ସାମାଜିକ ବିଜ୍ଞାନରେ ସମନ୍ୱୟ ଓ ଆନ୍ତଃବିଷୟ ପ୍ରସଙ୍ଗ

### ଏକକ-୨: ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ

ଏହି ଏକକର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ପରିବର୍ତ୍ତିତ ଉଦ୍ଦେଶ୍ୟର କ୍ରମବିକାଶକୁ ପ୍ରଭାବିତ କରିଥିବା ଶକ୍ତିକୁ ପରୀକ୍ଷା କରିବା ।

- ଔପନିବେଶିକ ପ୍ରଦତ୍ତ ସମ୍ପତ୍ତି; ଜାତୀୟତାବାଦୀ ବିକଳ୍ପ
- ସ୍ୱାଧୀନତା ପରବର୍ତ୍ତୀ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ସମ୍ପର୍କରେ ତର୍କ
- ଜାତୀୟ ସଂହତି ଓ ଆନ୍ତର୍ଜାତିକ ବୁଝାମଣା
- ସାଂପ୍ରଦାୟିକତା, ଧର୍ମନିରପେକ୍ଷତା, ନିମ୍ନ ପଦସ୍ଥଙ୍କ ପ୍ରସଙ୍ଗରେ ତର୍କ
- ଲିଙ୍ଗ, ଜାତି, ଆଦିବାସୀ ପ୍ରସଙ୍ଗରେ ଆଲୋଚନା
- ଆନ୍ତର୍ଜାତିକ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ପ୍ରସଙ୍ଗରେ ଆଲୋଚନା (UNESCO, ଉଦାହରଣ ସ୍ୱରୂପ ଦକ୍ଷିଣ ଆଫ୍ରିକାରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ)
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ସଂପର୍କରେ ସାଂପ୍ରତିକ ଚିନ୍ତାଧାରା ଓ ପ୍ରଥା

### ବ୍ଲକ୍-୨ ସାମାଜିକ ବିଜ୍ଞାନ ବିଷୟ ଓ ଧାରଣା

### ଏକକ-୩: ଇତିହାସ

- ପ୍ରାରମ୍ଭିକ ସ୍ତରରେ ଇତିହାସ ସଂପର୍କରେ ଧାରଣା ଓ ଇତିହାସର ବିଷୟବସ୍ତୁ
- ସାମାଜିକ ବିଜ୍ଞାନୀମାନଙ୍କ ଦ୍ୱାରା ଇତିହାସ ପଠନ ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତି ।
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶ ଭାବରେ ଇତିହାସର ଗୁରୁତ୍ୱ
- ଆଦର୍ଶ ପାଠ ଯୋଜନା

**ଏକକ-୪: ଭୂଗୋଳ**

- ପ୍ରାରମ୍ଭିକ ସ୍ତରର ଭୂଗୋଳ ସଂପର୍କରେ ଧାରଣା ଓ ଭୂଗୋଳର ବିଷୟବସ୍ତୁ
- ସାମାଜିକ ବିଜ୍ଞାନୀମାନଙ୍କ ଦ୍ୱାରା ଭୂଗୋଳ ପଠନ ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତି
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶ ଭାବରେ ଭୂଗୋଳର ଗୁରୁତ୍ୱ
- ଆଦର୍ଶ ପାଠ ଯୋଜନା

**ଏକକ-୫: ସାମାଜିକ ଓ ରାଜନୈତିକ ଜୀବନରେ ସମନ୍ୱିତ ବିଷୟଭାବେ ରାଜନୀତି ବିଜ୍ଞାନ/ଅର୍ଥନୀତି/ସମାଜ ଶାସ୍ତ୍ର**

- ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନରେ ସାମାଜିକ ଓ ରାଜନୈତିକ ଜୀବନ ସଂକ୍ରାନ୍ତ ଧାରଣା
- ସାମାଜିକ ବିଜ୍ଞାନୀଙ୍କ ଦ୍ୱାରା ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜ ଶାସ୍ତ୍ର ପାଠ ପାଇଁ ଗୃହୀତ ପଦ୍ଧତି
- ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ଅଂଶଭାବେ ରାଜନୀତି ବିଜ୍ଞାନ ଅର୍ଥନୀତି ଓ ସମାଜ ଶାସ୍ତ୍ରର ଗୁରୁତ୍ୱ
- ଆଦର୍ଶ ପାଠ ଯୋଜନା

**ଭାଗ ୩: ସାମାଜିକ ବିଜ୍ଞାନ ଶିକ୍ଷଣରେ ସମସ୍ୟା**

**ଏକକ ୬ : ଶିକ୍ଷାର୍ଥୀର ପ୍ରକୃତି ଓ ଆଞ୍ଚଳିକ ପରିସ୍ଥିତିକୁ ବୁଝିବା**

- ପ୍ରସାରିତ ସାମାଜିକ ପରିସ୍ଥିତି
- ସାମାଜିକ ବିଜ୍ଞାନ ସମସ୍ୟା ଗୁଡ଼ିକୁ ପିଲାମାନେ କିପରି ବୁଝନ୍ତି
- ମଧ / ଉଚ୍ଚପ୍ରାଥମିକ ଶିକ୍ଷାର୍ଥୀମାନଙ୍କ ବୟସ ଅନୁସାରେ ବୌଦ୍ଧିକ ବିକାଶ ଓ ଧାରଣା ଗଠନ ଓ ସାମାଜିକ - ସାଂସ୍କୃତିକୁ (ପରିବେଶ) ପରିସ୍ଥିତି : ପାଠ୍ୟକ୍ରମ ଏବଂ ଶୈକ୍ଷିକ ପରିସ୍ଥିତିରେ ଏହି କାରକ ଗୁଡ଼ିକ ପ୍ରାଧାନ୍ୟତା; ଧାରଣାର ସଂକ୍ରାନ୍ତରେ ଶିଶୁମାନେ ବୁଝିବାର ଅନୁଧ୍ୟାନ, ସାମାଜିକ ବିଜ୍ଞାନ ସଂଗଠନ ଏବଂ ଶ୍ରେଣୀ ଭିତ୍ତିକ କ୍ରିୟା ପ୍ରତିକ୍ରିୟା ।

**ଏକକ-୭: ଶିକ୍ଷା ଶିକ୍ଷଣ କୌଶଳ**

**ଶିକ୍ଷାଦାନ ପ୍ରଣାଳୀ:** ସାମାଜିକ ବିଜ୍ଞାନରେ ଆବିଷ୍କାରାତ୍ମକ ପ୍ରଣାଳୀ, ପ୍ରକଳ୍ପ ପ୍ରଣାଳୀ, ବର୍ଣ୍ଣନା ବ୍ୟବହାର, ତୁଳନାତ୍ମକ, ପର୍ଯ୍ୟବେକ୍ଷଣ, ସଂଳାପ ଏବଂ ଆଲୋଚନା, ବିଭିନ୍ନ ସାମାଜିକ ବିଜ୍ଞାନ ବିଷୟର ତଥ୍ୟଗତ ଧାରଣା, ଏହାର ଉତ୍ସ ଓ ପ୍ରମାଣ, ତଥ୍ୟ ଓ ମତାମତ ମଧ୍ୟରେ ପାର୍ଥକ୍ୟ, ପ୍ରଭାବିତ ଓ ପକ୍ଷାପାତିତା, ପାଠ ବିଷୟ ଗଠନ ତଥା ସମାଲୋଚନାତ୍ମକ ଭାବନା ପାଇଁ ବ୍ୟକ୍ତିଗତ ତଥା ପରୀକ୍ଷଣ ଅନୁଭୂତିର ବ୍ୟବହାର ।

(ପ୍ରତ୍ୟେକ ପଦ୍ଧତି ଉଦାହରଣ ଓ ଅନେକ ପ୍ରକାର ସମ୍ବଳକୁ ନେଇ ଉପସ୍ଥାପନ କରାଯିବ)

**ଏକକ - ୮ ଶିକ୍ଷଣ ସମ୍ବଳ : ଧାରଣା ଆବଶ୍ୟକତା ଏବଂ ପ୍ରାଧାନ୍ୟ**

ଶିକ୍ଷଣ ସମ୍ବଳର ପ୍ରକାର ଭେଦ; ରିଏଲିଆ ଓ ଡାଇଓରାମା ମାନଚିତ୍ର ଓ ଗ୍ଲୋବ. ନମୁନା, ଗ୍ରାଫ୍, ଚାର୍ଟ, କାର୍ଟୁନ୍, ସମୟରେଖା, ବହି, ସମ୍ବାଦପତ୍ର ରେଖା, ସଂଗ୍ରହାଳୟ, ଚଳଚ୍ଚିତ୍ର, ଇଣ୍ଟରନେଟ୍, ଶିକ୍ଷଣ ସମ୍ବଳର ବିକାଶ, ଶିକ୍ଷଣ ସମ୍ବଳର ପରିଚାଳନା ।

**ଏକକ-୯ : ସାମାଜିକ ବିଜ୍ଞାନର ମୂଲ୍ୟାୟନ**

ଧାରାବାହିକ ସଂବ୍ୟାପକ ମୂଲ୍ୟାୟନ, ତଥ୍ୟ / ଜ୍ଞାନ ସ୍ମୃତିଚାରଣ ଆଧାରିତ ମୂଲ୍ୟାୟନ ପ୍ରଣାଳୀ; ବୁଝିବା, ପ୍ରୟୋଗ ଓ ସଂଶ୍ଲେଷଣାତ୍ମକ, ମୂଲ୍ୟାୟନ କରିବାର ବିକଳ୍ପ ବାଟ (କୃତୀ ମୂଲ୍ୟାୟନ), ମୂଲ୍ୟାୟନର ଉପାଦାନ, ବସ୍ତୁନିଷ୍ଠ ପ୍ରଶ୍ନର ପ୍ରକାର ଭେଦ, ଗ୍ରେଡ୍ ଓ ନମ୍ବର ଦେବାର ପ୍ରାଧାନ୍ୟତା ।

## ପାଠ - ୧୦ : ୫୧୦ - ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷଣ (୩+୧=୪)କ୍ରେଡ଼ିଟ

### କ. ଉପକ୍ରମ

ବିଜ୍ଞାନୁମୋଦିତ ପ୍ରଣାଳୀରେ ପର୍ଯ୍ୟବେକ୍ଷଣ, ଧାରା ଅନୁସନ୍ଧାନ, ଅନୁମାନ, ପରୀକ୍ଷଣ ମାଧମରେ ବୈଧତା ନିରୂପଣ ଜରିଆରେ ପୃଥିବୀର ନିୟମ ଓ ମୌଳିକ ତଥ୍ୟ ସଂକ୍ରାନ୍ତ ଧାରଣାପ୍ରାପ୍ତି ।

### ଖ. ଉଦ୍ଦେଶ୍ୟ -

ଏହି ବିଭାଗର ଲକ୍ଷ୍ୟ ହେଲା ପ୍ରାରମ୍ଭିକ ସ୍ତରରେ ବିଜ୍ଞାନ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ସହ (ନିମ୍ନରେ ଥିବା ଉଦ୍ଦେଶ୍ୟଗୁଡ଼ିକ ଉପରେ ଗୁରୁତ୍ୱ)

- ବିଶ୍ୱ ସଂକ୍ରାନ୍ତରେ ଶିଶୁର ସ୍ୱାଭାବିକ କୌତୁହଳକୁ ପ୍ରାଧାନ୍ୟ ଦେବା
- ପ୍ରତିଦିନର ଅନୁଭୂତିରୁ ପିଲାମାନେ କ'ଣ ଶିଖିଛନ୍ତି ତାକୁ ବିବେଚନା କରିବା ।
- ପିଲାଟି କ'ଣ ଆବିଷ୍କାର ଓ ଅଭ୍ୟାସ / ହସ୍ତ ଶିକ୍ଷଣରେ ନିୟୋଜିତ ବା ନିଜ ହାତରେ ସରଳ ଯନ୍ତ୍ରାଂଶ ନିର୍ମାଣରେ ନିୟୋଜିତ ଜାଣିବା ।
- ଚିରପରିଚିତ ଅନୁଭୂତି ଶିକ୍ଷଣ କାର୍ଯ୍ୟ ଓ ପରୀକ୍ଷଣ ମାଧ୍ୟମରେ ବିଜ୍ଞାନ ସମ୍ମତ ଧାରଣା ପାଇବା ଓ ସାଥି ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ।
- ସବୁବେଳେ ପ୍ରଶ୍ନ ପଚାରିବା : ବିନା ସମାଲୋଚନାରେ କୌଣସି ଉକ୍ତି ଗ୍ରହଣ ନକରିବା ।
- ସେହିପରି ଶିକ୍ଷକ ଶିକ୍ଷାପାଠ ନିମ୍ନଲିଖିତ ଉଦ୍ଦେଶ୍ୟକୁ ନେଇ ସମ୍ପାଦନକରାଯିବ ।
- ବିଜ୍ଞାନ ସମ୍ମତ ଧାରଣାଗୁଡ଼ିକୁ ପୁନଃଅବଲୋକନ କରିବା ପାଇଁ ଉତ୍ସାହିତ କରିବା ।
- ବିଜ୍ଞାନର ପ୍ରକୃତି ଓ ଏହାର ଅନ୍ୟାନ୍ୟ ବିଭାଗ ସହିତ ଛାତ୍ରଚାତ୍ରୀଙ୍କୁ ନିୟୋଜିତ କରିବା ।
- ବୈଜ୍ଞାନିକ ବିକାଶ ପାଇଁ ଛାତ୍ରଛାତ୍ରୀମାନଙ୍କର ଭାବଧାରା ବୁଝିବାରେ ସେମାନଙ୍କୁ ସାହାଯ୍ୟ କରିବା ଓ ବିଜ୍ଞାନ ସମ୍ବନ୍ଧୀୟ ଧାରଣାକୁ ବୁଝିବା ।
- ଉପଯୁକ୍ତ ଶିକ୍ଷାଦାନ -ଶିକ୍ଷଣ ଓ ମୂଲ୍ୟାୟନ ପଦ୍ଧତିର ଚୟନ ଓ ବ୍ୟବହାର ବାବଦରେ ସାହାଯ୍ୟ କରିବା ।
- ବିଜ୍ଞାନକୁ ଏକ ଅନ୍ତର୍ନିବେଶ ତଥା ଗୋଟିଏ ଗଣତାନ୍ତ୍ରିକ ଉଦ୍ୟୋଗଭାବେ ଦେଖିବାରେ ଛାତ୍ରଛାତ୍ରୀଙ୍କୁ ସକ୍ଷମ କରାଇବା ।

### ଗ. ପଦ୍ଧତି / କାର୍ଯ୍ୟପ୍ରଣାଳୀ

ଶିକ୍ଷକ ପ୍ରଶିକ୍ଷାର୍ଥୀ ଉପଲବ୍ଧ ଗ୍ରନ୍ଥାଦି ଅଧ୍ୟୟନ, ସରଳ କାର୍ଯ୍ୟ ଓ ପରୀକ୍ଷଣ, ପର୍ଯ୍ୟବେକ୍ଷଣ, ବିଦ୍ୱାନ ଏବଂ ଶିକ୍ଷକଙ୍କ ସହ ଆଲୋଚନା, ସେମାନଙ୍କ ଅନିସନ୍ଧିତ୍ସର ପ୍ରତିଫଳନ ଏବଂ ଅନୁସନ୍ଧାନ ନିମନ୍ତେ ନିର୍ଦ୍ଦିଷ୍ଟ ପଥ ଅବଲମ୍ବନ ସଂକ୍ରାନ୍ତରେ ପିଲାମାନଙ୍କୁ ପ୍ରୋତ୍ସାହିତ କରିବେ । ନିମ୍ନଲିଖିତ ବିଷୟ ଆୟୋଜନ ପାଇଁ ପ୍ରଶିକ୍ଷାର୍ଥୀ ମଧ ସହଯୋଗ କରିବେ ।

- ବିଭିନ୍ନ ପ୍ରକାର ପଥର ଅନୁସନ୍ଧାନ : ବିଭିନ୍ନ ପରିସ୍ଥିତିରେ ସରଳ ପରୀକ୍ଷଣ ଏବଂ ଅନୁସନ୍ଧାନ / ଅନ୍ୱେଷଣ ପ୍ରସ୍ତୁତି ।
- ବିଜ୍ଞାନ-ସଂଗ୍ରହାଳୟ, କ୍ଷେତ୍ର ପରିଭ୍ରମଣ, ପ୍ରକଳ୍ପ ଏବଂ ପ୍ରଦର୍ଶନୀ
- ଯୁକ୍ତିଯୁକ୍ତ ପ୍ରଶ୍ନଗୁଚ୍ଛ ତିଆରି କରି କାଗଜ କଲମ ପରୀକ୍ଷା କରିବାର ସହିତ ବିଭିନ୍ନ ମୂଲ୍ୟାୟନ ପନ୍ଥା ବିକାଶ କରିବା ।
- ଧାରଣା ମାନଚିତ୍ରକୁ ନେଇ ଏକକ ଯୋଜନା ପ୍ରସ୍ତୁତ କରିବା ।
- ବୟସ ଉପଯୁକ୍ତତା ଓ ପ୍ରାସଙ୍ଗିକତା ଅନୁସାରେ ଶିକ୍ଷଣ ଉପକରଣ ଯଥା-ବହି, ଚଳଚ୍ଚିତ୍ର, ବିଭିନ୍ନ ପ୍ରକାରର ମାଧମଗୁଡ଼ିକର ମୂଲ୍ୟାୟନ କରିବା ।

## ଭାଗ-୧ ବିଜ୍ଞାନକୁ ବୁଝିବା

### ଏକକ -୧ ବିଜ୍ଞାନର ପ୍ରକୃତି

- ବିଜ୍ଞାନର ଇତିହାସ ଏକ ଦର୍ଶନତତ୍ତ୍ୱ - ପୁରାତନ, ମଧ୍ୟଯୁଗ ଏବଂ ଆଧୁନିକ ଯୁଗରେ ବିଜ୍ଞାନର ଦର୍ଶନତତ୍ତ୍ୱ ।
- ବିଜ୍ଞାନ କ'ଣ - ସଜ୍ଞା ଓ ବୈଶିଷ୍ଟ୍ୟ, ବିଜ୍ଞାନର ପ୍ରକୃତି, ବିଜ୍ଞାନ ପ୍ରକ୍ରିୟା
- ବିଜ୍ଞାନ ଯୁକ୍ତ ଜ୍ଞାନ - ଅନୁମାନ / ଉପସୂଚନା, ତାତ୍ତ୍ୱିକ, ତଥ୍ୟ, ପ୍ରକୃତିନିୟମ, ପ୍ରମାଣ ଓ ଉଦାହରଣ, ଅବରୋହ ସିଦ୍ଧାନ୍ତ ଓ ଆରୋହ ସିଦ୍ଧାନ୍ତ
- ବୈଜ୍ଞାନିକ ଚିନ୍ତା : ପର୍ଯ୍ୟବେକ୍ଷଣ ଯୁକ୍ତ ପ୍ରମାଣର ବ୍ୟବହାର, ଯୁକ୍ତିଯୁକ୍ତ ଯୁକ୍ତିଧାରା ଅଭ୍ୟାସ (ଯୁକ୍ତିଯୁକ୍ତ ବାଦ) ଏବଂ ପୂର୍ବାନୁମାନଜ୍ଞାନ ସମ୍ପର୍କିତ ସନ୍ଦେହାତ୍ମକ ମନୋବୃତ୍ତି ।
- ବିଜ୍ଞାନଭିତ୍ତିକ ପ୍ରଣାଳୀ: ବିଜ୍ଞାନାନୁମୋଦିତ ପ୍ରଣାଳୀ କ'ଣ; ବିଜ୍ଞାନନୁମୋଦିତ ପ୍ରଣାଳୀ ପାଇଁ ସୋପାନ ଏବଂ ବୈଜ୍ଞାନିକ ମନୋଭାବ ।

### ଏକକ-୨ ବିଜ୍ଞାନାନୁମୋଦିତ ଅନୁସନ୍ଧାନ

ବିଜ୍ଞାନାନୁମୋଦିତ ଅନୁସନ୍ଧାନର ଧାରଣା ପ୍ରକାରବୋଧ

**ବିଜ୍ଞାନାନୁମୋଦିତ ଅନୁସନ୍ଧାନର ପ୍ରକ୍ରିୟା କୌଶଳ :** ବିଜ୍ଞାନାନୁମୋଦିତ ପ୍ରକ୍ରିୟାରେ ପିଲାଙ୍କୁ ନିୟୋଜିତ କରାଇବା ।

- ଅନୁସନ୍ଧାନ ପାଇଁ ପ୍ରଶ୍ନ ପଚାରିବା
- ନିର୍ଦ୍ଦେଶ ପାଇଁ ଅନୁମାନ
- ପର୍ଯ୍ୟବେକ୍ଷଣ ପାଇଁ ନିର୍ଦ୍ଦେଶକୁ ଭାବିବା
- ସଂଗ୍ରହ କରାଯାଇଥିବା ତଥ୍ୟ ପର୍ଯ୍ୟବେକ୍ଷଣ
- ବିଜ୍ଞାନାନୁମୋଦିତ ପ୍ରକାର ଓ ସମ୍ପର୍କକୁ ଖୋଜିବା
- ଅନୁସନ୍ଧାନ ପାଇଁ ଉପାୟ ଓ ଯୋଜନା
- ଉପକରଣ ପ୍ରସ୍ତୁତି ଓ ଅଙ୍କନ
- ପରିମାପ ଓ ଗଣନା
- ଅଂଶଗ୍ରହଣ ଓ ଭାବ ଆଦାନ ପ୍ରଦାନ
- ନିଜେ କାର୍ଯ୍ୟକାରୀ କରିବା ପାଇଁ ସ୍ୱ-ଚିନ୍ତାଧାରା / ପ୍ରତିଫଳନ
- ବ୍ୟକ୍ତିଗତ ଜୀବନରେ ଅନୁସନ୍ଧାନ

### ଏକକ-୩ : ବିଜ୍ଞାନ ଶିକ୍ଷା ପାଇଁ ବିଭିନ୍ନ ପନ୍ଥା

- ଶିକ୍ଷାଦାନ ପଦ୍ଧତି
- ଉଦାହରଣ ସହ ବିଭିନ୍ନ ପଦ୍ଧତି: ସଂଚାରିତ ବା ବ୍ୟୁତ୍ପତ୍ତିଗତ ପଦ୍ଧତି, ପ୍ରକ୍ରିୟା ବା ଅନୁସନ୍ଧାନ ପଦ୍ଧତି, ଆବିଷ୍କାର ପଦ୍ଧତି ।

### ଏକକ-୪ : ବିଭିନ୍ନ ଅନୁଭୂତି: ଏହାର ଭୂମିକା ଓ ପ୍ରାଧାନ୍ୟ

- ପିଲାମାନଙ୍କର ପ୍ରଥମ ଶିକ୍ଷଣ ଅନୁଭୂତିର ଭୂମିକା
- ଅନୁସନ୍ଧାନ ପ୍ରକାର ଭେଦ : ଶ୍ରେଣୀ ଗୃହ ଭିତରେ ଓ ବିଦ୍ୟାଳୟ ବାହାରେ
- ଅଭ୍ୟାସ କାର୍ଯ୍ୟର ସଂଗଠନ
- ସୁରକ୍ଷା ପ୍ରଦାନ - ବିଦ୍ୟାଳୟ ଭିତରେ ଓ ବିଦ୍ୟାଳୟ ବାହାରେ ।

ଭାଗ-୨: ବିଜ୍ଞାନ ଶିକ୍ଷା ପରିଚାଳନା ଓ ପରିମାପ:

**ୟୁନିଟ୍-୫: ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷା ଯୋଜନା ଓ ପରିଚାଳନା**

- ଯୋଜନାର ଏକ ଅବଲୋକନ
- ବିଜ୍ଞାନ ଯୋଜନା ଓ ପାଠ୍ୟ ଖସଡ଼ା ପ୍ରସ୍ତୁତି
- ଶ୍ରେଣୀ ସ୍ତରୀୟ ଯୋଜନା-ପାଠ୍ୟ ଖସଡ଼ା
- ବିଭିନ୍ନ ସମ୍ବଳର ଚିହ୍ନଟ ଓ ବ୍ୟବହାର-ବିଦ୍ୟାଳୟ ସ୍ତର, ସ୍ଥାନୀୟ ସ୍ତର, ଅଣବୈଦ୍ୟୁତିକ ଓ ବୈଦ୍ୟୁତିକ ସାମଗ୍ରୀ
- ଅଭିଲେଖନ ଓ ପ୍ରତିବେଦନ

**ୟୁନିଟ୍-୬: ଆକଳନ, ମୂଲ୍ୟାୟନ ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା**

- ଆକଳନ ବା ମୂଲ୍ୟ ନିର୍ଦ୍ଧାରଣ: ମୂଲ୍ୟାୟନର କ'ଣ, କିପରି ଓ କାହିଁକି ଅବଧାରଣା; ଉଦ୍ଦେଶ୍ୟ ଓ ସ୍ୱତନ୍ତ୍ରତା; ମୂଲ୍ୟାୟନ ପ୍ରକାର; ଆଭ୍ୟନ୍ତରୀଣ ମୂଲ୍ୟାୟନ ।
- ବିଜ୍ଞାନରେ ନିରନ୍ତର ଏବଂ ବ୍ୟାପକ ମୂଲ୍ୟାୟନ
- ବିଜ୍ଞାନ ଶିକ୍ଷାରେ ଆକଳନର ଉପଯୋଗିତା; ଜଟିଳ ବିଷୟ ଚିହ୍ନଟ/ପ୍ରଚଳିତ ପ୍ରତିକାରାତ୍ମକ ଶିକ୍ଷା
- ବୋଧଗମ୍ୟ ପ୍ରଣାଳୀ ଏବଂ ମନସ୍ତାତ୍ତ୍ୱିକ-ଗତି ପରିସର ମୂଲ୍ୟାୟନ
- ବାଳ ଧାରଣା, ଦକ୍ଷତା ଏବଂ ମନୋବୃତ୍ତି ପରିଗଠିତ ମୂଲ୍ୟାୟନ

**ୟୁନିଟ୍-୭: ବିଜ୍ଞାନ ଶିକ୍ଷାର ଆହ୍ୱାନ ଓ ପ୍ରସଙ୍ଗ**

- ସମସ୍ତଙ୍କ ପାଇଁ ବିଜ୍ଞାନ
- ବିଭିନ୍ନ ଦକ୍ଷତା/ସାମର୍ଥ୍ୟ ଶିକ୍ଷା
- ବିଜ୍ଞାନର ଅଗ୍ରଗତି ଏବଂ ବିଜ୍ଞାନ ଶିକ୍ଷା

**ପ୍ରାକ୍ଟିକାଲ ପାଠର ଢାଞ୍ଚା**

**ପ୍ରାକ୍ଟିକାଲ କୋର୍ସ ପାଠ-୧:୫୧୧-ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ(SBA)**

**ପ୍ରଥମ ବର୍ଷ :** ବିଦ୍ୟାଳୟ ଆଧାରିତ ଶିକ୍ଷା ୩ ଭାଗରେ ବିଭକ୍ତ ଓ ୪ କ୍ରେଡିଟ୍ ବିଶିଷ୍ଟ

- ଏକ ବିଦ୍ୟାର୍ଥୀ ଅନୁଧ୍ୟାନ
- ଖାତା ଓ ବହିର ଅଭିଲେଖନ
- ବିଦ୍ୟାଳୟ ପାଠ୍ୟକ୍ରମକୁ ଅବଦାନ

**ପ୍ରାକ୍ଟିକାଲ କୋର୍ସ ପାଠ-୨: ୫୧୨-କର୍ମଶାଳା-୧ (କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ)**

**ପ୍ରଥମ ବର୍ଷ:** ପ୍ରଥମ ବର୍ଷର କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ ୪ କ୍ରେଡିଟ୍ ବିଶିଷ୍ଟ । ୧୨ ଦିନର କର୍ମଶାଳା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆଧାରିତ ।

- ଭାଷା, ଗଣିତ, ପରିବେଶ ଅଧ୍ୟୟନ, ବିଜ୍ଞାନ/ସାମାଜିକ ବିଜ୍ଞାନର ପାଠ୍ୟ ଖସଡ଼ା ପ୍ରସ୍ତୁତି
- ଏହି ଚାରିଟି ବିଷୟରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ସାମଗ୍ରୀ ଓ ଉପକଣ ପ୍ରସ୍ତୁତି
- ଯେକୌଣସି ଗୋଟିକର ବିଷୟ ଆଧାରିତ ନୀତି ବିକାଶ କରିବା
- ପ୍ରାରୂପ ଓ ଢାଞ୍ଚା ଆଧାରରେ ସନ୍ତୁଳିତ ପ୍ରଶ୍ନପତ୍ର ପ୍ରସ୍ତୁତି
- ପ୍ରଦର୍ଶନ ଓ ପାଠ୍ୟ ନିରୀକ୍ଷଣ
- ପ୍ରକ୍ରିୟା ମୂଲ୍ୟାୟନରେ ଅଂଶଗ୍ରହଣ

**୫୧୩- କର୍ମଶାଳା-୨(କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ )**

**ଦ୍ୱିତୀୟ ବର୍ଷ:** ଦ୍ୱିତୀୟ ବର୍ଷର କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ ୪ କ୍ରେଡିଟ୍ ବିଶିଷ୍ଟ; ୧୨ ଦିନର କର୍ମଶାଳା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତ

- ଯେକୌଣସି ଦୁଇଟି ବିଷୟ-ଭାଷା, ଗଣିତ, ପରିବେଶ ଅଧ୍ୟୟନ, ବିଜ୍ଞାନ/ସାମାଜିକ ବିଜ୍ଞାନର ଅବଧାରଣା ପ୍ରସ୍ତୁତି
- କଳା, ଶାରୀରିକ ଓ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ଶିକ୍ଷା କାର୍ଯ୍ୟକଳାପ
- ସମୟସୂଚୀ/ବାର୍ଷିକ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ସମୀକ୍ଷା
- ପାଠଚକ୍ର ପ୍ରତିବେଦନ
- ପ୍ରକ୍ରିୟା ମୂଲ୍ୟାୟନରେ ଅଂଶଗ୍ରହଣ

**ପ୍ରାକ୍ଟିକାଲ କୋର୍ସ ପାଠ-୩: ୫୧୪ ଅଭ୍ୟାସ ଶିକ୍ଷାଦାନ (କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ (PT)**

**ଦ୍ୱିତୀୟ ବର୍ଷ:** ଅଭ୍ୟାସ ଶିକ୍ଷାଦାନ ୮ କ୍ରେଡିଟ୍ ବିଶିଷ୍ଟ । ଜଣେ ଶିକ୍ଷକ ପ୍ରଶିକ୍ଷାର୍ଥୀ ପ୍ରତ୍ୟେକ ଚାରିଟି ବିଷୟ (ଭାଷା, ଗଣିତ, ପରିବେଶ ଅଧ୍ୟୟନ, ବିଜ୍ଞାନ/ସାମାଜିକ ବିଜ୍ଞାନ)ରେ ୧୦ଟି ଲେଖାଏଁ ଅଭ୍ୟାସ ଶିକ୍ଷାଦାନ କରିବେ । ବିଦ୍ୟାଳୟରେ ଜଣେ ମାର୍ଗଦର୍ଶକ ତଥା ପର୍ଯ୍ୟବେକ୍ଷକ(ଜଣେ ବରିଷ୍ଠ ଶିକ୍ଷକ)ଙ୍କ ତତ୍ତ୍ୱାବଧାନରେ ସେ କାର୍ଯ୍ୟ କରିବେ ।

ନିମ୍ନଲିଖିତ ମୂଲ୍ୟାୟନ ମାପଦଣ୍ଡ ଆଧାରରେ ତାଙ୍କ ମୂଲ୍ୟାୟନ କରାଯିବ:

- ପାଠ୍ୟ ଖସଡ଼ା
- ବିଷୟଗତ ଦକ୍ଷତା
- ଶିକ୍ଷକଙ୍କ ମବାର୍ଗଦର୍ଶନ
- ପାଠ ଓ ଏହାର ପରିଚାଳନରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ
- ବିଦ୍ୟାର୍ଥୀ ମୂଲ୍ୟାୟନ
- ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଅଭ୍ୟାସ ଶିକ୍ଷାଦାନ ପ୍ରକ୍ରିୟାର ମୂଲ୍ୟାୟନ

## ୮. ପାଠ୍ୟ ପ୍ରସ୍ତୁତି:

ନିଜସ୍ୱ ସାଧନ ବ୍ୟକ୍ତିଙ୍କ ସମେତ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ସ୍ୱତନ୍ତ୍ର ସାଂଗଠନିକ ପ୍ରତିଷ୍ଠାନର ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ଦଳ ଶିକ୍ଷଣ ସାମଗ୍ରୀ ବା ପଠନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ମୁଦ୍ରଣ ପାଇଁ ପ୍ରେରଣ ପୂର୍ବରୁ ପଠନ ସାମଗ୍ରୀକୁ ବିଷୟବସ୍ତୁ ବିଶେଷଜ୍ଞ ଯାଞ୍ଚ, ଶିକ୍ଷାନବୀଶ/ୟୁନିଟ୍ ପ୍ରସ୍ତୁତକାରୀ ତଦାରଖ ଏବଂ ଭାଷାବିତ୍‌ମାନେସମ୍ପାଦନା କରିଥାନ୍ତି ।

## ୯. କ୍ରେଡିଟ୍ ବ୍ୟବସ୍ଥା:

ପାଠ୍ୟକ୍ରମ ପାଇଁ ପ୍ରତିଷ୍ଠାନ କ୍ରେଡିଟ୍ ପଦ୍ଧତି/ପ୍ରଣାଳୀ ଆପଣେଇଛି । ୩୦ ଘଣ୍ଟା ଅବଧିର ପ୍ରତ୍ୟେକ କ୍ରେଡିଟ୍ ସମସ୍ତ ପଠନ କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତ । ଏଣୁ ୪ କ୍ରେଡିଟ୍ ବିଶିଷ୍ଟ ପାଠରେ ୧୨୦ ଘଣ୍ଟାର ଶିକ୍ଷାଦାନ ବ୍ୟବସ୍ଥା ରହିଛି । ପାଠ୍ୟକ୍ରମର ଗୁରୁତ୍ୱ କ୍ରେଡିଟ୍ ଆକାରରେ ବର୍ଣ୍ଣିତ । ଏକ ପାଠ୍ୟକ୍ରମ ପରିସମାପ୍ତି ନିମନ୍ତେ କେତେ ଶିକ୍ଷଣ ଉଦ୍ୟମ ଆବଶ୍ୟକ ସେସଂକ୍ରାନ୍ତରେ ଏହା ବିଦ୍ୟାର୍ଥୀଙ୍କୁ ସୂଚନା ଦିଏ । ଏକ ପାଠ୍ୟକ୍ରମ ସମାପ୍ତି ପାଇଁ ପାଠ୍ୟକ୍ରମର ସମସ୍ତ ଆସାଇନ୍‌ମେଣ୍ଟ, ପାଠାନ୍ତ ପରୀକ୍ଷା ଏବଂ ପ୍ରାକ୍ଟିକାଲ ଭାଗକୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ।

## ୧୦. ସହାୟତା ବ୍ୟବସ୍ଥା

ଶିକ୍ଷାର୍ଥୀଙ୍କ ସହାୟତା ନିମନ୍ତେ NIOSର ଅନେକ ଅଧ୍ୟୟନ କେନ୍ଦ୍ର ରହିଛି । ଅଧ୍ୟୟନ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନେ ପ୍ରାଶାସନିକ ଓ ଶୈକ୍ଷିକ ବ୍ୟାପାରରେ ଅଧ୍ୟୟନ କେନ୍ଦ୍ର ସଂଯୋଜକ/କର୍ମଶାଳା ସଂଯୋଜକ,ଅଧ୍ୟୟନ କେନ୍ଦ୍ର ସହକାରୀ, ସାଧନ ବ୍ୟକ୍ତି, ମାର୍ଗଦର୍ଶକ, ପର୍ଯ୍ୟବେକ୍ଷକ ଏବଂ ବିଦ୍ୱାନମାନଙ୍କ ସହ ଭାବବିନିମୟ କରିଥାନ୍ତି । କାର୍ଯ୍ୟକ୍ଷେତ୍ର ଏବଂ ପାଠ୍ୟକ୍ରମ କେନ୍ଦ୍ର ଜରିଆରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଥାଏ ।

## ୧୧. କାର୍ଯ୍ୟକ୍ରମ ବିତରଣ ବ୍ୟବସ୍ଥା

ମୁକ୍ତ ଶିକ୍ଷା ବ୍ୟବସ୍ଥାର ନିର୍ଦ୍ଦେଶନ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଶିକ୍ଷା ବ୍ୟବସ୍ଥାକୁ ଅର୍ଥପୂର୍ଣ୍ଣ, ପ୍ରଭାବୀ ଏବଂ ସରସ-ସୁନ୍ଦର କରେ । ଏହି ପାଠ୍ୟକ୍ରମ ନିମନ୍ତେ ନିମ୍ନଲିଖିତ ନିର୍ଦ୍ଦେଶନ ପଦ୍ଧତି ଅନୁସୃତ ହୋଇଛି:

୧. କୋର୍ ବା କେନ୍ଦ୍ରୀୟ ପାଠ

- ସ୍ୱନିର୍ଦ୍ଦେଶିତ ମୁଦ୍ରିତ ସାମଗ୍ରୀ (SLM)
- ପ୍ରକଳ୍ପ କାର୍ଯ୍ୟ, ଅନୁଧ୍ୟାନ ଓ ପୋର୍ଟଫଲିଓ ଉପସ୍ଥାପନ ଆଦି ଆସାଇନ୍‌ମେଣ୍ଟ
- କର୍ମଶାଳା ଜରିଆରେ ସନ୍ନିବିଷ୍ଟ
- ଅଭ୍ୟାସ ଶିକ୍ଷାଦାନ/ବିତରଣ
- ପ୍ରାକ୍ଟିକାଲ ପ୍ରକରଣ ପୁସ୍ତିକା (PCP,ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ ଓ କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ)
- ପ୍ରାକ୍ଟିକାଲ ହାଣ୍ଡବୁକ୍

୨. ଅନୁପୂରକ ବ୍ୟବସ୍ଥା

- ଦୃଶ୍ୟଶ୍ରାବ୍ୟ ସାମଗ୍ରୀ
- ଟେଲିକନ୍‌ଫରେନ୍ସିଂ ଜରିଆରେ ଶିକ୍ଷାଦାନ
- ରେଡିଓ ଆଲୋଚନା ପରାମର୍ଶ
- ମୋବାଇଲ୍ ଜରିଆରେ ସନ୍ନିବିଷ୍ଟ
- SWAYAM/MOOC ମାଧ୍ୟମରେ ଶିକ୍ଷାଦାନ

## ୧୨. ମୁଦ୍ରିତ ସାମଗ୍ରୀ:

ଏହି ପାଠ୍ୟକ୍ରମରେ ଉଭୟ ତତ୍ତ୍ୱଗତ (ଥିଓରୀ) ଏବଂ ପ୍ରାକ୍ଟିକାଲ ଶିକ୍ଷାର ପଠନ ପାଇଁ ମୁଦ୍ରିତ ସାମଗ୍ରୀ ଯୋଗାଇ ଦିଆଯାଏ । ଏହା ବ୍ଲକ୍/ଭାଗ ଆକାରରେ ଛାତ୍ରଛାତ୍ରୀଙ୍କୁ ମିଳିଥାଏ । ପ୍ରତ୍ୟେକ ବ୍ଲକ୍‌ରେ ୨/୩ଟି ୟୁନିଟ୍ ରହିଛି । ପ୍ରତ୍ୟେକ ପାଠ୍ୟକ୍ରମର ଏକ ସାଙ୍କେତିକ ନଂ ମଧ୍ୟ ରହିଛି । ଏନ୍‌ଆଇଓଏସ୍ ଆସାଇନ୍‌ମେଣ୍ଟ ସହିତ ପଠନ ସାମଗ୍ରୀକୁ ଅଧ୍ୟୟନ କେନ୍ଦ୍ରକୁ ପ୍ରେରଣ କରେ । କୌଣସି କାରଣରୁ ଛାତ୍ରଛାତ୍ରୀ ମୁଦ୍ରିତ ସାମଗ୍ରୀ ନପାଇଲେ ସେଥିପାଇଁ NIOS କୁ ଦାୟୀ କରାଯାଇ ପାରିବ ନାହିଁ ।

## ୧୩. ଶିକ୍ଷାଦାନ ଅଧିବେଶନ

ଦୂର ଶିକ୍ଷା ବ୍ୟବସ୍ଥାରେ ପ୍ରଶିକ୍ଷାର୍ଥୀ ଏବଂ ଅନୁଶିକ୍ଷକଙ୍କ ମଧ୍ୟରେ ସମ୍ମୁଖ ସମ୍ପର୍କ ଅପେକ୍ଷାକୃତ କମ୍ । ଅନ୍ୟ କୌଣସି ମାଧ୍ୟମରେ ଦୂର ହୋଇନଥିବା ସଂଶୟ ଦୂରୀକରଣ ଏହି ମାଧ୍ୟମର ଉଦ୍ଦେଶ୍ୟ । ସହପାଠୀଙ୍କ ସହ ଦେଖାସାକ୍ଷାତ କରାଇବାରେ ମଧ୍ୟ ଏହା ସୁଯୋଗ ଦେଇଥାଏ ।

ତୁମେ ବାଛିଥିବା ପାଠ୍ୟକ୍ରମରେ ପରାମର୍ଶ ପ୍ରଦାନ ପାଇଁ ଅଧ୍ୟୟନ କେନ୍ଦ୍ରରେ ପାଠ୍ୟକ୍ରମ ଅନୁଶିକ୍ଷକମାନେ ରହିଥାନ୍ତି । ସାଧାରଣତଃ ରବିବାର ବା ଅନ୍ୟ ଛୁଟିଦିନ ମାନଙ୍କରେ ଅଧ୍ୟୟନ କେନ୍ଦ୍ରରେ ଏହି ଅଧିବେଶନ ଆୟୋଜିତ ହୋଇଥାଏ ।

ତୁମେ ମନ ରଖ ଯେ ଅନୁଶିକ୍ଷଣ ଅଧିବେଶନ ଶ୍ରେଣୀ କକ୍ଷ ଶିକ୍ଷାଦାନ ବା ଅଧ୍ୟାପନାଠାରୁ ଭିନ୍ନ । ପାରମ୍ପରିକ ଶିକ୍ଷାଦାନ ପଦ୍ଧତିରେ ଏ

କ୍ଷେତ୍ରରେ ଶିକ୍ଷକମାନେ ବୁଝାଇଥାନ୍ତି । D.El.Ed. ପାଠ ପଢ଼ିବା ସମୟରେ ତୁମେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସଂଶୟ ଦୂରୀକରଣ ପାଇଁ ସେମାନେ ପ୍ରଚେଷ୍ଟା କରନ୍ତି । ଏହି ଅଧିବେଶନରେ ତୁମେ ବିଷୟ ଆଧାରିତ ଏବଂ ଅନ୍ୟାନ୍ୟ ଜଟିଳତା ସମାଧାନ ପାଇଁ ପ୍ରଚେଷ୍ଟା କରିପାରିବ ।

**(ଅନୁଶିକ୍ଷଣ ଅଧିବେଶନରେ ଉପସ୍ଥିତ ହେବା ପୂର୍ବରୁ ତୁମେ ପାଠ୍ୟକ୍ରମର ପ୍ରତ୍ୟେକ ପଠନ ସାମଗ୍ରୀକୁ ଅଧିବେଶନ ସୂଚୀ ଅନୁସାରେ ପାଠ କର ଏବଂ ଆଲୋଚ୍ୟ ବିଷୟର ଏକ ଯୋଜନା ପ୍ରସ୍ତୁତ କର । ୟୁନିଟ୍‌ଗୁଡ଼ିକୁ ନପଢ଼ିଲେ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିବ ନାହିଁ କି ଅଧିବେଶନ ଫଳପ୍ରଦ ହୋଇ ପାରିବ ନାହିଁ ।)**

ଅଧ୍ୟୟନ କେନ୍ଦ୍ରର ସଂଯୋଜକମାନେ ପାଠ୍ୟକ୍ରମର ସାଧାରଣ କାର୍ଯ୍ୟସୂଚୀ ଅନୁସାରେ ଅଧିବେଶନର ବିଷୟ ବସ୍ତୁ ସଂକ୍ରାନ୍ତ ନିଷ୍ପତ୍ତି ନେବେ । ଅଧ୍ୟୟନ କେନ୍ଦ୍ର ସଂଯୋଜକ ମଧ୍ୟ ଅନୁଶିକ୍ଷଣ ଅଧିବେଶନ କାର୍ଯ୍ୟସୂଚୀ ଯୋଗାଇବେ । ମୁଦ୍ରିତ ସାମଗ୍ରୀରେ ରହିଥିବା ସଂଶୟ ଦୂରୀକରଣ ଏହି ଅଧିବେଶନ ଅନ୍ତର୍ଭୁକ୍ତ । ଏଣୁ ତତ୍ତ୍ୱଗତ ବା ଥିଓରୀ ବିଷୟ ପାଇଁ ଏହି ଅଧିବେଶନ ଉଦ୍ଦିଷ୍ଟ । ଏହି ପାଠ୍ୟକ୍ରମରେ ୩୩ କ୍ରେଡିଟ୍ ବିଶିଷ୍ଟ ୯ଟି ତତ୍ତ୍ୱାଧାରିତ ପାଠ (୮ଟି ବାଧ୍ୟତାମୂଳକ ଓ ଗୋଟିଏ ଇଚ୍ଛାଧୀନ) ଏବଂ ୧୧ ପ୍ରାକ୍ଟିକାଲ କ୍ରେଡିଟ୍‌ର ଶିକ୍ଷାଦାନ କରାଯାଏ । ଅନୁଶିକ୍ଷଣ ଅଧିବେଶନ ପାଇଁ ବାର୍ଷିକ ଅନ୍ୟୁନ ୧୫ ଦିନ ନିୟୋଜନ ବ୍ୟବସ୍ଥା ରହିଛି । ଯେଉଁଥିରେ ୭୫% ଉପସ୍ଥାନ ନିତାନ୍ତ ଆବଶ୍ୟକ । ଅନୁଶିକ୍ଷଣ ଅଧିବେଶନରେ ଯୋଗଦାନ ବାବଦକୁ କୌଣସି କ୍ରେଡିଟ୍/ନମ୍ବର ମିଳିବ ନାହିଁ । ମାତ୍ର ଏହା ଦୀକ୍ଷାନ୍ତ/ପାଠାନ୍ତ ପରୀକ୍ଷାରେ ବସିବାକୁ ସୁଯୋଗ ପ୍ରଦାନ କରିବ ।

## ୧୪. ପ୍ରାକ୍ଟିକାଲ ଶ୍ରେଣୀ ପରିଚାଳନା:

ପ୍ରାକ୍ଟିକାଲ କାର୍ଯ୍ୟକୁ ପ୍ରଭାବୀ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ କରି NIOS ବହୁ ସଂଖ୍ୟକ ଅଧ୍ୟୟନ କେନ୍ଦ୍ର ସ୍ଥାପନ କରିଛି । ଏଠାରେ ଦୁଇ ବର୍ଷିଆ ପାଠ୍ୟକ୍ରମରେ ପ୍ରତ୍ୟେକ ବର୍ଷ ଲମ୍ବା ଛୁଟି ସମୟରେ ୧୨ ଦିନ ଅବଧିର କର୍ମଶାଳା ଆୟୋଜନ କରାଯାଏ । ଡିଆଇଇଟି/ପିଟିଟିଆଇ/ବିଆରସି ଗୁଡ଼ିକରେ ଏହି ସବୁ ଅଧ୍ୟୟନ କେନ୍ଦ୍ର ରହିଛି । ଯେଉଁଠାରେ ଅନୁଶିକ୍ଷଣ ଓ ପ୍ରାକ୍ଟିକାଲ କର୍ମଶାଳା ଆୟୋଜିତ ହୁଏ । ଅଧ୍ୟୟନ କେନ୍ଦ୍ର/କର୍ମଶାଳା ସଂଯୋଜକ ଏହାକୁ ପରିଚାଳନା କରନ୍ତି । ପ୍ରତ୍ୟେକ ଅଧ୍ୟୟନ କେନ୍ଦ୍ରରେ ସର୍ବାଧିକ ଶହେ ଜଣ ଛାତ୍ରଛାତ୍ରୀ ପରିଚାଳିତ ହେବେ ।

ତୁମେ ସଂଲଗ୍ନ ହୋଇଥିବା ଅଧ୍ୟୟନ କେନ୍ଦ୍ରର ସବିଶେଷ ବିବରଣୀ ରାଜ୍ୟ କମକର୍ତ୍ତା/ଏନ୍‌ଆଇଓଏସ୍/ଅଧ୍ୟୟନ କେନ୍ଦ୍ର କର୍ତ୍ତୃପକ୍ଷ ତୁମକୁ ଅବଗତ କରାଇବେ ।

ପ୍ରାକ୍ଟିକାଲ ପରୀକ୍ଷଣ ନିଜ ନିଜ କାର୍ଯ୍ୟରତ ବିଦ୍ୟାଳୟ ଏବଂ ଅଧ୍ୟୟନ କେନ୍ଦ୍ରଭାବେ ଚିହ୍ନଟ ପ୍ରତିଷ୍ଠାନରେ ଆୟୋଜିତ ହେବ । ପୂର୍ବ ବର୍ଣ୍ଣିତ ପରି ପ୍ରାକ୍ଟିକାଲ ପାଠରେ ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ, କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ, ଆସାଇନ୍‌ମେଣ୍ଟ ଏବଂ ଅଭ୍ୟାସ ଶିକ୍ଷାଦାନ ଅନ୍ତର୍ଭୁକ୍ତ । ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ, ଆସାଇନ୍‌ମେଣ୍ଟ, ଅଭ୍ୟାସ ଶିକ୍ଷାଦାନ କାର୍ଯ୍ୟକ୍ଷେତ୍ରଭାବେ ପରିଗଣିତ ନିଜନିଜ ବିଦ୍ୟାଳୟରେ ଆୟୋଜିତ ହେବ । କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ ଦୁଇ ବର୍ଷରେ ୧୨ ଦିନ ଲେଖାଏଁ ୨୪ ଦିନର ରହିଛି । ଦୁଇଟି କର୍ମଶାଳାରେ ପର୍ଯ୍ୟବେକ୍ଷକ(ଶିକ୍ଷକ ପ୍ରଶିକ୍ଷକ) ଏବଂ ଅଧ୍ୟକ୍ଷ/ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ(ମାର୍ଗଦର୍ଶକ)ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ଏବଂ କୌଶଳ ବିକାଶ ପାଇଁ ସମ୍ମୁଖ ଆଲୋଚନା କରାଯିବ ଏବଂ ଏଥି ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଅନୁମତି ଜରୁରୀ । ଜଣେ ପ୍ରଶିକ୍ଷାର୍ଥୀ ବିଭିନ୍ନ ପ୍ରାକ୍ଟିକାଲ କାର୍ଯ୍ୟରେ ପ୍ରାୟ ୭୫୦ ଘଣ୍ଟାର ସମ୍ପର୍କ ସ୍ଥାପନ କରିବା ଆଶା କରାଯାଏ ।

## ପ୍ରାକ୍ଟିକାଲ ଏବଂ ବ୍ୟକ୍ତିଗତ ସମ୍ପର୍କ ଅଧିବେଶସ(PCP)

ଇଣ୍ଟର୍ଣ୍ଣସିପ୍ ଏବଂ ବ୍ୟକ୍ତିଗତ ଅଧିବେଶନ ପାଠ୍ୟକ୍ରମର ଦୁଇଟି ପ୍ରମୁଖ ଅଙ୍ଗ । ପ୍ରାକ୍ଟିକାଲ ଅଧିବେଶନକୁ ନେଇ କରାଯାଉଥିବା ଇଣ୍ଟର୍ଣ୍ଣସିପ୍‌ରେ ୩ ପ୍ରକାର କାର୍ଯ୍ୟକ୍ରମ ଯଥା-ବିଦ୍ୟାଳୟ ଆଧାରିତ ଶିକ୍ଷା, କର୍ମଶାଳା ଆଧାରିତ ଏବଂ ଅଭ୍ୟାସ ଶିକ୍ଷାଦାନ ସାମିଲ । ବର୍ଷକୁ ୧୨ ଦିନର କର୍ମଶାଳା ଯଥା- ପ୍ରଥମ ବର୍ଷରେ ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ବର୍ଷରେ ଅଭ୍ୟାସ ଶିକ୍ଷାଦାନ ପର୍ଯ୍ୟବେକ୍ଷକ/ମାର୍ଗଦର୍ଶକଙ୍କ ତତ୍ତ୍ୱାବଧାନରେ କରାଯାଏ । ବ୍ୟକ୍ତିଗତ ସମ୍ପର୍କ ଅଧିବେଶନରେ ୧୫ଟି ଅନୁଶିକ୍ଷଣ ଅଧିବେଶନ ରହିଛି; ଯାହା ଅଧ୍ୟୟନ କେନ୍ଦ୍ରରେ ଆୟୋଜିତ ହୋଇଥାଏ ।

ଏହିସବୁ ଅଧିବେଶନରେ ବ୍ୟବହୃତ/ବିନିଯୋଗ ହେବାକୁ ଥିବା ସମୟ ସୂଚୀ ନିମ୍ନରେ ଦିଆଗଲା:

- **କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ (ବର୍ଷକୁ ୧୨ ଦିନ ଲେଖାଏଁ) ୮ କ୍ରେଡିଟ୍ ୨୪୦ ଘଣ୍ଟା**

  ପ୍ରାକ୍ କର୍ମଶାଳା କାର୍ଯ୍ୟକ୍ରମ ୫୨ ଘଣ୍ଟା

  କର୍ମଶାଳା କାର୍ଯ୍ୟକ୍ରମ (୧୨ ଦିନ X ୭ ଘଣ୍ଟା X ୨ ବର୍ଷ) ୧୬୮ ଘଣ୍ଟା

  କର୍ମଶାଳା ପରବର୍ତ୍ତୀ କାର୍ଯ୍ୟକ୍ରମ ୨୦ ଘଣ୍ଟା

- **ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ ୪ କ୍ରେଡିଟ୍ ୧୨୦ ଘଣ୍ଟା**
- **ଅଭ୍ୟାସ ଶିକ୍ଷାଦାନ(୪୦ ପାଠ x ୬ ଘଣ୍ଟା ଲେଖାଏଁ) ୮ କ୍ରେଡିଟ୍ ୨୪୦ ଘଣ୍ଟା**

  (୬ ଘଣ୍ଟାର ପାଠ୍ୟ ଖସଡ଼ା ପ୍ରସ୍ତୁତି, TLM, ମାର୍ଗଦର୍ଶକ/ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା, ଶିକ୍ଷାଦାନ ଓ ମତାମତ ସଂଗ୍ରହ)

- **ଥିଓରୀ ପାଠ ପାଇଁ ଅନୁଶିକ୍ଷଣ ବ୍ୟବସ୍ଥା କ୍ରେଡିଟ୍ ନାହିଁ ୧୫୦ ଘଣ୍ଟା**

  (୧୫ ଦିନ X୫ ଘଣ୍ଟା X୨ ବର୍ଷ) **ମୋଟ ସମ୍ପର୍କ/ଯୋଗାଯୋଗ ଘଣ୍ଟା ୭୫୦ ଘଣ୍ଟା**

**୧୫. କୋର୍ସ ଭିତ୍ତିକ ଆକଳନ:**

ପାଠ୍ୟ ଆଧାରିତ ଆସାଇନ୍‌ମେଣ୍ଟ କାର୍ଯ୍ୟ ନିର୍ଦ୍ଦେଶନ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଓ ବାଧ୍ୟତାମୂଳକ ଅଙ୍ଗ । ଏହା ସ୍ୱ-ଅଧ୍ୟୟନ ସାମଗ୍ରୀ ସହ ପ୍ରଶିକ୍ଷାର୍ଥୀଙ୍କୁ ଯୋଗାଇ ଦିଆଯିବ । ପ୍ରତ୍ୟେକ ଥିଓରୀ ପାଠ ପାଇଁ ଆସାଇନ୍‌ମେଣ୍ଟ ରହିଛି । କାର୍ଯ୍ୟକ୍ରମ ଦର୍ଶିକାରେ ସ୍ୱତନ୍ତ୍ରଭାବେ ପ୍ରଦତ୍ତ ଦାଖଲ-କାର୍ଯ୍ୟସୂଚୀ ଅନୁସାରେ ଏହାକୁ ସ୍ଥିରୀକୃତ ଅଧ୍ୟୟନ କେନ୍ଦ୍ରରେ ଦାଖଲ କରାଯିବ । କୌଣସି ପରିସ୍ଥିତିରେ ଜଣେ ପ୍ରଶିକ୍ଷାର୍ଥୀ ଆସାଇନ୍‌ମେଣ୍ଟ ଚାହିଁଲେ ଅଧ୍ୟୟନ କେନ୍ଦ୍ରରୁ ଏହାର ନକଲ ବା ଏନ୍‌ଆଇଓଏସ୍ ୱେବସାଇଟ୍ www.nios.ac.in ରୁ ଡାଉନ୍‌ଲୋଡ୍ କରି ପାଇପାରିବେ ।

ଆସାଇନ୍‌ମେଣ୍ଟ ପ୍ରସ୍ତୁତି ବେଳେ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦିଆଯିବା ଜରୁରୀ-

(କ) ଉତ୍ତରଗୁଡ଼ିକ ସଂକ୍ଷିପ୍ତ ଏବଂ ବ୍ୟବସ୍ଥିତ ଭାବେ ଲେଖାଯିବ । ଅପ୍ରାସଙ୍ଗିକ ତଥ୍ୟକୁ ଏଡେଇବା ସହ ସର୍ବଦା ପ୍ରଶ୍ନ ଓ ଏହାର ଉଦ୍ଦେଶ୍ୟ ପ୍ରତି ଧ୍ୟାନ ଦିଆଯିବା ଉଚିତ ।

(ଖ) ଆସାଇନ୍‌ମେଣ୍ଟରେ କାର୍ଯ୍ୟ ସୀମା ଉଲ୍ଲେଖ ଥିଲେ ଅଧିକ ଧ୍ୟାନ ଜରୁରୀ । ଯଥା ସମ୍ଭବ ଶବ୍ଦ ସୀମା ମଧ୍ୟରେ କାର୍ଯ୍ୟ ଶେଷ ହେବା ଆବଶ୍ୟକ । ତୁମ ବ୍ୟାଖ୍ୟାନ ଶକ୍ତିକୁ ନିୟନ୍ତ୍ରଣ କରିବାକୁ ନୁହେଁ, ଉପଯୁକ୍ତ ଉତ୍ତର ପ୍ରତି ଦୃଷ୍ଟିନିବଦ୍ଧ କରିବା ଶବ୍ଦ ସୀମିତତାର ଲକ୍ଷ୍ୟ ।

(ଗ) ନିଜ ହାତରେ ଉତ୍ତର ଲେଖିବା ଆବଶ୍ୟକ । ତୁମ ହସ୍ତାକ୍ଷର ପଠନ ଉପଯୋଗୀ ନୁହେଁ ବୋଲି ତୁମେ ଅନୁଭବ କରୁଥିଲେ ଟାଇପ୍ କରି ଉତ୍ତର ପଠାଇପାର ।

(ଘ) ଆସାଇନମେଣ୍ଟ ଦାଖଲ ପାଇଁ ଉଦ୍ଦିଷ୍ଟ ସମୟସୀମା ମଧ୍ୟରେ ତୁମେ ସଂଲଗ୍ନ ଅଧ୍ୟୟନ କେନ୍ଦ୍ରରେ ଆସାଇନ୍‌ମେଣ୍ଟ ଦାଖଲ କରିବା ଉଚିତ ।

୩୦% ଗୁରୁତ୍ୱ ବହନ କରୁଥିବା ତିନିଟି (୨ ଥିଓରୀ + ୧ ପ୍ରାକ୍ଟିକାଲ) ପାଠ୍ୟ ଆଧାରିତ ଆସାଇନ୍‌ମେଣ୍ଟ ରହିଛି । ଅଭ୍ୟାସ ଶିକ୍ଷାଦାନ ୧୦% ଗୁରୁତ୍ୱ ବହନ କରୁଥିଲାବେଳେ ଲିଖନ ଆଧାରିତ ୨୦% ଗୁରୁତ୍ୱ ବହନ କରୁଛି । ଏସମସ୍ତ ଉପକ୍ରମ ବାଧ୍ୟତାମୂଳକ । ମୋଟ୍‌ରେ ୨୭ଟି ଆସାଇନ୍‌ମେଣ୍ଟ୍ ରହିଛି । ସାରଣୀରେ ଉଲ୍ଲେଖ ସମୟସୀମା ମଧ୍ୟରେ ଏହି ସବୁ ଆସାଇନ୍‌ମେଣ୍ଟ୍ କୁ ଅଧ୍ୟୟନ କେନ୍ଦ୍ରରେ ଦାଖଲ କରିବାକୁ ପଡ଼ିବ । ସର୍ବଦା ନିଜ ନିକଟରେ ଏହାର ଏକ କିତା ନକଲ ରଖିବା ଉପଯୋଗୀ ।

**କେମିତି ପ୍ରେରଣ କରିବେ ସମ୍ପୂର୍ଣ୍ଣ ଆସାଇନ୍‌ମେଣ୍ଟ ଓ ଅନ୍ୟାନ୍ୟ ପ୍ରସଙ୍ଗ:**

ଆସାଇନ୍‌ମେଣ୍ଟ ରେସ୍‌ପନ୍‌ସ୍‌ର ପ୍ରଥମ ପୃଷ୍ଠାର ଉପର ଡାହାଣ ପାର୍ଶ୍ୱ କୋଣରେ ନିଜର ନାମଲେଖା କ୍ରମାଙ୍କ, ନାମ ଓ ପୂରା ଠିକଣା ଲେଖନ୍ତୁ ।

- ପ୍ରଥମ ପୃଷ୍ଠାର ଶୀର୍ଷରେ ପାଠ ଶିରୋନାମା କୋଡ୍ ଏବଂ ଆସାଇନ୍‌ମେଣ୍ଟ କୋଡ୍ ଲେଖନ୍ତୁ ।
  (ଉପର ବାମ ପାର୍ଶ୍ୱ କୋଣ କାର୍ଯ୍ୟାଳୟ ବ୍ୟବହାର ପାଇଁ ଖାଲି ରଖନ୍ତୁ) । ତୁମ ଆସାଇନ୍‌ମେଣ୍ଟର ପ୍ରଥମ ପୃଷ୍ଠାର ଶୀର୍ଷଭାଗ ନିମ୍ନ ମତେ ଦୃଶ୍ୟମାନ ହେବ ।

| |
|---|
| ଅଧ୍ୟୟନ କେନ୍ଦ୍ର ............................................<br>ପାଠ ଶିରୋନାମା............................................<br>ପାଠ କୋଡ୍ ନଂ............................................<br>ଆସାଇନ୍‌ମେଣ୍ଟ କୋଡ୍...........................................<br>ନାମଲେଖା<br>କ୍ରମାଙ୍କ............................................<br>ନାମ...........................................................<br>ଠିକଣା.........................................................<br>ତାରିଖ<br>...................................................... |

(ଦୟାପୂର୍ବକ ତାଙ୍କୁ ଅନୁସରଣ କରନ୍ତୁ । ତୁମେ ଏହି ଫର୍ମାଟ (ନମୁନାପତ୍ର) ଅନୁସରଣ ନକଲେ ଆସାଇନ୍‌ମେଣ୍ଟ ପୁନଃ ଦାଖଲ ପାଇଁ ଫେରସ୍ତ ଆସିବ । ନାମଲେଖା କ୍ରମାଙ୍କ ଓ ଠିକଣା ନ ଲେଖିଲେ ଏହା ହଜିଯିବାର ସମ୍ଭାବନା ମଧ୍ୟ ରହିଛି) ।

- ଆସାଇନ୍‌ମେଣ୍ଟ କାର୍ଯ୍ୟ ସବୁ ଦିଗରୁ ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ଅସମ୍ପୂର୍ଣ୍ଣ ଆସାଇନ୍‌ମେଣ୍ଟ ପାଇଁ ତଳିଆ ଗ୍ରେଡ୍ ମିଳିପାରେ । ଆସାଇନ୍‌ମେଣ୍ଟ କାଗଜକୁ ପୃଥକ୍ ପୃଥକ୍ କରି ପଠାନ୍ତୁ ନାହିଁ ।
- ଆସାଇନ୍‌ମେଣ୍ଟ୍ କପି ପାଇଁ ଫୁଲ୍‌ସ୍କେପ୍ କାଗଜ ବ୍ୟବହାର କରନ୍ତୁ । ଅତି ପତଳା ନୁହେଁ, ସାଧାରଣ ଲିଖନ କାଗଜ ବ୍ୟବହାର କରିବା ଉଚିତ ।
- ଏକ ଆସାଇନ୍‌ମେଣ୍ଟ୍ କାର୍ଯ୍ୟର ପ୍ରତ୍ୟେକ ଉତ୍ତର ମଧ୍ୟରେ ଅତି କମ୍‌ରେ ୪ ଧାଡ଼ିର ବ୍ୟବଧାନ ରଖନ୍ତୁ ଏବଂ ବାମପଟରେ ୩/୨ ଇଞ୍ଚ ମାର୍ଜିନ୍ ଛାଡ଼ନ୍ତୁ । ଏହା ଦ୍ୱାରା ଉପଯୁକ୍ତ ମୂଲ୍ୟାୟନ ସମ୍ଭବ ହୋଇପାରିବ ଏବଂ ସାଧନ ବ୍ୟକ୍ତି ଉପଯୁକ୍ତ ସ୍ଥାନରେ ବିଭିନ୍ନ ଟିପ୍ପଣୀ ଓ ପରାମର୍ଶ ଲେଖି ପାରିବେ ।
- ତୁମେ ପାଇଥିବା ଏସ୍‌ଏଲ୍‌ଏମ୍ ଆଧାରରେ ଉତ୍ତର ଲେଖ ।
- ମୁଦ୍ରିତ ବା ଟାଇପ୍ ହୋଇଥିବା ଆସାଇନ୍‌ମେଣ୍ଟ ଦାଖଲ କରିହେବ ।
- ପଠାଉଥିବା ଆସାଇନ୍‌ମେଣ୍ଟ୍‌ର ଏକ ନକଲ ନିଜ ନିକଟରେ ରଖନ୍ତୁ । ଆବଶ୍ୟକ ସମୟରେ ବିଶେଷକରି ଡାକରେ ପଠାଯିବା ବେଳେ ଏହା ହଜିଯିବା ଆଶଙ୍କା ଥିବାରୁ ପୁନଃ ଦାଖଲ କରିହେବ ।
- ଏକ ନିର୍ଦ୍ଦିଷ୍ଟ ଆସାଇନ୍‌ମେଣ୍ଟର ଯେକୌଣସି ଦୁଇ ବା ତତୋଧିକ ଉତ୍ତର ଏକା ପ୍ରକାର ବା ପ୍ରାୟତଃ ସମାନ ଥିଲେ ତାହା ମୂଲ୍ୟାଙ୍କନ ନହୋଇ ଫେରସ୍ତ ଆସେ ବା କମ୍ ନମ୍ବର ମିଳେ । ଏହି ସବୁ କ୍ଷେତ୍ରରେ ଆସାଇନମେଣ୍ଟ ପୁନଃ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ବା କମ ଗ୍ରେଡ଼ ଦେବା ମୂଲ୍ୟାୟନକର୍ତ୍ତାଙ୍କ ସଂପୂର୍ଣ୍ଣ ଇଚ୍ଛାଧିନ ଅଟେ ।
- ନିର୍ଦ୍ଧାରିତ ତାରିଖ ମଧ୍ୟରେ ଅଧ୍ୟୟନ କେନ୍ଦ୍ରର ସଂଯୋଗ/କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧିକାରୀଙ୍କୁ ଆସାଇନ୍‌ମେଣ୍ଟ୍ ପ୍ରଦାନ କରନ୍ତୁ । ଆସାଇନ୍‌ମେଣ୍ଟ୍ ଦାଖଲର ଶେଷ ଦିନ ଛୁଟିଦିନ ଥିଲେ ପରବର୍ତ୍ତୀ କାର୍ଯ୍ୟଦିବସରେ ଦାଖଲ କରନ୍ତୁ ।

**ଆସାଇନ୍‌ମେଣ୍ଟ ପ୍ରେରଣ ଓ ପ୍ରାପ୍ତି ସ୍ୱୀକାର ଫର୍ମ ଏବଂ ମୂଲ୍ୟାୟନକାରୀ ପ୍ରାପ୍ତି ସ୍ୱୀକାର ଫର୍ମ:** ଅଧ୍ୟୟନ କେନ୍ଦ୍ରରେ ଆସାଇନ୍‌ମେଣ୍ଟ ଦାଖଲ କରିବା ପାଇଁ ଉଦ୍ଦିଷ୍ଟ ଫର୍ମ ବ୍ୟବହାର କରନ୍ତୁ । ଡିଇଏଲ୍‌ଇଡି ପାଠ୍ୟକ୍ରମର ସମସ୍ତ ଆସାଇନ୍‌ମେଣ୍ଟ୍ ପାଇଁଏହି ଫର୍ମ ବ୍ୟବହାର କରାଯିବ । ଏଥି ପାଇଁ ଏହି ସବୁ ଫର୍ମର ଅବିକଳ ନକଲ ପୃଥକ୍ ଭାବେ କରନ୍ତୁ ।

**୧୬. କାର୍ଯ୍ୟକ୍ରମ ଦେୟ**

ଏହା ଏକ ସ୍ୱ-ପ୍ରତିପୋଷଣ ପାଠ୍ୟକ୍ରମ । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧିନ ସର୍ବଶିକ୍ଷା ଅଭିଯାନ ନିୟମାବଳୀ ଅନୁସାରେ ପ୍ରାର୍ଥୀଙ୍କ ପ୍ରତି ଏହାର ବାର୍ଷିକ ଫିସ୍ ୬୦୦୦ ଟଙ୍କା ଲେଖାଏଁ, ଦୁଇ ବର୍ଷକୁ ୧୨,୦୦୦ ଟଙ୍କା ।

**୧୭. ଶିକ୍ଷାର୍ଥୀ ମୂଲ୍ୟାୟନ ଓ ପ୍ରମାଣପତ୍ର ପ୍ରଦାନ**

**ଉପକ୍ରମ:**

ମୁକ୍ତ ଓ ଦୂର ଶିକ୍ଷା ଜରିଆରେ ଡିଇଏଲ୍‌ଇଡି ପାଠ୍ୟକ୍ରମର ମୂଲ୍ୟାୟନ ନିମ୍ନ ପ୍ରଦତ୍ତ ବହୁସ୍ତରୀୟ ବ୍ୟବସ୍ଥାରେ ହୋଇଥାଏ:

- ପ୍ରତ୍ୟେକ ପାଠରେ ସ୍ୱ-ମୂଲ୍ୟାୟନ ଅଭ୍ୟାସ/ପ୍ରଶ୍ନାବଳୀ
- ଆସାଇନ୍‌ମେଣ୍ଟ୍ ଜରିଆରେ ନିରନ୍ତର ପ୍ରକ୍ରିୟା-(୧) ଶିକ୍ଷକ ମାନିତ ବ୍ୟାବହାରିକ ପ୍ରୟୋଗ ଆସାଇନ୍‌ମେଣ୍ଟ (୨) ପ୍ରାକ୍ଟିକାଲ କାର୍ଯ୍ୟକ୍ରମ, ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ, କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ ଏବଂ ଅଭ୍ୟାସ ଶିକ୍ଷାଦାନ ।
- ଅବଧି-ଶେଷ ପରୀକ୍ଷା ।

**କ) ଥିଓରୀ କୋର୍ସ**

**ପାଠ୍ୟକ୍ରମ ପାଇଁ ସ୍ଥିରୀକୃତ ଥିଓରୀ ପାଠ ନିମ୍ନ ମତେ:**

**ବିଭାଗ-୧- କେନ୍ଦ୍ରୀୟ ବିଷୟ**

୧) ଭାରତରେ ପ୍ରାଥମିକ ଶିକ୍ଷା:ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ

୨) ଅନ୍ତର୍ନିର୍ବେଶୀ ପରିସ୍ଥିତିରେ ଶିଶୁମାନଙ୍କୁ ବୁଝିବା

୩) ପ୍ରାଥମିକ ବିଦ୍ୟାଳୟରେ ଶୈକ୍ଷିକ ପ୍ରକ୍ରିୟା

୪) ଗୋଷ୍ଠୀ ଏବଂ ପ୍ରାରମ୍ଭିକ ଶିକ୍ଷା

**ବିଭାଗ-୨: ଶିକ୍ଷଣ ବିଷୟ**

୧) ପ୍ରାରମ୍ଭିକ ସ୍ତରରେ ଭାଷା ଶିକ୍ଷା

୨) ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷା

୩) ପ୍ରାରମ୍ଭିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷା

୪) ପ୍ରାରମ୍ଭିକ ସ୍ତରରରେ କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ଏବଂ କାର୍ଯ୍ୟ ଶିକ୍ଷା

**ବିଭାଗ - ୩: ଶିକ୍ଷଣ ବିଷୟ**

୧) ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷା

କିମ୍ୱା

୨) ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷା

**ଖ) ସ୍ୱ-ମୂଲ୍ୟାୟନ ଅଭ୍ୟାସ/ପରୀକ୍ଷା**

ପ୍ରତ୍ୟେକ ବିଷୟରେ ଆନୁଷ୍ଠାନିକ ଶିକ୍ଷା ସାଙ୍ଗକୁ ସ୍ୱ-ମୂଲ୍ୟାୟନ ପାଇଁ ପ୍ରତ୍ୟେକ ପାଠର ବିଭିନ୍ନ ବିଷୟରେ ଏନ୍‌ଆଇଓଏସ୍ କେତେକ ଅଭ୍ୟାସ/ପ୍ରଶ୍ନାବଳୀ ଛାତ୍ରଛାତ୍ରୀଙ୍କୁ ଯୋଗାଇଥାଏ । ଏଥିରେ କୌଣସି ନମ୍ବର ମିଳେ ନାହିଁ ସତ; ମାତ୍ର ବିଭିନ୍ନ ବିଷୟରେ ସେ କେତେ ଅବଗତ ଏହ ଛାତ୍ରଛାତ୍ରୀଙ୍କୁ ସ୍ୱ-ମୂଲ୍ୟାୟନ ଜରିଆରେ ସୂଚୀତ କରେ ।

### ଗ) ମିଆଦ-ଶେଷ ପରୀକ୍ଷା

ବାହ୍ୟ ପରୀକ୍ଷାର ପ୍ରତ୍ୟେକ ପ୍ରଶ୍ନପତ୍ର ନିମ୍ନରେ ଦିଆଯିବା ପରି ବିଭିନ୍ନ ପ୍ରକାର ପ୍ରଶ୍ନର ଏକ ସନ୍ତୁଳିତ ଆକାରର ହୋଇଥାଏ:

- ୧ ନମ୍ବର ବିଶିଷ୍ଟ ୧୫ଟି ଏକାଧିକ ପସନ୍ଦର ପ୍ରଶ୍ନ (MCQs) ୧୫(୧୫)
- ୧ ନମ୍ବର ବିଶିଷ୍ଟ ୧୫ଟି ଅତି ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ (VSA) ୧୫(୧୫)
- ୨ ନମ୍ବର ଲେଖାଏଁ ୧୦ଟି କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ (SA) ୨୦(୧୦)
- ୧୦ ନମ୍ବର ବିଶିଷ୍ଟ ୨ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ (LA) ୨୦(୦୨)

**ଦ୍ରଷ୍ଟବ୍ୟ:** ବନ୍ଧନୀ ବାହାରେ ଥିବା ସଂଖ୍ୟା ମୋଟ ନମ୍ବରକୁ ଏବଂ ମଧ୍ୟରେ ଥିବା ସଂଖ୍ୟା ପ୍ରଶ୍ନ ସଂଖ୍ୟା ସୂଚୀତ କରୁଛି ।

ପ୍ରତ୍ୟେକ ପାଠର ଦୁଇଟି ଭାଗ ରହିଛି ।

- ୭୦ ନମ୍ବରର ତତ୍ତ୍ୱଭିତ୍ତିକ ଭାଗ ଏବଂ
- ୩୦ ନମ୍ବରର ଆସାଇନ୍‌ମେଣ୍ଟ ଭାଗ; ଯାହା ମୁଖ୍ୟତ ନିର୍ଦ୍ଦିଷ୍ଟ ପାଠରେ ଅଭ୍ୟାସ ଆଧାରିତ

ଉଭୟ ଭାଗରେ ଜଣେ ପ୍ରାର୍ଥୀ ରଖିଥିବା ନମ୍ବରକୁ ମିଶାଇ ସମ୍ପୃକ୍ତ ପ୍ରାର୍ଥୀ ସମ୍ପୃକ୍ତ ବିଷୟରେ ମୋଟ କେତେ ନମ୍ବର ରଖିଛନ୍ତି ସ୍ଥିର କରାଯାଇଥାଏ ।

ସମସ୍ତ ଭାଗର ପ୍ରଶ୍ନପତ୍ର ଉଦ୍ଦିଷ୍ଟ ଢାଞ୍ଚା ଆଧାରିତ ।

ପ୍ରତ୍ୟେକ ପରୀକ୍ଷା ପାଇଁ ସେହି ନିର୍ଦ୍ଦିଷ୍ଟ ଢାଞ୍ଚା ଆଧାରରେ ପ୍ରଶ୍ନ/ପ୍ରଶ୍ନପତ୍ରର ପ୍ରାରୂପ ପ୍ରସ୍ତୁତ କରାଯାଏ ।

ପ୍ରଶ୍ନପତ୍ର ପ୍ରସ୍ତୁତକାରୀ ନିମ୍ନଲିଖିତ ଦିଗକୁ ଦୃଷ୍ଟି ଦେଇଥାନ୍ତି:

୧. ଉଦ୍ଦିଷ୍ଟ ଢାଞ୍ଚା ଆଧାରରେ ବ୍ଲୁପ୍ରିଣ୍ଟ (ପ୍ରାରୂପ) ପ୍ରସ୍ତୁତି

୨. ପ୍ରଶ୍ନପତ୍ର ଏବଂ ବିଦ୍ୟାର୍ଥୀଙ୍କୁ ନିର୍ଦ୍ଦେଶ

୩. ପ୍ରଶ୍ନପତ୍ରର ପ୍ରତ୍ୟେକ ପ୍ରଶ୍ନ ପାଇଁ ଉତ୍ତର ଏବଂ ମୂଲ୍ୟାଙ୍କନ ସଂଖ୍ୟା

୪. ନିମ୍ନ ମାପଦଣ୍ଡ ଆଧାରରେ ପ୍ରଶ୍ନପତ୍ରର ପ୍ରକାର ଅନୁସାରେ ସମୀକ୍ଷା ଆବଶ୍ୟକ:

- ଭିନ୍ନଭିନ୍ନ ପ୍ରକାର ଜରିଆରେ ଉଦ୍ଦେଶ୍ୟ ପରୀକ୍ଷଣ
- କେଉଁ ବିଷୟ ଆଧାରିତ
- ପ୍ରଶ୍ନର ପ୍ରକାର (LA, SA, VSA, MCQ)
- ଆକଳିତ ଜଟିଳତା ସ୍ତର (ସହଜ, ସ୍ୱାଭାବିକ, ଜଟିଳ)
- ପ୍ରଶ୍ନର ଉତ୍ତର ଲେଖିବା ପାଇଁ ଆବଶ୍ୟକ ସମୟ
- ପ୍ରତି ପ୍ରଶ୍ନ ବାବଦକୁ ନମ୍ବର

ପ୍ରଶ୍ନପତ୍ରର ପ୍ରତ୍ୟେକ ପ୍ରଶ୍ନ ସମୀକ୍ଷା/ସଂଶୋଧନ ସମୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାନକ ହୋଇଥାଏ ।

### ଘ) ପାଠ୍ୟ ଆଧାରିତ ଆସାଇନ୍‌ମେଣ୍ଟ

ପ୍ରତ୍ୟେକ ପାଠ ପାଇଁ ତିନିଟି ପାଠ୍ୟ ଆଧାରିତ ଆସାଇନ୍‌ମେଣ୍ଟ ରହିଛି । ତନ୍ମଧ୍ୟରୁ ଦୁଇଟି ତତ୍ତ୍ୱ ଆଧାରିତ (ଥିଓରୀ) ଏବଂ ଅନ୍ୟଟି ଅଭ୍ୟାସ ଆଧାରିତ । ଅଭ୍ୟାସ ଆଧାରିତ ଆସାଇନ୍‌ମେଣ୍ଟ ୧୦ ପ୍ରତିଶତ ନମ୍ବର ଏବଂ ତତ୍ତ୍ୱ ଆଧାରିତ ଦୁଇଟି ଆସାଇନ୍‌ମେଣ୍ଟ ୧୦% ନମ୍ବର ଲେଖାଏଁ ମୋଟ ୩୦% ରହିଛି ।

ଡ) ପ୍ରାକ୍ଟିକାଲ ବିଷୟ (ବିଦ୍ୟାଳୟରେ ଶିକ୍ଷଣ ଜ୍ଞାନର ଅଭ୍ୟାସ/ଇଣ୍ଟର୍ଣ୍ଣସିପ୍)

ପ୍ରାକ୍ଟିକାଲ ପାଠ ପାଇଁ ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ ଢାଞ୍ଚା ଆଧାରିତ ତିନିଟି ଦୃଷ୍ଟିକୋଣ ବିଶିଷ୍ଟ ମୂଲ୍ୟାୟନ ବ୍ୟବସ୍ଥା ରହିଛି ।

୧) ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ (SBA)ର ଦକ୍ଷତା ମୂଲ୍ୟାୟନ

୨) କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ(WBA)ର ଦକ୍ଷତା ମୂଲ୍ୟାୟନ

୩) ଅଭ୍ୟାସ ଶିକ୍ଷାଦାନ (PT)ର ଦକ୍ଷତା ମୂଲ୍ୟାୟନ

**୧. ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ (SBA)**

**ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ ୧୦୦ ନମ୍ବରର ଗୁରୁତ୍ୱ ବହନ କରେ ଯାହାର ତିନିଟି ଅଂଶ ରହିଛି**

| | |
|---|---|
| • ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଶିଶୁର ଏକ ଅନୁଧ୍ୟାନ | ୩୦ ନମ୍ବର |
| • ରେକର୍ଡ୍ ଏବଂ ରେଜିଷ୍ଟର ଅଭିଲେଖନ | ୩୫ ନମ୍ବର |
| • ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦାନ | ୩୫ ନମ୍ବର |
| | **ମୋଟ ୧୦୦ ନମ୍ବର** |

ପୁନଶ୍ଚ ଶେଷ ଦୁଇଟି ଅଂଶକୁ ସେଗୁଡ଼ିକର ଗୁରୁତ୍ୱ ଅନୁସାରେ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି:

ବିଭିନ୍ନ ଖାତା ଓ ନଥିର ରକ୍ଷଣାବେକ୍ଷଣ

| | |
|---|---|
| • ଛାତ୍ରଛାତ୍ରୀଙ୍କ ଅଗ୍ରଗତି ରିପୋର୍ଟ ପ୍ରସ୍ତୁତି | ୭ ନମ୍ବର |
| • ସ୍ୱଚ୍ଛ ବିବରଣୀ ପ୍ରତିବେଦନ (ସ୍ୱତନ୍ତ୍ର ନିରୀକ୍ଷଣ ଆଧାରିତ) | ୭ ନମ୍ବର |
| • ପାଠ୍ୟ ଡାଇରୀ/ନୋଟ୍ ପ୍ରସ୍ତୁତି | ୭ ନମ୍ବର |
| • ସମୟସୂଚୀ ପ୍ରସ୍ତୁତି ଏବଂ ବ୍ୟବସ୍ଥା/ବିକଳ୍ପ ଶ୍ରେଣୀ ସୂଚୀ ଆୟୋଜନ ଓ ବିକଳ୍ପ ଶ୍ରେଣୀ ଆୟୋଜନ | ୭ ନମ୍ବର |
| • ଛାତ୍ରଛାତ୍ରୀଙ୍କ ପାଇଁ ପାଠାଗାର, ବିଜ୍ଞାନାଗାର ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ରେକର୍ଡ୍ ପ୍ରସ୍ତୁତି | ୭ ନମ୍ବର |
| | **ମୋଟ ୩୫ ନମ୍ବର** |

**ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦାନ**

| | |
|---|---|
| • ପ୍ରାତଃ ସଭା ଏବଂ ଅନ୍ୟାନ୍ୟ ବୈଠକ ଆୟୋଜନ ଏବଂ ଏହାର ପଦ୍ଧତି ଓ ଫଳାଫଳ ରିପୋର୍ଟ ପ୍ରସ୍ତୁତି | ୭ ନମ୍ବର |
| • PTA/MTA/SMC (ବିଦ୍ୟାଳୟ ପରିଚାଳନା କମିଟି)ସଭାର ଆୟୋଜନ ଓ ଫଳାଫଳ ରିପୋର୍ଟ ପ୍ରସ୍ତୁତି | ୭ ନମ୍ବର |
| • ବିଦ୍ୟାଳୟରେ ସାମାଜିକ/ଜାତୀୟ ଉତ୍ସବାନୁଷ୍ଠାନ ଆୟୋଜନ | ୭ ନମ୍ବର |
| • ବାର୍ଷିକ କ୍ରୀଡ଼ା ଓ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଆୟୋଜନ | ୭ ନମ୍ବର |
| • ଭ୍ରମଣ/କ୍ଷେତ୍ର ପରିଦର୍ଶନ ଆୟୋଜନ | ୭ ନମ୍ବର |
| | **ମୋଟ ୩୫ ନମ୍ବର** |

ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମର ମୂଲ୍ୟାୟନ ମାପଦଣ୍ଡ ନିମ୍ନ ପ୍ରକାରର:

- ବିଷୟବସ୍ତୁର ପ୍ରାସଙ୍ଗିକତା
- ପ୍ରସ୍ତାବ/ଧାରଣାର ମୌଳିକତା
- ଉଦ୍‌ଭାବନ କୌଶଳ/ସୃଜନୀ
- ଶୈକ୍ଷିକ ପ୍ରସାର ଉପଯୋଗିତା

ଉପର ଲିଖିତ ମାପଦଣ୍ଡ ଆଧାରରେ ସମ୍ପୂର୍ଣ୍ଣ କାର୍ଯ୍ୟକଳାପ ବାବଦକୁ ନମ୍ବର ପ୍ରଦାନ କରାଯିବ ।

**୨.କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ (WBA)**

ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ପାଠ୍ୟକ୍ରମର ଦୁଇ ବର୍ଷରେ ବର୍ଷକୁ ୧୨ ଦିନ ଲେଖାଏଁ ଅବଧିର ଦୁଇଟି କର୍ମଶାଳା ବ୍ୟବସ୍ଥା ରହିଛି । ସମସ୍ତ କର୍ମଶାଳା କାର୍ଯ୍ୟକ୍ରମ ବର୍ଷକୁ ଏକତ୍ର ୧୦୦ ନମ୍ବରର ଗୁରୁତ୍ୱ ବହନ କରେ । ସେଗୁଡ଼ିକ ନିମ୍ନମତେ ବିଭକ୍ତ:

**ପ୍ରଥମ ବର୍ଷ:**

| | |
|---|---|
| • ଭାଷା, ଗଣିତ, ପରିବେଶ ଅଧ୍ୟୟନ, ବିଜ୍ଞାନ/ସାମାଜିକ ବିଜ୍ଞାନରେ ପାଠ୍ୟ ଖସଡ଼ା ପ୍ରସ୍ତୁତି (୬ X ୪) | ୨୪ ନମ୍ବର |
| • ଚାରିଟି ବିଷୟରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ସାମଗ୍ରୀ ଓ ଉପକରଣ ପ୍ରସ୍ତୁତି (୪ X ୪) | ୧୬ ନମ୍ବର |
| • ଯେକୌଣସି ଗୋଟିଏ ବିଷୟ ଆଧାରିତ ମୂଲ୍ୟାୟନର ସ୍ୱରୂପ ବିକାଶ | ୦୬ ନମ୍ବର |
| • ଢାଞ୍ଚା ଓ ନକ୍ସା ଆଧାରରେ ସନ୍ତୁଳିତ ପ୍ରଶ୍ନପତ୍ର ପ୍ରସ୍ତୁତି (୬ X ୪) | ୨୪ ନମ୍ବର |
| • ପ୍ରଦର୍ଶିତ ପାଠ ନିରୀକ୍ଷଣ | ୧୦ ନମ୍ବର |
| • ପ୍ରକ୍ରିୟା ମୂଲ୍ୟାୟନରେ ଅଂଶଗ୍ରହଣ | ୨୦ ନମ୍ବର |
| | **ମୋଟ ୧୦୦ ନମ୍ବର** |

**ଦ୍ୱିତୀୟ ବର୍ଷ:**

| | |
|---|---|
| • ଯେକୌଣସି ଦୁଇଟି ବିଷୟ (ଭାଷା, ଗଣିତ, ପରିବେଶ ବିଜ୍ଞାନ, ବିଜ୍ଞାନ/ସମାଜ ବିଜ୍ଞାନ)ରେ ଧାରଣା ପ୍ରସ୍ତୁତି(୮ X ୨) | ୧୬ ନମ୍ବର |
| • କଳା, ଶାରୀରିକ ଓ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ଶିକ୍ଷାରେ ଯୋଗଦାନ (୩ X ୮) | ୨୪ ନମ୍ବର |
| • ସମୟସୂଚୀ/ବାର୍ଷିକ କ୍ୟାଲେଣ୍ଡର ସମୀକ୍ଷା | ୧୦ ନମ୍ବର |
| • ବିଦ୍ୟାଳୟ ଗୋଷ୍ଠୀ ସମ୍ପର୍କ | ୧୦ ନମ୍ବର |
| • ପାଠଚକ୍ର ଆୟୋଜନ/ଉପସ୍ଥାପନ | ୨୦ ନମ୍ବର |
| • ପ୍ରକ୍ରିୟା ମୂଲ୍ୟାୟନରେ ଅଂଶଗ୍ରହଣ | ୨୦ ନମ୍ବର |
| | **ମୋଟ ୧୦୦ ନମ୍ବର** |

**୩. ଅଭ୍ୟାସ ଶିକ୍ଷାଦାନ (PT)**

ଜଣେ ଶିକ୍ଷକ ପ୍ରଶିକ୍ଷାର୍ଥୀ ଚାରିଟି ବିଷୟ(ଭାଷା, ଗଣିତ, ପରିବେଶ ଅଧ୍ୟୟନ ଏବଂ ବିଜ୍ଞାନ/ସାମାଜିକ ବିଜ୍ଞାନ)ରେ ୧୦ଟି ଲେଖାଏଁ ଅଭ୍ୟାସ ଶିକ୍ଷାଦାନ ପ୍ରଦାନ କରିବା ଆବଶ୍ୟକ । ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରାଇବାକୁ ଜଣେ ମାର୍ଗଦର୍ଶକ ଓ ପର୍ଯ୍ୟବେକ୍ଷକ (ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ)ଙ୍କୁ ନିଯୁକ୍ତ କରାଯିବ । ମାର୍ଗଦର୍ଶକ ୭ଟି ଅଭ୍ୟାସ ଶିକ୍ଷାଦାନରୁ ଅତି କମ୍‌ରେ ୫ଟି ଏବଂ ପର୍ଯ୍ୟବେକ୍ଷକ ୩ଟିରୁ ୨ଟିକୁ ତଦାରଖ କରିବେ ।

ଅଭ୍ୟାସ ଶିକ୍ଷାଦାନରେ ଜଣେ ପ୍ରାର୍ଥୀଙ୍କ ଦକ୍ଷତା ମୂଲ୍ୟାୟନ ପାଇଁ ନିମ୍ନଲିଖିତ ମାପଦଣ୍ଡ ରହିଛି:

- ପାଠ୍ୟ ଯୋଜନା
- ବିଷୟଗତ ଦକ୍ଷତା
- ଶିକ୍ଷକଙ୍କ ମାର୍ଗଦର୍ଶନ
- କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଏବଂ ଏହାର ପରିଚାଳନା
- ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ
- ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଅଭ୍ୟାସ ଶିକ୍ଷାଦାନ ପ୍ରକ୍ରିୟାର ମୂଲ୍ୟାୟନ

ପ୍ରାରମ୍ଭିକ ପର୍ଯ୍ୟାୟରେ ସୁବିଧା ପାଇଁ ପ୍ରତ୍ୟେକ ପାଠକୁ ୭୫ ନମ୍ବରରେ ମୂଲ୍ୟାୟନ କରାଯିବ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତ୍ୟେକ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ବାବଦରେ ଅଭ୍ୟାସ ଶିକ୍ଷାଦାନ ରିପୋର୍ଟ ଦାଖଲ କରିବେ । ପ୍ରଶିକ୍ଷାର୍ଥୀଙ୍କ ଚରିତ୍ର, ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକଳାପରେ ଅଂଶଗ୍ରହଣ, ବିଦ୍ୟାଳୟ କାର୍ଯ୍ୟରେ ଯୋଗଦାନ,ଶିକ୍ଷାଦାନ, ମୌଳିକତା ଏବଂ ଅଭିନବତା ମୂଲ୍ୟାୟନ ଅବଶିଷ୍ଟ ୨୫ ନମ୍ବରରେ କରାଯିବ ।

ଅଭ୍ୟାସ ଶିକ୍ଷାଦାନ ପାଇଁ ମୋଟ ଗୁରୁତ୍ୱ ୭୫ ନମ୍ବର ଥିବାରୁ ଜଣେ ଶିକ୍ଷକ ପ୍ରଶିକ୍ଷାର୍ଥୀ ପାଇଥିବା ନମ୍ବର ଜାଣିବା ପାଇଁ ଶିକ୍ଷାଦାନ ହୋଇଥିବା ସମସ୍ତ ୪୦ଟି ପାଠରେ ମିଳିଥିବା ନମ୍ବରକୁ ମିଶାଇ ନିରୀକ୍ଷଣ କରାଯାଇଥିବା ପାଠ ସଂଖ୍ୟାରେ ବିଭାଜନ କରାଯାଇଥାଏ । ଏହା ସହ ପ୍ରଧାନ ଶିକ୍ଷକଙ୍କ ମୂଲ୍ୟାୟନରୁ ଉପଲବ୍ଧ (୨୫ ନମ୍ବରରୁ ମିଳିଥିବା ନମ୍ବର) ନମ୍ବରକୁ ଯୋଗ କରାଯାଇ ମୋଟ ନମ୍ବର ନିର୍ଦ୍ଧାରଣ କରାଯାଏ । ୨୦୦ ନମ୍ବରର ଅଭ୍ୟାସ ଶିକ୍ଷାଦାନ ଥିବାରୁ ପ୍ରମାଣନ ପାଇଁ ମୋଟ ନମ୍ବରକୁ ୨ରେ ଗୁଣନ କରିବାକୁ ହୁଏ ।

ଶିକ୍ଷାଦାନ ଦକ୍ଷତା ପ୍ରସ୍ତୁତି ପ୍ରୋଫାଇଲ୍‌ରେ ଲିଖନ, ପରୀକ୍ଷଣ ପାଇଁ ସ୍ଥାନ ସମେତ ରେଟିଂ ସ୍କେଲ୍ ପରି ବିଭିନ୍ନ ମାପଦଣ୍ଡ ରହିଛି; ଯାହାକୁ ମାର୍ଗଦର୍ଶକ/ପର୍ଯ୍ୟବେକ୍ଷକ ନିରୀକ୍ଷଣ କରି ଅଭିଲିଖନ କରିବେ ।

| **ମୂଲ୍ୟାୟନ ମାପଦଣ୍ଡ** | ସର୍ବାଧିକ ନମ୍ବର | ପାଇଥିବା ନମ୍ବର | ମନ୍ତବ୍ୟ |
|---|---|---|---|
| ପାଠ୍ୟ ଯୋଜନା (ଖସଡ଼ା) | ୨୦ | | |
| ବିଷୟଗତ ଦକ୍ଷତା | ୧୫ | | |
| ଶିକ୍ଷକଙ୍କ ମାର୍ଗଦର୍ଶନ | ୧୫ | | |
| ଶିକ୍ଷାଦାନରେ ବିଦ୍ୟାର୍ଥୀଙ୍କ ଅଂଶଗ୍ରହଣ ଓ ପରିଚାଳନା | ୧୫ | | |
| ବିଦ୍ୟାର୍ଥୀ ମୂଲ୍ୟାୟନ | ୧୦ | | |
| ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଅଭ୍ୟାସ ଶିକ୍ଷାଦାନ ମୂଲ୍ୟାୟନ | ୨୫ | | |
| ମୋଟ | ୧୦୦X୨=୨୦୦ | | |

**ପ୍ରମାଣନ ପାଇଁ ଗ୍ରେଡ୍ ନିର୍ଦ୍ଧାରଣ**

ଜଣେ ପ୍ରଶିକ୍ଷାର୍ଥୀ ପାଠ୍ୟକ୍ରମର ବିଭିନ୍ନ ବିଭାଗରେ ଉପର ଲିଖିତ ପରି ପ୍ରାପ୍ତ ନମ୍ବରକୁ ନିମ୍ନ ପ୍ରକାରରେ ଏକ ପାଞ୍ଚସୂତ୍ରୀ ମାନକରେ ଗ୍ରେଡ୍‌କୁ ପରିବର୍ତ୍ତନ କରାଯାଏ:

| ନମ୍ବର ଶ୍ରେଣୀ (ପ୍ରତିଶତରେ) | ଅକ୍ଷର ଗ୍ରେଡ୍ |
|---|---|
| ୮୫ରୁ ୧୦୦ | A |
| ୭୦ରୁ ୮୪ | B |
| ୫୫ରୁ ୬୯ | C |
| ୪୦ରୁ ୫୪ | D |
| ୪୦ରୁ କମ | E |

ଜଣେ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ, କର୍ମଶାଳା ଆଧାରିତ କାର୍ଯ୍ୟକ୍ରମ ଏବଂ ଅଭ୍ୟାସ ଶିକ୍ଷାଦାନରେ ପାଇଥିବା ନମ୍ବର ଚୂଡ଼ାନ୍ତ ଏବଂ ଯୋଗ୍ୟ ପାଇଁ ପୃଥକ୍ ପୃଥକ୍ ଭାବେ ୫୦% ନମ୍ବର ରଖିବା ଜରୁରୀ । କେନ୍ଦ୍ରୀୟ ପାଠ୍ୟକ୍ରମକୁ ବିଚାରକୁ ନେଲେ ପ୍ରାଥମିକ ସ୍ତରରେ ଶୈକ୍ଷିକ ବିଷୟ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ଶୈକ୍ଷିକ ବିଷୟ ପାଇଁ ଡି (୪୦%)ଗ୍ରେଡ୍ ଯୋଗ୍ୟ ଗ୍ରେଡ୍‌ଭାବେ ଗ୍ରହଣ କରାଯାଏ । ଯେଉଁମାନେ ଡି ଗ୍ରେଡ୍‌ଠାରୁ କମ୍ ଗ୍ରେଡ୍ ପାଇଥାନ୍ତି, ସେମାନେ ଡି ଗ୍ରେଡ୍ ପାଇଁ ଦୁଇ ବର୍ଷ ବା ପ୍ରତି ବର୍ଷ ମେ' ଓ ନଭେମ୍ବରରେ ହେଉଥିବା ପରବର୍ତ୍ତୀ ପରୀକ୍ଷା ଦେଇ ପାରିବେ । ଇଚ୍ଛୁକ ପରୀକ୍ଷାର୍ଥୀମାନେ ପାଇଥିବା ଗ୍ରେଡ୍‌କୁ ବଢ଼ାଇବା ପାଇଁ ପୂର୍ବନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନର ନିୟମ ଅନୁଯାୟୀ ପରୀକ୍ଷାଫିସ୍ ଦାଖଲ କରି ପୁନର୍ବାର ପରୀକ୍ଷା ଦେଇପାରିବେ ।

ଜଣେ ପରୀକ୍ଷାର୍ଥୀ ପ୍ରାକ୍ଟିକାଲ୍ ସହିତ ପାଠ୍ୟକ୍ରମ ଭିତ୍ତିକ ଦତ୍ତକାର୍ଯ୍ୟ ରେ ସର୍ବନିମ୍ନ '$D$' ଗ୍ରେଡ(୪୦%) ଓ ପ୍ରାକ୍ଟିକାଲରେ ୫୦% ନମ୍ବର ରଖିବା ସହିତ (ପ୍ରଥମ ଓ ଦ୍ୱିତୀୟ ବର୍ଷରେ) ପ୍ରତ୍ୟେକ ବର୍ଷ ସ୍ୱତନ୍ତ୍ର ଭାବରେ ସର୍ବମୋଟ ୪୫% ନମ୍ବର ରଖିଲେ ସାର୍ଟିଫିକେଟ ହାସଲ କରିବାପାଇଁ ମନୋନୀତ ହୋଇପାରିବେ ।

## ଡି.ଇ.ଏଲ୍.ଇଡି ପାଠ୍ୟକ୍ରମର ମୂଲ୍ୟାୟନ ଯୋଜନା

| କ୍ରମିକ ନଂ | ପାଠ୍ୟକ୍ରମର ନାମ | ବାହ୍ୟ/ ପୂର୍ଣ୍ଣସଂଖ୍ୟା | ପାଶ୍ ସଂଖ୍ୟା (ନମ୍ବର) | ଦତ୍ତକାର୍ଯ୍ୟ / ଆଭ୍ୟନ୍ତରୀଣ (ନମ୍ବର) | ପାଶ୍ ସଂଖ୍ୟା (ନମ୍ବର) | ମୋଟ |
|---|---|---|---|---|---|---|
| | | | ପ୍ରଥମ ବର୍ଷ | | | |
| ୧. | ୫୦୧-ଭାରତରେ ପ୍ରାରମ୍ଭିକ ଶିକ୍ଷା- ଏକ ସାମାଜିକ-ସାଂସ୍କୃତିକ ଦୃଷ୍ଟିକୋଣ | ୭୦ | ୨୮ | ୩୦ | ୧୨ | ୧୦୦ |
| ୨. | ୫୦୨-ପ୍ରାରମ୍ଭିକ ବିଦ୍ୟାଳୟରେ ଶୈକ୍ଷିକ ପ୍ରକ୍ରିୟା | ୭୦ | ୨୮ | ୩୦ | ୧୨ | ୧୦୦ |
| ୩. | ୫୦୩- ପ୍ରାରମ୍ଭିକ ସ୍ତରରେ ଭାଷା ଶିକ୍ଷଣ | ୭୦ | ୨୮ | ୩୦ | ୧୨ | ୧୦୦ |
| ୪. | ୫୦୪- ପ୍ରାରମ୍ଭିକ ସ୍ତରରେ ଗଣିତ ଶିକ୍ଷଣ | ୭୦ | ୨୮ | ୩୦ | ୧୨ | ୧୦୦ |
| ୫. | ୫୦୫- ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷଣ | ୭୦ | ୨୮ | ୩୦ | ୧୨ | ୧୦୦ |
| ୬. | **ବିଦ୍ୟାଳୟରେ ତାଲିମ ପରବର୍ତ୍ତୀ ଅଭ୍ୟାସ ଶିକ୍ଷାଦାନ** | | | | | |
| (କ) | ୫୧୧- ବିଦ୍ୟାଳୟଭିତ୍ତିକ କାର୍ଯ୍ୟାବଳୀ | - | - | ୧୦୦ | ୫୦ | ୧୦୦ |
| (ଖ) | ୫୧୨- କର୍ମଶାଳାଭିତ୍ତିକ କାର୍ଯ୍ୟାବଳୀ | - | - | ୧୦୦ | ୫୦ | ୧୦୦ |
| | ମୋଟ | ୩୫୦ | | ୩୫୦ | - | ୭୦୦ |
| | | | | | | ହାରାହାରି ୪୫%=୩୧୫ |

| | | | | | | |
|---|---|---|---|---|---|---|
| | **ଦ୍ୱିତୀୟ ବର୍ଷ** | | | | | |
| ୧. | ୫୦୬- ଅନ୍ତର୍ନିବେଶୀ ପରିସ୍ଥିତିରେ ପିଲାଙ୍କୁ ବୁଝିବା | ୭୦ | ୨୮ | ୩୦ | ୧୨ | ୧୦୦ |
| ୨. | ୫୦୭- ଗୋଷ୍ଠୀ ଓ ପ୍ରାରମ୍ଭିକ ଶିକ୍ଷା | ୭୦ | ୨୮ | ୩୦ | ୧୨ | ୧୦୦ |
| ୩. | ୫୦୮- ପ୍ରାରମ୍ଭିକ ସ୍ତରରେ କଳା, ସ୍ୱାସ୍ଥ୍ୟ ଶାରୀରିକ ଓ କର୍ମଭିତ୍ତିକ ଶିକ୍ଷାର ଶିକ୍ଷଣ | ୭୦ | ୨୮ | ୩୦ | ୧୨ | ୧୦୦ |
| ୪. | ୫୦୯- ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣ | ୭୦ | ୨୮ | ୩୦ | ୧୨ | ୧୦୦ |
| **୫.** | **ବିଦ୍ୟାଳୟରେ ତାଲିମ ପରବର୍ତ୍ତୀ ଅଭ୍ୟାସ ଶିକ୍ଷାଦାନ** | | | | | |
| (କ) | ୫୧୩- "କର୍ମଶାଳା ଭିତ୍ତିକ କାର୍ଯ୍ୟାବଳୀ" | - | - | ୧୦୦ | ୫୦ | ୧୦୦ |
| (ଖ) | ୫୧୪- "ଅଭ୍ୟାସ ଶିକ୍ଷାଦାନ" | - | - | ୨୦୦ | ୧୦୦ | ୨୦୦ |
| | ମୋଟ | ୨୮୦ | - | ୪୨୦ | - | ୭୦ |
| | | | | | | ହାରାହାରି ୪୫%=୩୧୫ |
| | ସର୍ବମୋଟ | ୬୩୦ | - | ୭୭୦ | - | ୧୪୦୦ |

**ଦ୍ରଷ୍ଟବ୍ୟ-** ବାହ୍ୟ ଥିଓରୀ ପରୀକ୍ଷା ୭୦ନମ୍ବର ପାଇଁ ୩ଘଣ୍ଟା ସମୟଦିଆଯିବ ।

## ପରୀକ୍ଷା ଖାତାର ପୁନଃ ତନଖି ଓ ପୁନଃ ମୂଲ୍ୟାୟନ

ଯଦି ଆପଣ ପରୀକ୍ଷା (ମୁଖ୍ୟ) ଦେଇ ଫଳାଫଳରେ ସନ୍ତୁଷ୍ଟ ନୁହଁନ୍ତି ତେବେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ଆପଣଙ୍କୁ ପରୀକ୍ଷା ଖାତାର ପୁନଃ ତନଖି ପାଇଁ ସୁଯୋଗ ଦେବ । ଏଥିରେ ପୁନର୍ବାର ସଂପୂର୍ଣ୍ଣ (ସମୁଦାୟ) ନମ୍ବରର ଯୋଗ କରାଯିବା ସହିତ କୌଣସି ପ୍ରଶ୍ନ ମୂଲ୍ୟାୟନ ନହୋଇ ଛଡାଯାଇନଥିବା ନିଶ୍ଚିତ କରାଯିବ । ମନେରଖନ୍ତୁ ପୁନଃ ତନଖି ସମୟରେ ଉତ୍ତରଗୁଡିକର ପୁନଃ ମୂଲ୍ୟାୟନ କରାଯିବ ନାହିଁ, ପୁନଃ ମୂଲ୍ୟାୟନ ପାଇଁ ଆପଣଙ୍କୁ ସ୍ୱତନ୍ତ୍ର ଭାବରେ ଆବେଦନ କରିବାକୁ ପଡିବ । ଫଳାଫଳ ଘୋଷଣା ହେବାର ୩୦ଦିନ ମଧ୍ୟରେ ଯେକୌଣସି ବିଷୟରେ ପୁନଃ ତନଖି ଏବଂ ପୁନଃ ମୂଲ୍ୟାୟନ ପାଇଁ ଆପଣ ଆବେଦନ କରି ପାଇବେ । ନିର୍ଦ୍ଧାରିତ ଫର୍ମରେ ସଂପୃକ୍ତ ଶିକ୍ଷା କେନ୍ଦ୍ରର ସଂଯୋଜକଙ୍କୁ ପରୀକ୍ଷାଖାତାର ପୁନଃ ତନଖି ଓ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିପାରିବେ । ପ୍ରତ୍ୟେକ ବିଷୟର ଉତ୍ତର ଖାତା ପୁନଃତନଖି ଏବଂ ପୁନଃ ମୂଲ୍ୟାୟନ ପାଇଁ ଯଥାକ୍ରମେ ଟ୩୦୦/ଙ୍କା (ତିନିଶହ) ଓ ଟ୮୦୦ଙ୍କା (ଆଠଶହ) ସ୍ୱତନ୍ତ୍ର ଭାବରେ ଦାଖଲ କରାଯିବ । ନିର୍ଦ୍ଧାରିତ ଫିସ୍ ସଂପାଦକ, ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ, ନୋଇଡାଙ୍କ ଠିକଣାରେ ବ୍ୟାଙ୍କ୍ ଡ୍ରାଫ୍ଟ ଜରିଆରେ ପୈଠକରାଯିବ । ଦରଖାସ୍ତ ଗ୍ରହଣର ୪୫ଦିନ ମଧ୍ୟରେ ପୁନଃ ତନଖି ଓ ପୁନଃ ମୂଲ୍ୟାୟନ କାର୍ଯ୍ୟ ସମାପ୍ତ କରାଯିବ । ମାତ୍ର କୌଣସି ପରିସ୍ଥିତିରେ ଆପଣଙ୍କୁ କିମ୍ବା ଆପଣଙ୍କ ତରଫରୁ ଆସିଥିବା କୌଣସି ବ୍ୟକ୍ତିଙ୍କୁ ପରୀକ୍ଷା ଖାତା ଦେଖାଯିବ ନାହିଁ ।

## ୧୮. ପରୀକ୍ଷା ନିମନ୍ତେ ପୁନଃ ଆବେଦନ

ପରୀକ୍ଷାର୍ଥୀ ବ୍ୟକ୍ତିଗତ ଭାବରେ ତତ୍ତ୍ୱ (ଥିଓରୀ) ଏବଂ ପ୍ରାକ୍ଟିକାଲ୍ ବିଷୟରେ ସ୍ୱତନ୍ତ୍ର ଭାବରେ ନମ୍ବର ରଖିବା ଆବଶ୍ୟକ ବୋଲି ପୂର୍ବରୁ ସୂଚୀତ । ଯଦି କୌଣସି ପରୀକ୍ଷାର୍ଥୀ ସଂପୂର୍ଣ୍ଣ ଓ ଗୋଟିଏ ବିଷୟ ବା ଏହାର ଆଂଶିକ ଭାଗରେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନର ନିୟମ ଅନୁଯାୟୀ ଫିସ୍ ଦାଖଲ କରି କ୍ରମାନ୍ୱୟରେ ୩ଟି ସାମୟିକ ପରୀକ୍ଷା, ସମାପ୍ତି ପରୀକ୍ଷା ଦେଇ ପାଠ୍ୟକ୍ରମ ସଂପୂର୍ଣ୍ଣ କରିପାରିବେ ।

## ୧୯. ପ୍ରମାଣ ପତ୍ର ର ନକଲ ଓ ପରୀକ୍ଷା ପାଇଁ ଦେୟ

| କ୍ର.ନଂ | ବର୍ଣ୍ଣନା / କାର୍ଯ୍ୟ | ମୂଲ୍ୟ |
|---|---|---|
| ୦୧. | ପରିଚୟ ପତ୍ରର ନକଲ | ୧୦୦/- |
| ୦୨. | ମାନପତ୍ରର ନକଲ | ୨୦୦/- |
| ୦୩. | ମାର୍କସିଟ୍‌ର ନକଲ | ୨୦୦/- |
| ୦୪. | ମାର୍କସିଟ୍ ଯାଞ୍ଚ / ଉତ୍ତର ଖାତାର ପୁନଃ ଯାଞ୍ଚ | ୩୦୦/- (ପ୍ରତି ବିଷୟ) |
| ୦୫. | ଉତ୍ତର ପତ୍ରର ପୁନଃ ମୂଲ୍ୟାୟନ | ୮୦୦/- (ପ୍ରତି ବିଷୟ) |
| ୦୬. | ଜରୁରୀ ଅସ୍ଥାୟୀ ମାନପତ୍ର ନକଲ / ମାଇଗ୍ରେସନ୍ ପତ୍ର ଓ ଉତ୍ତର ପତ୍ର | ୪୦୦/- |
| ୦୭. | ସଂଶୋଧନ ପରେ ମାର୍କସିଟ, ଅସ୍ଥାୟୀ ମାନପତ୍ର ତଥା ପାଶ ପ୍ରମାଣପତ୍ର | ୨୦୦/- |
| ୦୮. | ଏନ୍.ଆଇ.ଓ.ଏସ୍. ନଥିପତ୍ର ଯାଞ୍ଚ (ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିଗତ ଶିକ୍ଷାର୍ଥୀ) | ୫୦୦/- |
| ୦୯. | ପରୀକ୍ଷାଦେୟ (ଥିଓରୀ, ପ୍ରାକ୍ଟିକାଲ ଓ ଆଭ୍ୟନ୍ତରୀଣ ସହ) | ୩୦୦/- (ପ୍ରତି ବିଷୟ) |

- ପରିଚୟ ପତ୍ରର ନକଲ ପାଇଁ FIR ସଲଗ୍ନ କରିବା ଉଚିତ୍ ।

## ୨୦. କାହାକୁ କ'ଣ ପାଇଁ ଭେଟିବେ -

| ସ୍ଥାନ / କେନ୍ଦ୍ର | ଅଭ୍ୟାସ କାର୍ଯ୍ୟର ପ୍ରକୃତି | ଶୈକ୍ଷିକ ସହ ଜଡ଼ିତ ବ୍ୟକ୍ତି |
|---|---|---|
| କାର୍ଯ୍ୟକେନ୍ଦ୍ର (ବିଦ୍ୟାଳୟ) | (କ) ବିଦ୍ୟାଳୟ ସହ ଜଡ଼ିତ କାର୍ଯ୍ୟକଳାପ | ପ୍ରଧାନ ଶିକ୍ଷକ / ଅଧକ୍ଷ / ବଶିଷ୍ଠଶିକ୍ଷକ (ସହାୟକ) ପରିଦର୍ଶନ (ଶିକ୍ଷକ ପ୍ରଶିକ୍ଷକ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) |
| | (ଖ) ଅଭ୍ୟାସ ଶିକ୍ଷାଦାନ | ପ୍ରଧାନ ଶିକ୍ଷକ / ଅଧକ୍ଷ / ବରିଷ୍ଠ ଶିକ୍ଷକ (ସହାୟକ) ପରିଦର୍ଶନ (ଶିକ୍ଷକ ପ୍ରଶିକ୍ଷକ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) |
| ପଠନ କେନ୍ଦ୍ର | (କ) କାର୍ଯ୍ୟଭିତ୍ତିକ କାର୍ଯ୍ୟକଳାପ | ପ୍ରଶିକ୍ଷଣ ସଂଯୋଜକ / ସାଧନ କର୍ମୀ |
| | (ଖ) ବିଷୟ ଭିତ୍ତିକ ନ୍ୟସ୍ତ କାର୍ଯ୍ୟ | ଶିକ୍ଷା କେନ୍ଦ୍ର ସଂଯୋଜକ |

ଏନ୍‌ଆଇଓଏସ୍ ଅଧ୍ୟୟନ କେନ୍ଦ୍ର/କର୍ମଶାଳା କେନ୍ଦ୍ର.........................

**D.El.Ed. ପାଠ୍ୟକ୍ରମ**

**D.El.Ed.ପାଠ୍ୟକ୍ରମ କର୍ମଶାଳା-୧ ପାଇଁ ପ୍ରଶିକ୍ଷାର୍ଥୀଙ୍କ ପ୍ରବେଶପତ୍ର**

| ପ୍ରେରକ: | ପ୍ରାପକ: | କ୍ରମାଙ୍କ: |
|---|---|---|
| ଅଧ୍ୟୟନ କେନ୍ଦ୍ର/କର୍ମଶାଳା କେନ୍ଦ୍ର ସଂଯୋଜକ | ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଠିକଣା | ତାରିଖ: |
| ------------------ | ------------------ | |
| ------------------ | ------------------ | |
| ------------------ | ------------------ | |
| ------------------ | ------------------ | |

ପ୍ରିୟ ଶିକ୍ଷକ ପ୍ରଶିକ୍ଷାର୍ଥୀ,

ଆପଣଙ୍କୁ ସୂଚିତ କରାଯାଉଛି କି କର୍ମଶାଳା-୧ ବାର ଦିନ ପାଇଁ -------------(ତାରିଖ ଓ ବାର)ରୁ -------------(ତାରିଖ ଓ ବାର) ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ ।

- ପ୍ରଥମ ଦିବସରେ ପୂର୍ବାହ୍ନ ୯ ଘଟିକାରେ ଉପସ୍ଥିତ ହୁଅନ୍ତୁ
- ପ୍ରବେଶପତ୍ର ପ୍ରଦର୍ଶନ କରନ୍ତୁ ଏବଂ ଏହାର ଏକ କିତା ନକଲ ଦାଖଲ କରନ୍ତୁ
- ଏନ୍‌ଆଇଓଏସ୍ ପରିଚୟପତ୍ର ପ୍ରଦର୍ଶନ କରନ୍ତୁ ଏବଂ ଏହାର ଏକ କିତା ନକଲ ଦାଖଲ କରନ୍ତୁ
- କର୍ମଶାଳାକୁ ଆସିବାର ଯଥେଷ୍ଟ ପୂର୍ବରୁ ପ୍ରାକ୍ଟିକାଲ ପ୍ରକରଣ ପୁସ୍ତିକା (ଡବ୍ଲ୍ୟୁ.ବି.ଏ. ପାଠ୍ୟକ୍ରମ ମାର୍ଗଦର୍ଶିକାର ନିୟମାବଳୀ) ଭଲଭାବେ ଅଧ୍ୟୟନ କରନ୍ତୁ
  - କର୍ମଶାଳା-୧ ଏବଂ କର୍ମଶାଳା-୨ ଏନ୍‌ଆଇଓଏସ୍ ଡି.ଏଲ୍.ଏଡ୍. ପାଠ୍ୟକ୍ରମର ବାଧ୍ୟତାମୂଳକ ଅଂଶବିଶେଷ
  - ଏହା ବୋର୍ଡ଼ ପରୀକ୍ଷା ସଦୃଶ
  - ପ୍ରତ୍ୟେକ ଦିନ ଏବଂ ପ୍ରତ୍ୟେକ ଅଧିବେଶନରେ ଶତପ୍ରତିଶତ ଉପସ୍ଥାନ ଆବଶ୍ୟକ । ଏଥିରେ କୌଣସି ପ୍ରକାର କୋହଳ ବ୍ୟବସ୍ଥା ନାହିଁ ।
  - ପ୍ରତ୍ୟହ ଗୋଟିଏ ବା ଦୁଇଟି ଆସାଇନ୍‌ମେଣ୍ଟ ରହିବ; ଯାହାକୁ ତା' ପରଦିନ ନିଶ୍ଚିତ ଦାଖଲ କରାଯିବ । ଏଥି ପାଇଁ ଆପଣଙ୍କୁ ପ୍ରତ୍ୟେକ ରାତିରେ ଦୁଇରୁ ତିନି ଘଣ୍ଟା ଏବଂ ପରଦିନ ସକାଳେ ମଧ୍ୟ ଘଣ୍ଟାଏରୁ ଦୁଇ ଘଣ୍ଟା କଠିନ ପରିଶ୍ରମ କରିବାକୁ ପଡ଼ିବ ।
  - ଉପରଲିଖିତ କାର୍ଯ୍ୟକୁ ଦୃଷ୍ଟିରେ ରଖି ଆପଣଙ୍କୁ ଅଧ୍ୟୟନ କେନ୍ଦ୍ରର ନିକଟବର୍ତ୍ତୀ କୌଣସି ସ୍ଥାନରେ ଅବସ୍ଥାନ କରିବାକୁ ପଡ଼ିବ ।

ବିଳମ୍ବରେ ଆସିଲେ କିମ୍ବା ସଅଳ ଶିବିର ଛାଡ଼ିଲେ ଅଥବା ଅଧିବେଶନରେ ଉପସ୍ଥିତ ନରହିଲେ କର୍ମଶାଳା ଚାଲୁରଖିବାକୁ ଅନୁମତି ମିଳିବ ନାହିଁ ।

**ଗୁରୁତ୍ୱପୂର୍ଣ୍ଣ:** ଆପଣ ନିମ୍ନଲିଖିତ ଗୁଡ଼ିକୁ କର୍ମଶାଳା-୧କୁ ଆଣିବା ଉଚିତ

- ବିଦ୍ୟାଳୟ ଆଧାରିତ କାର୍ଯ୍ୟକ୍ରମ ରେକର୍ଡ଼ ବା ପଞ୍ଜିକା (ଏସ୍‌ବିଏ)
- ପାଠ୍ୟକ୍ରମ ମାର୍ଗଦର୍ଶିକା ଏବଂ ଆସାଇନ୍‌ମେଣ୍ଟ ବୁକ୍‌ଲେଟ୍
- ସମସ୍ତ ପାଠ୍ୟ ପୁସ୍ତିକା- କୋର୍ସ କୋଡ୍ ୫୦୧, ୫୦୨, ୫୦୩, ୫୦୪ ଏବଂ ୫୦୫
- ପିସିପି ଏବଂ ବ୍ୟାବହାରିକ ପ୍ରକରଣ ପୁସ୍ତିକା
- ବିଦ୍ୟାଳୟ ପାଠ୍ୟ ପୁସ୍ତିକା
- କର୍ମଶାଳା ଆସାଇନ୍‌ମେଣ୍ଟ ଲିଖନ ନିମିତ୍ତ ୨୦୦ପୃଷ୍ଠା ସାଦା କାଗଜ
- ଷ୍ଟେପ୍‌ଲର, ଷ୍ଟେପ୍‌ଲର ପିନ୍, ଅଠା, ବହୁରଙ୍ଗୀୟ ସ୍କେଚ୍‌ପେନ୍, ସ୍କେଲ୍, ପେନ୍‌ସିଲ୍, ରବର ଇତ୍ୟାଦି
- ଆସାଇନ୍‌ମେଣ୍ଟ ଓ ସେହି ପ୍ରକାର ଅନ୍ୟ କାଗଜ ରଖିବା ପାଇଁ ଏକ ଶକ୍ତ ଓ ଉତ୍ତମ ନଥି ମଲାଟ

କର୍ମଶାଳାରେ ଆପଣଙ୍କ ଉପସ୍ଥିତି ଏବଂ ଶୁଭକାମନା ସହ

ଆପଣଙ୍କର ଶୁଭେଚ୍ଛୁ

(ଅଧ୍ୟୟନ କେନ୍ଦ୍ର/କର୍ମଶାଳା ସଂଯୋଜକ)

## ଏନ୍‌ଆଇଓଏସ୍ ଅଧ୍ୟୟନ କେନ୍ଦ୍ର/କର୍ମଶାଳା କେନ୍ଦ୍ର...................
## ଡି.ଏଲ୍.ଏଡ୍ ପାଠ୍ୟକ୍ରମ

(ଛାତ୍ରଛାତ୍ରୀମାନେ ଏହି ପ୍ରୋଫର୍ମାର ଖାଲି ଥିବା ଏକ କିତା ଏବଂ ପୂରଣ ହୋଇଥିବା ଏକକିତା ନକଲ ରଖିବା ଉଚିତ)

କାର୍ଯ୍ୟରତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପ୍ରମାଣପତ୍ର ଏବଂ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଘୋଷଣାନାମା

(ପୂରଣ ହୋଇଥିବା ପ୍ରୋଫର୍ମାର ଏକ କିତା ନକଲ ବିଦ୍ୟାଳୟ ରଖିବା ବିଧେୟ)

ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କପାଇଁ ସମ୍ପ୍ରତି କାର୍ଯ୍ୟରତ ବିଦ୍ୟାଳୟ (ୱାର୍କିଂ ସ୍କୁଲ)ର ପ୍ରଧାନ ଶିକ୍ଷକଙ୍କଠାରୁ ପ୍ରମାଣପତ୍ର ।

(ପ୍ରଧାନ ଶିକ୍ଷକ ହିଁ ପୂରଣ କରିବେ)

ପ୍ରମାଣିତ ଯେ

୧. ଶ୍ରୀ/ଶ୍ରୀମତୀ............................................................................(ସମ୍ପୂର୍ଣ୍ଣ ନାମ) ଏହି ବିଦ୍ୟାଳୟର ଜଣେ ଶିକ୍ଷକ ଏବଂ ତା..............................ରୁ ତା......................... ପର୍ଯ୍ୟନ୍ତ ଏନ୍‌ଆଇଓଏସ୍ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷାରେ ଡିପ୍ଲୋମା (D.El.Ed.)ପାଠ୍ୟକ୍ରମର ଜଣେ ପ୍ରଶିକ୍ଷାର୍ଥୀ ।

